ଆଜି - ଗୁରୁବାର
ତାରିଖ - ୩୦ ଅପ୍ରେଲ ୨୦୨୬
ମାସ - ମେଷ, ଦିନ - ୧୭
ତିଥି - ଚତୁର୍ଦ୍ଦଶୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ଚିତ୍ରା, କନ୍ୟା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୨: ୦୦
ସୂର୍ଯ୍ୟାସ୍ତ - ୬ : ୦୬ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ଯେଉଁଦିନ ଜୀବନର ଚଲାପଥରେ ଆମେ କୌଣସି ସମସ୍ୟାର ସମ୍ମୁଖୀନ ନହେଉ, ସେଦିନ ନିଶ୍ଚିତ ହୋଇଯିବା ଉଚିତ ଯେ ଆମେ ଭୁଲ୍ ବାଟରେ ଚାଲୁଛୁ ।"

- ସ୍ୱାମୀ ବିବେକାନନ୍ଦ

E-News : www.Ajikali epaper.com

Vol.- 41 ISSUE- 17 R.N.I. REGD. No. 44026/86 ବାଲେଶ୍ୱର ୩୦ ଅପ୍ରେଲ ୨୦୨୬ ଗୁରୁବାର BALASORE 30 APRIL 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

## ଉତରପ୍ରଦେଶର ଗଙ୍ଗା ଏକ୍ସପ୍ରେସୱେର ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ : ଉତର ପ୍ରଦେଶର ଭିତିଭୂମି ଏବଂ ଆର୍ଥିକ ପ୍ରଗତି କ୍ଷେତ୍ରରେ ଆଜି ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ରାଜ୍ୟର ସବୁଠାରୁ ଲମ୍ବା 'ଗଙ୍ଗା ଏକ୍ସପ୍ରେସୱେ'ର ଲୋକାର୍ପଣ କରିଛନ୍ତି । ହରଦୋଇ ଜିଲ୍ଲାର ମଲ୍ଲୱାଁଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ପୂର୍ବାହ୍ନ ୧୧ଟାରେ ପ୍ରଧାନମନ୍ତ୍ରୀ ଏହି ୩୬,୨୩୦ କୋଟି ଟଙ୍କାର ମହତ୍ୱାକାଂକ୍ଷୀ ପ୍ରକଳ୍ପକୁ ଦେଶବାସୀଙ୍କୁ ଉତ୍ସର୍ଗ କରିଛନ୍ତି । ୫୯୪ କିଲୋମିଟର ଲମ୍ବା ଏହି ଏକ୍ସପ୍ରେସୱେ ପଶ୍ଚିମ ୟୁପିର ମେରଠକୁ ପୂର୍ବ ୟୁପିର ପ୍ରୟାଗରାଜ ସହିତ ସିଧାସଳଖ ଯୋଡ଼ିବ । ଏହା ଦ୍ୱାରା ପ୍ରଦେଶର ୧୨ଟି ଜିଲ୍ଲା ଏବଂ ପ୍ରାୟ ୫୧୯ଟି ଗ୍ରାମ ଉପକୃତ ହେବେ । କେବଳ ଯାତାୟାତ ନୁହେଁ, ଏହି ମାର୍ଗରେ ୧୨ଟି ଶିଳ୍ପ କରିଡର (ଇଂଟିଗ୍ରେଟେଡ୍ ମାନୁଫାକ୍ଚରିଂ ଏବଂ ଲଜିଷ୍ଟିକ୍ କ୍ଲଷ୍ଟର) ବିକଶିତ କରାଯାଉଛି, ଯାହା ଉତର ପ୍ରଦେଶର ଅର୍ଥନୀତି ପାଇଁ ଏକ ବଡ଼ ପରିବର୍ତନ ଆଣିବ । ଗଙ୍ଗା ଏକ୍ସପ୍ରେସୱେର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଶାହାଜାହାନପୁରର ଜଲାଲାବାଦ ନିକଟରେ ନିର୍ମିତ ୩.୫ କିଲୋମିଟର ଲମ୍ବା ଏୟାରଷ୍ଟ୍ରିପ୍ । ଦେଶର ଏହା ହେଉଛି ପ୍ରଥମ ଏକ୍ସପ୍ରେସୱେ ଯେଉଁଠାରେ ଜରୁରୀକାଳୀନ ପରିସ୍ଥିତି କିମ୍ବା ରାତି ସମୟରେ ମଧ ବାୟୁସେନାର ଲଢୁଆ ବିମାନ ଅବତରଣ କରିପାରିବ । ସୁରକ୍ଷା ଦୃଷ୍ଟିକୋଣରୁ ଏହା ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପ୍ରକଳ୍ପ ମାଧମରେ ହରଦୋଇ, ମିରଟ, ହାପୁଡ଼ ଏବଂ ରାୟବରେଲି ଭଳି ଜିଲ୍ଲାରେ ଶିଳ୍ପ କ୍ଲଷ୍ଟର ଗଢ଼ାଯାଉଛି । ଏହାଦ୍ୱାରା ସ୍ଥାନୀୟ କୃଷି ଓ ବ୍ୟାପାରକୁ ପ୍ରୋତ୍ସାହନ ମିଳିବା ସହ ଲକ୍ଷ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ରାଜନୈତିକ ଦୃଷ୍ଟିକୋଣରୁ ମଧ ଏହା ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ସରକାରଙ୍କ 'ବିକାଶବାଦ' ଏଜେଣ୍ଡାକୁ ଆହୁରି ମଜବୁତ କରିବ । ଏହି ଲୋକାର୍ପଣ ସହିତ ଭାରତର ସମୁଦାୟ ଏକ୍ସପ୍ରେସୱେ ନେଟୱାର୍କରେ ଉତର ପ୍ରଦେଶର ଅଂଶଧନ ୬୦ ପ୍ରତିଶତକୁ ବୃଦ୍ଧି ପାଇଛି । ରାଜ୍ୟରେ ୧୯୧୦ କିଲୋମିଟର ଏକ୍ସପ୍ରେସୱେ ନେଟୱାର୍କ ପ୍ରସ୍ତୁତ ହୋଇସାରିଛି । ୨୦୨୯ ସୁଦ୍ଧା ୩୨୦୦ କିଲୋମିଟର ପର୍ଯ୍ୟନ୍ତ ସଂଯୋଗୀକରଣ କରିବାକୁ ୟୁପିଡା ଲକ୍ଷ୍ୟ ରଖିଛି । ଏହି ଏକ୍ସପ୍ରେସୱେ ମିରଟ, ହାପୁଡ଼, ବୁଲନ୍ଦସହର, ଅମରୋହା, ସମ୍ଭଲ, ବଦାୟୁଁ, ଶାହାଜାହାନପୁର, ହରଦୋଇ, ଉନ୍ନାଓ, ରାୟବରେଲି, ପ୍ରତାପଗଡ଼ ଏବଂ ପ୍ରୟାଗରାଜକୁ ପରସ୍ପର ସହ ଯୋଡ଼ିବ । ଆଜିର ଏହି ଐତିହାସିକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଆନନ୍ଦୀବେନ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ଅନେକ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ ଉପସ୍ଥିତ ରହିବେ । ପ୍ରାୟ ଦେଢ଼ ଲକ୍ଷ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

## କେନ୍ଦୁଝରରେ ଇ- ବସ୍ ସେବା ଓ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର : କେନ୍ଦୁଝର ଜିଲ୍ଲାର ସାମଗ୍ରିକ ବିକାଶ ଓ ଗମନାଗମନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଠାରେ ଏକାଧିକ ମହତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଆୟୋଜିତ ବିକାଶ ସମାବେଶରେ ଜିଲ୍ଲାର ସାମଗ୍ରିକ ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ପ୍ରାୟ ୧,୩୩୦ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମୋଟ ୧୮୭ଟି ପ୍ରକଳ୍ପର ଲୋକାର୍ପଣ, ଭିତିପ୍ରସ୍ତର ସ୍ଥାପନ ଓ ନୂତନ ଘୋଷଣା କରାଯାଇଛି । ଜିଲ୍ଲାବାସୀଙ୍କୁ ସ୍ମାର୍ଟ ପବ୍ଲିକ ଟ୍ରାନ୍ସପୋର୍ଟ ସେବା ଯୋଗାଇଦେବା ପାଇଁ ୨୫ଟି ଅତ୍ୟାଧୁନିକ ଇ-ବସ ସହିତ ୧୭ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଆମ ବସ' ଡିପୋର ଲୋକାର୍ପଣ କରାଯାଇଛି । ସୂଚନାଯୋଗ୍ୟଯେ, ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୭୦୫ କୋଟି ଟଙ୍କାର ୬୨ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ, ପ୍ରାୟ ୨୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୪ଟି ପ୍ରକଳ୍ପକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି । ଏହା ବ୍ୟତୀତ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆଉ ୧୦୧ଟି ନୂତନ ପ୍ରକଳ୍ପ ପାଇଁ ପ୍ରାୟ ୩୭୫ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି, ଯାହା କେନ୍ଦୁଝରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ । ଏହି ନୂତନ ଇ-ବସ ସେବାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ସୁଲଭ ଭଡା । ମାତ୍ର ୫ ଟଙ୍କାରୁ ବସ ଭଡା ଆରମ୍ଭ ହେଉଥିବାରୁ ଏହା ଦୈନନ୍ଦିନ ଯାତ୍ରା କରୁଥିବା ନିମ୍ନ ଓ ମଧ୍ୟବିତ ଶ୍ରେଣୀର ଲୋକଙ୍କ ପାଇଁ ବେଶ୍ ସହାୟକ ହେବ । ସମସ୍ତ ବସ ସମ୍ପୂର୍ଣ୍ଣ ଭାବେ ଏସି ହୋଇଥିବା ବେଳେ ଯାତ୍ରୀଙ୍କ ସୁରକ୍ଷାକୁ ଏଥିରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି । ପ୍ରତିଟି ବସ୍ରେ ସିସିଟିଭି କ୍ୟାମେରା, ପ୍ୟାନିକ୍ ବଟନ ଏବଂ ଜିପିଏସ ବ୍ୟବସ୍ଥା ରହିଛି, ଯାହାଦ୍ୱାରା ଯାତ୍ରୀମାନେ ବିଶେଷ କରି ମହିଳାମାନେ ନିର୍ଭୟରେ ଯାତ୍ରା କରିପାରିବେ । କେବଳ ପରିବହନ ନୁହେଁ, ବରଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ମଧ ଏହି ପ୍ରକଳ୍ପ ଏକ ମାଇଲଖୁଂଟ ସାବ୍ୟସ୍ତ ହୋଇଛି । ଏହି ଯୋଜନା ମାଧମରେ ପ୍ରାୟ ୧୫୦ ଜଣ ନିଯୁକ୍ତି ପାଇଥିବା ବେଳେ ସେମାନଙ୍କ ମଧରେ ୩୦ ଜଣ ମହିଳା ଗାଇଡ୍ ଏବଂ ୨ ଜଣ ମହିଳା ଡ୍ରାଇଭର ସାମିଲ ଅଛନ୍ତି । ମହିଳାମାନଙ୍କୁ ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯିବା ରାଜ୍ୟ ସରକାରଙ୍କ 'ମହିଳା ଶକ୍ତି' ଅଭିଯାନକୁ ଆହୁରି ସୁଦୃଢ଼ କରିଛି । ସାମଗ୍ରିକ ଭାବେ, ଏହି ଇ-ବସ ସେବା ସହରୀ ପରିବହନ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ । କେନ୍ଦୁଝରବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେନ୍ଦୁଝର ଜିଲ୍ଲା ରାଜ୍ୟକୁ ଅନେକ କିଛି ଦେଇଛି, କିନ୍ତୁ ବିଗତ ଦିନରେ ଏହି ଜିଲ୍ଲା ଅବହେଳିତ ହୋଇ ରହିଥିଲା । ସେ ସ୍ପଷ୍ଟ କରିଛନ୍ତି ଯେ ଆମ ସରକାର ଆସିବା ପରେ କେନ୍ଦୁଝରର ବିକାଶ ତ୍ୱରାନ୍ୱିତ ହୋଇଛି । ଜିଲ୍ଲାରେ ଏକ ମେଗାଷ୍ଟିଲ ପ୍ଲାଂଟ ସ୍ଥାପନ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଂଚିଛି । ଖୁବ୍ ଶୀଘ୍ର ଏହାର ଶିଳାନ୍ୟାସ କରାଯାଇ କେନ୍ଦୁଝରକୁ ଦେଶର ଏକ ଶ୍ରେଷ୍ଠ ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବେ ଗଢି ତୋଳାଯିବ । ଏହି ବିଶାଳ ପଦକ୍ଷେପ ଜିଲ୍ଲାର ଭିତିଭୂମିକୁ ସୁଦୃଢ଼ କରିବା ସହ ସାଧାରଣ ଜନତାଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତନ ଆଣିବ ବୋଲି ଆଶା କରାଯାଉଛି । ଏହି ପ୍ରକଳ୍ପର ଅନ୍ୟତମ ବିଶେଷତ୍ୱ ହେଉଛି ନାରୀ ଶକ୍ତିର ସହଭାଗିତା ।

## ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ବୈଠକ ଅନୁଷ୍ଠିତ




ଭୁବନେଶ୍ୱର : ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ଅନ୍ତର୍ଗତ କାର୍ଯ୍ୟକର୍ତାମାନଙ୍କୁ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯିବ । ଏହି ଅବସରରେ କାର୍ଯ୍ୟକତାଙ୍କ ବିକାଶଠାରୁ ଆରମ୍ଭ କରି ବିଭିନ୍ନ ରାଜନୈତିକ ବିଷୟ, ସାମ୍ପ୍ରତିକ ପରିସ୍ଥିତି ଓ ଅଂଚଳର ବିକାଶ ଉପରେ ଆଲୋଚନା କରାଯିବ । ବିଶେଷ କରି କାର୍ଯକର୍ତାମାନଙ୍କ ମଧରେ ଗୁଣାତ୍ମକ ମାନର ବିକାଶ ଉପରେ ଗୁରୁତ୍ୱ ଦିଆଯିବ । ଏହି କ୍ରମରେ ଓଡିଶାର ୧୦୫୨ ମଣ୍ଡଳରେ ପ୍ରଶିକ୍ଷଣ ବର୍ଗ ସମାପ୍ତ ହୋଇସାରିଛି । ଆସନ୍ତା ମେ' ମାସ ୧ ତାରିଖ ଠାରୁ ପାର୍ଟିର ସମସ୍ତ ୩୭ଟି ସାଂଗଠନିକ ଜିଲ୍ଲାରେ ଏହି ପ୍ରଶିକ୍ଷଣ ବର୍ଗ ଆରମ୍ଭ କରାଯିବ । ମେ' ୩୧ ସୁଦ୍ଧା ଏହି କାର୍ଯ୍ୟକ୍ରମ ଶେଷ କରାଯିବ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ କାର୍ଯ୍ୟାଳୟରେ ପ୍ରଦେଶସ୍ତରୀୟ ଜିଲ୍ଲା ପ୍ରଶିକ୍ଷଣ ବର୍ଗ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବିଂରଚି ନାରାୟଣ ତ୍ରିପାଠୀ କହିଛନ୍ତି । ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ମେ' ୧ ତାରିଖରୁ ଆରମ୍ଭ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଉପରେ ବୈଠକରେ ଚର୍ଚ୍ଚା ଓ ଆଲୋଚନା ହୋଇଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ମଧରେ କିପରି ସମାପ୍ତ ହେବ ସେ ଉପରେ ବୈଠକରେ ଖସଡା ପ୍ରସ୍ତୁତ କରାଯାଇଛି । ବିଜେପି କାର୍ଯ୍ୟକର୍ତାମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ରାଜନୈତିକ ବିକାଶ କରିବା ପାଇଁ ବିଭିନ୍ନ ସମୟରେ ଏଭଳି ପ୍ରଶିକ୍ଷଣ ଶିବିର ଆୟୋଜନ ହୋଇଥାଏ ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି । ଆଜିର ବୈଠକରେ ସାଂସଦ ତଥା ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ.ଭି. ସିଂହଦେଓ ଶ୍ରୀମତି ପ୍ରଭାତୀ ପରିଡା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ସମୀର ମହାନ୍ତି, ପୂର୍ବ ଭାରତ ପ୍ରଶିକ୍ଷଣ ସଂଯୋଜକ ପ୍ରଫେସର ଦିନେଶାନନ୍ଦ ଗୋସ୍ୱାମୀ, ରାଜ୍ୟ ସଂଯୋଜକ ତଥା ସାଂସଦ ଶ୍ରୀ ବଳଭଦ୍ର ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତିଙ୍କ ସମେତ ରାଜ୍ୟ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତା ଯୋଗଦେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

## ଆଜି ସମ୍ପ୍ରସାରିତ ଶ୍ରୀନଗର-ଜମ୍ମୁ ବନ୍ଦେ ଭାରତ ଟ୍ରେନର ଶୁଭାରମ୍ଭ କରିବେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ : କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି ଜାମ୍ମୁ ତାୱି ରେଳ ଷ୍ଟେସନରୁ ସମ୍ପ୍ରସାରିତ ଶ୍ରୀନଗର-କଟରା ବନ୍ଦେ ଭାରତ ଏକ୍ସପ୍ରେସ୍ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ପୂର୍ବରୁ ଶ୍ରୀନଗରରୁ ଶ୍ରୀ ମାତା ବୈଷ୍ଣୋ ଦେବୀ କଟରା ପର୍ଯ୍ୟନ୍ତ ଚାଲୁଥିବା ଏହି ଟ୍ରେନ୍ ଏବେ ଜାମ୍ମୁ ତାୱି ପର୍ଯ୍ୟନ୍ତ ଚାଲିବ, ଯାହା ଦେଶର ସବୁଠାରୁ ଆଧୁନିକ ଟ୍ରେନକୁ ସିଧାସଳଖ ଜାମ୍ମୁ କାଶ୍ମୀରର ସର୍ବବୃହତ ସହର ଏବଂ ରେଳ ହବ୍ କୁ ଆଣିବ । ପତାକା ଉତୋଳନ ପରେ, କେନ୍ଦ୍ର ମନ୍ତ୍ରୀ ପରବର୍ତୀ ସମୟରେ ଉଧମପୁର-ଶ୍ରୀନଗର-ବାରାମୁଲା ରେଳ ଲିଙ୍କ (ୟୁ. ଏସ୍. ବି. ଆର. ଏଲ୍.) ରେ ଥିବା ଦୁଇଟି ଉଲ୍ଲେଖନୀୟ ଇଞ୍ଜିନିୟରିଂ ସଂରଚନା, ଅଞ୍ଜି ସେତୁ ଏବଂ ଚେନାବ ସେତୁ ପରିଦର୍ଶନ କରିବେ । ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାଟ୍ରା-ଶ୍ରୀନଗର ବନ୍ଦେ ଭାରତ ଏକ୍ସପ୍ରେସ୍ କୁ ୬ ଜୁନ୍, ୨୦୨୫ ରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ସେତେବେଳେ ଟ୍ରେନ୍ ୮ଟି କୋଚ୍ ସହିତ ଚାଲିଥିଲା । ସେବେଠାରୁ, ଟ୍ରେନ୍ କ୍ରମାଗତ ଭାବରେ ଯାତ୍ରୀମାନଙ୍କ ଠାରୁ ବିପୁଳ ପ୍ରତିକ୍ରିୟା ସହିତ ପୂର୍ଣ୍ଣ କ୍ଷମତାରେ ଚାଲୁଛି । ଏହି ରେକକୁ ୨୦ଟି କୋଚକୁ ବୃଦ୍ଧି କରିବାର ନିଷ୍ପତି ସେହି ଦାବିର ପ୍ରତ୍ୟକ୍ଷ ପ୍ରତିକ୍ରିୟା, ଯାହା ଏକ ଷ୍ଟ୍ରୋକ୍ ସମୟରେ ଟ୍ରେନର ବସିବା କ୍ଷମତାକୁ ଦ୍ୱିଗୁଣିତ କରିବା ଠାରୁ ଅଧିକ, ଏବଂ ବିଶେଷ କରି ତୀର୍ଥଯାତ୍ରା ଏବଂ ପର୍ଯ୍ୟଟନ ଋତୁରେ ସଂରକ୍ଷଣ ଏବଂ ପ୍ରତୀକ୍ଷା ତାଲିକା ଉପରେ ଚାପକୁ ଯଥେଷ୍ଟ ହ୍ରାସ କରିଥାଏ । ଯେଉଁ ତୀର୍ଥଯାତ୍ରୀମାନେ ଦେଖିଛନ୍ତି ଯେ ସିଟ୍ ଅଗ୍ରିମ ଭାବେ କିଛି ଦିନ ପୂର୍ବରୁ ବିକ୍ରି ହୋଇଯାଇଛନ୍ତି, ଉପତ୍ୟକାକୁ ଯାତ୍ରା କରିବାକୁ ଯୋଜନା କରୁଥିବା । ପର୍ଯ୍ୟଟକମାନଙ୍କ ପାଇଁ, ଏବଂ ଦୈନନ୍ଦିନ ଯାତ୍ରା ପାଇଁ ଏହି ସେବା ଉପରେ ନିର୍ଭର କରୁଥିବା ସ୍ଥାନୀୟ ଲୋକଙ୍କ ପାଇଁ, ସମ୍ପ୍ରସାରିତ ରେକର ଅର୍ଥ ହେଉଛି ଟ୍ରେନ୍ ବର୍ତମାନ ସେମାନଙ୍କୁ ଫେରାଇବାର ସମ୍ଭାବନା ବହୁତ କମ୍ । ଏକାସାଙ୍ଗରେ ଜାମ୍ମୁ ତାୱି ପର୍ଯ୍ୟନ୍ତ ସମ୍ପ୍ରସାରଣ ହେବା ସହିତ, ୨୦-କୋଚ ବିଶିଷ୍ଟ ବନ୍ଦେ ଭାରତ ଏହାର ସର୍ବବୃହତ ଅବବାହିକା ସହରରେ ପହଂଚିଥାଏ, ଯାହାର ଚାହିଦା ସହିତ ମେଳ ଖାଇବାର କ୍ଷମତା ରହିଛି, ଯାହା ଶେଷରେ ଏହାର ଚାହିଦା ଅନୁଯାୟୀ ନିର୍ମିତ ହୋଇଛି । ଆସନ୍ତାକାଲି ପତାକା ଦେଖାଇ ଉଦଘାଟନ ହେବାକୁ ଥିବାବେଳେ, ବର୍ଦ୍ଧିତ ଜାମ୍ମୁ ତାୱି-ଶ୍ରୀନଗର ବନ୍ଦେ ଭାରତ ଏକ୍ସପ୍ରେସ୍ ୨ମଇ ୨୦୨୬ ରୁ ନିୟମିତ ସେବାରେ ପ୍ରବେଶ କରିବ । ଏହି କରିଡରରେ ଦୁଇ ଯୋଡ଼ା ସେବା ପ୍ରାୟ ୨୬୬ କିଲୋମିଟରର ଦୂରତା ଅତିକ୍ରମ କରିବ । ପ୍ରଥମ ସେବା (ଟ୍ରେନ୍ ନଂ. ୨୬୪୦୧) ସକାଳ ୬ଟା ୨୦ ମିନିଟରେ ଜାମ୍ମୁ ତାୱିରୁ ପ୍ରସ୍ଥାନ କରି, ଶ୍ରୀ ମାତା ବୈଷ୍ଣୋ ଦେବୀ କଟରା, ରିୟାସି ଏବଂ ବନିହାଲରେ ଅଟକିଥାଏ, ସକାଳ ୧୧ଟା ୧୦ ମିନିଟରେ ଶ୍ରୀନଗରରେ ପହଂଚିବ, ଚାରି ଘଂଟା ୫୦ ମିନିଟର ଯାତ୍ରା ।

## ଅଳ୍ପରେ ଖବର

» ମେ୨ ତାରିଖ ଯାଏ ରାଜ୍ୟରେ ତାତି କମିପାରେ । ସବୁଠୁ ଉତପ୍ତ ପାଲଟିଥିବା ଝାରସୁଗୁଡ଼ାରେ ବି ତାତି ୪୦ ଡିଗ୍ରୀକୁ ଖସିପାରେ ।

» କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରଠାରେ "ବିକାଶ ପାଇଁ ତଥ୍ୟ" ଉପରେ ଜାତୀୟ ବିଚାରବିମର୍ଶ ସମ୍ମିଳନୀ ଅନୁଷ୍ଠିତ ହେଉଛି ।

## ପଶ୍ଚିମବଙ୍ଗ ଦ୍ୱିତୀୟ ପର୍ଯ୍ୟାୟରେ ୯୧.୬୬ ପ୍ରତିଶତ ମତଦାନ



କୋଲକାତା: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟ ମତଦାନ ହିଂସା, ଉତେଜନା ଏବଂ ରେକର୍ଡ ଭୋଟିଂ ହାର ସହିତ ଶେଷ ହୋଇଛି । ଗୋଟିଏ ପଟେ ରାଜ୍ୟର ବିଭିନ୍ନ ସ୍ଥାନରୁ ବୋମାମାଡ଼, ଇଭିଏମ୍ ଭଙ୍ଗାରୁଜା ଏବଂ ନେତାଙ୍କ ଉପରେ ଆକ୍ରମଣ ଖବର ଆସିଥିବା ବେଳେ ଅନ୍ୟପଟେ ଭୋଟରମାନେ ଉତ୍ସାହର ସହ ବୁଥ୍‌କୁ ଆସି ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହୋଇଥିଲେ । ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ଦ୍ୱିତୀୟ ପର୍ଯ୍ୟାୟରେ ରେକର୍ଡ ୯୧.୬୬ ପ୍ରତିଶତ ମତଦାନ ସାବ୍ୟସ୍ତ ହୋଇଛି । ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୯୩.୧୯ ପ୍ରତିଶତ ଭୋଟିଂ ହୋଇଥିଲା । ଏହାକୁ ମିଶାଇଲେ ରାଜ୍ୟରେ ମୋଟ ୯୨.୪୭ ପ୍ରତିଶତ ଲୋକ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ମତଦାନ ବେଳେ ବହୁ ସ୍ଥାନରେ ଉତେଜନା ଦେଖିବାକୁ ମିଳିଥିଲା । ଭବାନୀପୁର ବିଧାନସଭା କ୍ଷେତ୍ରର ଏକ ବୁଥ୍‌ରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ମୁହାଁମୁହିଁ ହୋଇଥିଲେ ଏବଂ ପରସ୍ପର ଉପରେ କଡ଼ା ଆରୋପ ଲଗାଇଥିଲେ । ସେହିପରି କାଳୀଘାଟ ଅଂଚଳରେ ଶୁଭେନ୍ଦୁଙ୍କୁ ଦେଖି ଟିଏମସି କର୍ମୀମାନେ ନାରାବାଜି କରିବାରୁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା । ନଦିଆ ଜିଲ୍ଲାର ଛପରାରେ ଏକ ବୁଥ୍ ଭିତରେ ବିଜେପି ପୋଲିଂ ଏଜେଂଟଙ୍କ ଉପରେ ଆକ୍ରମଣ ହୋଇଛି । ଦକ୍ଷିଣ ୨୪ ପ୍ରଗଣାର ବାସନ୍ତୀରୁ ବିଜେପି ପ୍ରାର୍ଥୀ ଅଭିଯୋଗ କରିଛନ୍ତି ଯେ ୨୦୦ ରୁ ଉର୍ଦ୍ଧ୍ୱ ଟିଏମସି ଗୁଣ୍ଡା ତାଙ୍କ ଗାଡ଼ି ଉପରକୁ ଆକ୍ରମଣ କରିଛନ୍ତି । ହାଓଡ଼ାରେ ଇଭିଏମ୍ ଖରାପ ଯୋଗୁଁ ଉତେଜନା ସୃଷ୍ଟି ହେବାରୁ ପୋଲିସ ଲାଠିଚାର୍ଜ କରିଥିଲା ଏବଂ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଏହି ନିର୍ବାଚନରେ କେନ୍ଦ୍ରୀୟ ସୁରକ୍ଷା ବଳଙ୍କ ଭୂମିକାକୁ ନେଇ ଟିଏମସି ସାଂସଦ ଅଭିଷେକ ବାନାର୍ଜୀ କଡ଼ା ସମାଲୋଚନା କରିଛନ୍ତି । ସେ କହିଛନ୍ତି, "କେନ୍ଦ୍ରୀୟ ଫୋର୍ସ ଏବେ ବିଜେପିର ପ୍ରାଇଭେଟ୍ ଆର୍ମି ପାଲଟିଯାଇଛି ।"

## ନୂତନ ଜ୍ଞାନକୌଶଳକୁ ବିକଶିତ କରିବା ସହ ସୁରକ୍ଷାକୁ ଦୃଷ୍ଟି ରଖିବା ଆବଶ୍ୟକ : ଡ଼ିଜିପି କ୍ରାଇମବ୍ରାଂଚ



ଭୁବନେଶ୍ୱର : ନୂତନ ଜ୍ଞାନକୌଶଳକୁ ବିକଶିତ କରିବା ସମୟରେ ଏହା ଯେପରି କୌଣସି ବିପଦ ସୃଷ୍ଟି ନକରେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ 'ସାଇବର ସିକ୍ୟୁରିଟି, ଏଆଇ ଆଣ୍ଡ ଏମର୍ଜିଙ୍ଗ ଟେକନୋଲୋଜିସ୍- ସିକ୍ୟୁରିଙ୍ଗ ଟୁମୋରୋଜ ଇଂଟେଲିଜେଂଟ ସିଷ୍ଟମ' ଶୀର୍ଷକ ଦୁଇ ଦିନିଆ ଜାତୀୟ ସମ୍ମିଳନୀରେ ବୁଧବାର ଅତିଥି ଭାବେ ଯୋଗଦେଇ ଓଡ଼ିଶା ସିଆଇଡି-କ୍ରାଇମ୍ ବ୍ରାଂଚର ନିର୍ଦ୍ଦେଶକ ବିନୟତୋଷ ମିଶ୍ର କହିଛନ୍ତି । ଶ୍ରୀ ମିଶ୍ର କହିଥିଲେ ଯେ ନୂତନ ଜ୍ଞାନକୌଶଳ ବିକଶିତ କରିବା ସମୟରେ ସୁରକ୍ଷା ଦିଗକୁ ଯେଭଳି ସୁଦୃଢ଼ କରାଯିବ ସେଥି ନିମନ୍ତେ ସ୍ୱତନ୍ତ୍ର ଯତ୍ନ ନେବାର ଆବଶ୍ୟକତା ରହିଛି । ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଉପରେ ଗୁରୁତ୍ୱ ଦେଇ ଶ୍ରୀ ମିଶ୍ର କହିଥିଲେ ଯେ ଯେତେବେଳେ କୌଣସି ନୂତନ ଜ୍ଞାନକୌଶଳର ଉଦ୍ଭାବନ ହୁଏ ସେତେବେଳେ ମୂଳ ପ୍ରଶ୍ନ ଥାଏ ଏହାକୁ ବିକାଶ କରିଥିବା ସଂସ୍ଥା ଏହାର ନକାରାତ୍ମକ ଓ ସକାରାତ୍ମକ ପ୍ରଭାବ ଉପରେ ଅନୁଶୀଳନ କରିଛନ୍ତି ନା ନାହିଁ । ସାଇବର ଅପରାଧ ମାଧମରେ ଗୋଟିଏ ବର୍ଷ ମଧରେ ୨୨ ହଜାର କୋଟି ଟଙ୍କା ଲୁଟ୍ ହୋଇଛି ବୋଲି କହିଥିଲେ । ଶ୍ରୀ ମିଶ୍ର କହିଥିଲେ ଯେ ଯେଉଁ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ କମ୍ପାନୀଗୁଡିକ ନୂତନ ଜ୍ଞାନକୌଶଳର ଆରମ୍ଭ କରୁଛନ୍ତି ସେମାନେ ତାଙ୍କ ଲାଭାଂଶରୁ କିଛି ଅଂଶ ଅପରାଧ ନିୟନ୍ତ୍ରଣ ଏବଂ ବୈଷୟିକ ସମସ୍ୟାଗୁଡିକୁ ସମାଧାନ କରିବା ଦିଗରେ ଖର୍ଚ୍ଚ କରିବା ଆବଶ୍ୟକ । ଗବେଷକମାନେ ଏଭଳି ସମସ୍ୟାର ସମାଧାନର ବାଟ ଖୋଜିବାକୁ ଅନୁରୋଧ କରିଥିଲେ । ବୁଦ୍ଧି, ଦକ୍ଷତା ଓ କିଛି ନୂଆ କରିବାର ଇଚ୍ଛା ରଖିବା ବ୍ୟକ୍ତିଙ୍କର ଆବଶ୍ୟକତା ରହିଛି । ଜ୍ଞାନକୌଶଳ ସଶକ୍ତ କରାଏ ଏବଂ ଏହାକୁ ଅଣଦେଖା କରାଯାଇପାରିବ ନାହିଁ । ତେବେ ସୁରକ୍ଷିତ ଜ୍ଞାନକୌଶଳର ଆବଶ୍ୟକତା ରହିଛି । ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଡାଟା ସିକ୍ୟୁରିଟି କାଉନସିଲ୍ ଅଫ ଇଣ୍ଡିଆର ସିଇଓ ବିନାୟକ ଗଡସେ, ନ୍ୟାସନାଲ ସିକ୍ୟୁରିଟି କାଉନସିଲ୍ ସେକ୍ରେଟାରୀଏଟ୍, ପିଏମଓର ପୂର୍ବତନ ଅଧିକାରୀ ଲେଫ୍ଟନାଂଟ ଜେନେରାଲ୍ ଏମ.ୟୁ. ନାୟାର, ଇଂଟରନ୍ୟାସନାଲ ଟେଲିକମ୍ୟୁନିକେସନ ୟୁନିୟନ, ଜେନେଭା ପକ୍ଷରୁ କିଶୋର ନାରଙ୍ଗ, ସେଲୁଲାର ଅପରେଟର୍ସ ଆସୋସିଏସନ ଅଫ ଇଣ୍ଡିଆର ବରିଷ୍ଠ ଉପଦେଷ୍ଟା ବିକ୍ରମ ତିୱାରୀ ଓ ସାଇବର ସିକ୍ୟୁରିଟି ଆସୋସିଏସନ ଅଫ ଇଣ୍ଡିଆର ସଭାପତି ଏନ.କେ. ଗୋୟଲ ମଧ ବକ୍ତବ୍ୟ ରଖିଥିଲେ ।




# ସ୍ୟାଡୋ ଆଡ଼ଭାର୍ଟାଇଜିଙ୍ଗ ଆଣ୍ଡ କମ୍ୟୁନିକେସନ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଇଣ୍ଡିଆ ଟ୍ରେଡ୍ ଏକ୍ସପୋ ୧ରୁ ୧୧




ବାଲେଶ୍ୱର(ନିପ୍ର): ବାଲେଶ୍ୱର ସହରର ଆଇଟିଆଇ ଗ୍ରାଉଣ୍ଡରେ ଆସନ୍ତା ମେ ୧ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ 'ଇଣ୍ଡିଆ ଟ୍ରେଡ୍' ଏକ୍ସପୋ-୨୦୨୬ ନାମରେ ଏକ ବିଶାଳ ବାଣିଜ୍ୟ ମେଳା ଆୟୋଜିତ ହେବ । ଏହି ଆନ୍ତର୍ଜାତୀୟ ବାଣିଜ୍ୟ ପ୍ରଦର୍ଶନୀ ପ୍ରତିଦିନ ଦୁଇ ପହର ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ । ଏହି ପ୍ରଦର୍ଶନୀରେ ଦେଶର ବିଭିନ୍ନ ରାଜ୍ୟ ସହ ଅନ୍ତର୍ଜାତୀୟ ଅଂଶଗ୍ରାହୀମାନେ ଯୋଗଦେବା ୧୦୦ରୁ ଅଧିକ ସୁସଜ୍ଜିତ ଷ୍ଟଲରେ ହସ୍ତଶିଳ୍ପ, ଲାଇଫଷ୍ଟାଇଲ ପ୍ରଡକ୍ଟ, ଘରୋଇ ସାମଗ୍ରୀ, ଉପଭୋକ୍ତା ପଣ୍ୟ, ଖାଦ୍ୟ ସାମଗ୍ରୀ, ଫ୍ୟାଶନ ପ୍ରଡକ୍ଟ ଓ ନବୀନ ସେବା ସମ୍ବନ୍ଧୀୟ ପଦାର୍ଥ ପ୍ରଦର୍ଶିତ ହେବ । ବାଣିଜ୍ୟ ପ୍ରଚାର, ବ୍ୟବସାୟିକ ସମ୍ପର୍କ ବୃଦ୍ଧି, ସାଂସ୍କୃତିକ ଆଦାନ-ପ୍ରଦାନ ଓ ବ୍ୟବସାୟ ବିକାଶ ପାଇଁ ଏହି ମେଳା ଏକ ସୁଯୋଗ ସୃଷ୍ଟି କରିବ । ଏହି ମେଳାକୁ ନେଇ ୨୯ ଏପ୍ରିଲ ୨୦୨୬ ତାରିଖରେ ୪ଟାରୁ ବାଲେଶ୍ୱରର ପୋଲିସ ଲାଇନ୍ ସ୍ଥିତ ହୋଟେଲ ଅଙ୍କିତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସେଠାରେ ଆୟୋଜକ ପକ୍ଷରୁ ପ୍ରଦର୍ଶନୀ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଯଥା ଷ୍ଟଲ ବିଭାଗ, ଅଂଶଗ୍ରାହୀଙ୍କ ସହଭାଗୀତା, ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ, ସୁରକ୍ଷା ବ୍ୟବସ୍ଥା ଓ ସାମଗ୍ରିକ ପରିଚାଳନା ବିଷୟରେ ଖୋଲାମେଳା ଭାବେ ସୂଚନା ଦିଆଯାଇଥିଲା । ସାମ୍ବାଦିକ ସମ୍ମିଳନୀରେ 'ସ୍ୟାଡୋ ଆଡଭର୍ଟାଇଜିଙ୍ଗ ଆଣ୍ଡ କମ୍ୟୁନିକେସନ୍ସ ପ୍ରାଇଭେଟ୍ ଲିମିଟେଡ୍'ର ସଂସ୍ଥାପକ ଓ ଆୟୋଜକ ତାପସ ରଞ୍ଜନ ମହାନ୍ତି କହିଥିଲେ ଯେ, 'ଇଣ୍ଡିଆ ଟ୍ରେଡ୍ ଏକ୍ସପୋ-୨୦୨୬' ବାଲେଶ୍ୱରରେ ବ୍ୟବସାୟ ବାଣିଜ୍ୟ, ପର୍ଯ୍ୟଟନ ଓ ସ୍ଥାନୀୟ ଅର୍ଥନୀତିକୁ ନୂଆ ଦିଗ ଦେବା ଏହି ପ୍ରଦର୍ଶନୀ ଉଦ୍ୟୋଗପତି, ବ୍ୟବସାୟୀ, ଉତ୍ପାଦକ ଓ ଗ୍ରାହକଙ୍କୁ ଏକ ମଂଚରେ ଆଣିବା ସହିତ ନୂତନ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବ । ଆୟୋଜକମାନଙ୍କ ଅନୁମାନ ଅନୁଯାୟୀ ପ୍ରତିଦିନ ପ୍ରାୟ ୫୦ ହଜାରରୁ ୭୦ ହଜାର ପର୍ଯ୍ୟନ୍ତ ଦର୍ଶକ ଏହି ମେଳାକୁ ପରିଦର୍ଶନ କରିବେ । ଏଥିରୁ ବାଲେଶ୍ୱରର ସ୍ଥାନୀୟ ବ୍ୟବସାୟ, ପର୍ଯ୍ୟଟନ, ହୋଟେଲ ଓ ଅନ୍ୟାନ୍ୟ ସହଯୋଗୀ କ୍ଷେତ୍ରରେ ଲକ୍ଷଣୀୟ ଆର୍ଥିକ ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି । ଜନସାଧାରଣ, ବ୍ୟବସାୟୀ, ଉଦ୍ୟୋଗୀ, ପର୍ଯ୍ୟଟକ ଓ ବାଣିଜ୍ୟ ମହଲର ସମସ୍ତଙ୍କୁ ଏହି ଭବ୍ୟ ଆନ୍ତର୍ଜାତୀୟ ବାଣିଜ୍ୟ ମେଳାକୁ ଆସିବା ପାଇଁ ଆୟୋଜକ ପକ୍ଷରୁ ଆମନ୍ତ୍ରଣ ଜଣାଯାଇଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସନ୍ତୋଷ କୁମାର ସାହୁ, ମଧୁସ୍ମିତା ଦାସ ଏବଂ ତାପସ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ମା' ଶିତଳା ଦେବୀଙ୍କ ବାର୍ଷିକ ପୂଜା ଆରମ୍ଭ



ବାଲେଶ୍ୱର(ନିପ୍ର): ବେଙ୍ଗଲି ଷାଂଚାରେ ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ଚନ୍ଦନ ପୂର୍ଣ୍ଣମୀ ଅବସରରେ ମଣ୍ଡଳ ବଜାର ଜଗନ୍ନାଥ ମନ୍ଦିର ନିକଟସ୍ଥ ମା' ଶିତଳା ଦେବୀଙ୍କ ବାର୍ଷିକ ପୂଜା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ମା'ଙ୍କ ପୀଠରେ ଘଠୋତଳ, ବିଲ୍ୱାଧିବାସ, ମହାସପ୍ତମୀ, ମହାଅଷ୍ଟମୀ, ନବମୀ ଏବଂ ବିଜୟା ଦଶମୀ ସମେତ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ପ୍ରତ୍ୟେକ ସନ୍ଧ୍ୟାରେ ମା'ଙ୍କ ପୀଠ ସ୍ଥଳିରେ ଭଜନ କିର୍ତନ, ପାଲା ଗାଆଣ ଇତ୍ୟାଦି ଅନୁଷ୍ଠିତ ହେଉଛି । ପାଖାପାଖି ୨୦୦ରୁ ଅଧିକ ବର୍ଷ ଏଠାରେ ମା'ଙ୍କର ପୂଜା ବିଧି ଅନୁଯାୟୀ ସ୍ଥାନୀୟ ଅଂଚଳର ବାସିନ୍ଦା ଓ ବଙ୍ଗାଳି ପରିବାର ପକ୍ଷରୁ ଆୟୋଜନ କରାଯିବା ସହ ନିଜସ୍ୱ ପୀଠରେ ମିଷ୍ଟାନ୍ନ ପ୍ରସ୍ତୁତ କରାଯାଇ ମା'ଙ୍କ ଠାରେ ଭୋଗ ଲଗାଯାଇଥାଏ । ଶ୍ରଦ୍ଧାଳୁମାନେ ନିଜର ମନସ୍କାମନା ପାଇଁ ବ୍ରତ ଧାରଣ କରିବା ସହ ମା'ଙ୍କ ପୀଠ ସ୍ଥଳରେ ଡାଲା ଲଗାଇଥାନ୍ତି ।

# ଦୁଇ ଦିନିଆ ଓଡ଼ିଆ ଭାଷା ବ୍ୟବହାର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଖୋର୍ଦ୍ଧା(ନିପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୁଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଏବଂ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଥିବା ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଅଛି । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ, ବରିଷ୍ଠ ଲେଖା ଅଧିକାରୀ,ଏ ଜି, ଓଡ଼ିଶା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି, ମନୋରଞ୍ଜନ ପାଣିଗ୍ରାହୀ, ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ଆଂଚଳିକ ନିର୍ଦ୍ଦେଶକ, ଉଚ୍ଚ ଶିକ୍ଷା ବିଭାଗ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ତାଲିମ ପ୍ରଦାନ କାରୀ ଭାବେ ଯୋଗ ଦେଇ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର କଟି ନଥି ଉପସ୍ଥାପନ କରିବା ତଥା ଟିପ୍ପଣୀ ଲେଖିବା ଧାରା, ଓଡ଼ିଆ ଭାଷା ପ୍ରୟୋଗ କୌଶଳ, ବିଭାଗୀୟ ଚିଠି ଲେଖିବା, ଅନ୍ୟ ବିଭାଗରୁ ଆସୁଥିବା ଚିଠିର ଉତର ପ୍ରସ୍ତୁତ କରି ଓଡ଼ିଆ ଭାଷାରେ ପ୍ରେରଣ କରିବା, ବିଭିନ୍ନ ବୈଠକର କାର୍ଯ୍ୟ ବିବରଣୀ ବା ପ୍ରୋସିଡିଂ ଲେଖିବା, ବିଭିନ୍ନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା ର ଓଡ଼ିଆ ଭାଷା ଭିତିକ ବ୍ୟବହାର ଓ ଲେଖିବା ପ୍ରଣାଳୀ ର ଯାବତୀୟ ଲେଖିବା ଓଡ଼ିଆ ଭାଷା ବ୍ୟବହାର କାର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସମସ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟର ଅଧିକାରୀ, ବରିଷ୍ଠ ରାଜସ୍ୱ ସହାୟକ, କନିଷ୍ଠ ରାଜସ୍ୱ ସହାୟକ, ଉପବିଭାଗୀୟ ଅଧିକାରୀ, ବରିଷ୍ଠ କିରାଣୀ ସମେତ ଦପ୍ତରି କର୍ମଚାରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଏହି ଦୁଇ ଦିନ ଯାକ ପ୍ରଶିକ୍ଷଣ ଶିବିର ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ପରିଚାଳନା ରେ ସଫଳ ଭାବେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରଶିକ୍ଷଣ ଶିବିର ଦ୍ୱାରା ଜିଲ୍ଲାର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ମୋଟ ୨୬୮ଜଣ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ ନେଇଥିଲେ ।

# ସମ୍ମିଳିତ କର୍ମଜୀବି ସାମ୍ବାଦିକ ମହାସଂଘର ବାଲେଶ୍ୱର ଜିଲ୍ଲା ସମ୍ମିଳନୀ ଓ ଜିଲ୍ଲା ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ




ବାଲେଶ୍ୱର(ନିପ୍ର): ସ୍ଥାନୀୟ ସଭାଗୃହ ଠାରେ ବରିଷ୍ଠ ସାମ୍ବାଦିକ ତଥା ବାଲେଶ୍ୱର ଜ଼ିଲ୍ଲା ଶାଖା ସମ୍ପାଦକ ଦେବବ୍ରତ ପାଣିଗ୍ରାହୀଙ୍କ ଅଧକ୍ଷତାରେ ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘର ବାଲେଶ୍ୱର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂଘର ରାଷ୍ଟ୍ରୀୟ ଅଧକ୍ଷ ପୀତବାସ ମିଶ୍ର ଯୋଗଦେଇ ସାମ୍ବାଦିକଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ବହୁବିଧ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହିତ ସଂଘ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ଠାରେ ସାମ୍ବାଦିକଙ୍କ ହିତ ସାଧନ ନିମନ୍ତେ ଦାବୀ ଉପସ୍ଥାପନ କରିଆସୁଥିବା କହିଥିଲେ । ସମ୍ମାନୀତ ଅତିଥି ଭାବେ ସଂଘର ଭୁବନେଶ୍ୱର ଅଧକ୍ଷ ହୃଷିକେଶ ମହାନ୍ତି, ସଂଘର କାର୍ଯ୍ୟକର୍ତା ରବୀନ୍ଦ୍ର କୁମାର ମହାନ୍ତି, ରାଜ୍ୟ ଉପସଭାପତି ଅନିଲ କୁମାର ସାହୁ, ମୁଖ୍ୟ ଉପଦେଷ୍ଟା ଶୁଭେନ୍ଦୁ ଦାସ, ସୃଷ୍ଟିଧର ପରିଡା, ଜ଼ିଲ୍ଲା ସଭାପତି ଅପର୍ଣ୍ଣା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଜ଼ିଲ୍ଲା ସମ୍ମିଳନୀ ପାଳନ ସମ୍ପର୍କରେ ସାମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ଏଥିସହ ସମସ୍ତ ସଦସ୍ୟ ଓ ସଦସ୍ୟା ଏବଂ ଆଗାମୀ ଦିନରେ ଜଡିତ ହେବାକୁ ଥିବା ନୂତନ ସଦସ୍ୟ ଓ ସଦସ୍ୟା ମାନେ ଏକତ୍ରିତ ମନୋଭାବ ରଖି ସଂଘର ବହୁମୁଖୀ କାର୍ଯ୍ୟାଧରକୁ ଆଗକୁ ନେବାକୁ ପ୍ରେରଣା ଭରିଥିଲେ । ତତସହ ଆଜିର ସମୟରେ ସାମ୍ବାଦିକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ସ୍ତମ୍ଭକାର ସମ୍ବଳିତ ସମସ୍ତ ତଥ୍ୟ ସମାଜର ଆଇନା ସଦୃଶ । ଉଭୟ ଛପା ଓ ବୈଦ୍ୟୁତିକ ଗଣମାଧ୍ୟମ ସହିତ ସାମାଜିକ ଗଣମାଧ୍ୟମ ସତ୍ୟ ସମ୍ବାଦ ପରିବେଷଣ କରି ଜନତାର ସେବା ପାଇଁ ବ୍ରତୀ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ବରିଷ୍ଠ ସାମ୍ବାଦିକ କମଳାକାନ୍ତ ନାୟକ ଏବଂ ମହେଶ୍ୱର ପ୍ରଧାନ ନିଜ ନିଜ ଅଭିଜ୍ଞତା ବାଂଟି ଥିଲେ । ଏହି ଅବସରରେ ସଂଘର ପୂର୍ବତନ ସଭାପତି ତଥା ଦିବଂଗତ ସମ୍ବାଦିକ ସତ୍ୟପ୍ରିୟ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ଓ ତାଙ୍କ କାର୍ଯ୍ୟଦକ୍ଷତାକୁ ଅତିଥିମାନେ ସ୍ମରଣ କରିଥିଲେ । ସ୍ୱର୍ଗତ ମହାନ୍ତିଙ୍କ ବିୟୋଗରେ ସଂଘ ବହୁ ମାତ୍ରାରେ ଦୁର୍ବଳ ହୋଇ ପଡିଥିଲା ବେଳେ ପୁନଃର୍ବାର ଏହାକୁ ଆଗକୁ ନେବାକୁ ସମସ୍ତଙ୍କ ମିଳିତ ସହଯୋଗ କାମନା କରିଥିଲେ । ସାମ୍ବାଦିକ ମାନେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । କଲମ ମୁନ ହିଁ ଶାଣିତ ଅସ୍ତ୍ର ଠାରୁ ବି ଶକ୍ତିଶାଳୀ ବୋଲି ମତବ୍ୟକ୍ତ କରିବାସହ କୌଣସି ବାହ୍ୟ ଚାପର ବଶଃବର୍ତୀ ନହୋଇ ନିଜ କର୍ତବ୍ୟ ସମ୍ପାଦନ କରିବାକୁ ପ୍ରବର୍ତାଇ ଥିଲେ । ଏହି ଅବସରରେ ସଂଘର ନୂତନ ଜ଼ିଲ୍ଲା କାର୍ଯ୍ୟାଳୟ ଅତିଥିଙ୍କ ଦ୍ୱାରା ଉଦଘାଟନ କରାଯାଇ ଥିଲା । ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀଯୁକ୍ତ ମିଶ୍ର ସଂଘର ବାଲେଶ୍ୱର ଜ଼ିଲ୍ଲା ଶାଖା ସଭାପତି ଭାବେ ଅପର୍ଣ୍ଣା ମହାପାତ୍ର ଏବଂ ସାଧାରଣ ସମ୍ପାଦକ ଭାବେ ଦେବବ୍ରତ ପାଣିଗ୍ରାହୀଙ୍କୁ ସ୍ୱୀକୃତି ପ୍ରଦାନ କରିଥିଲେ । ଶେଷରେ ମିତାଞ୍ଜଳୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ସଞ୍ଜୟ ଓଝା, ଅଭିରାମ ମଣ୍ଡଳ,କମଳାକାନ୍ତ ନାୟକ, ଭଗବାନ ଦାସ, ମହେଶ୍ୱର ପ୍ରଧାନ, ବିପିନ ବିହାରୀ ଦାସ, ତପନ ଦାସ, ହରିଶଙ୍କର ଜେନା, ଅରୁଣ କୁମାର ସାହୁ, ଆଶିଷ କୁମାର ଗିରୀ, ଉମେଶ ପାଣିଗ୍ରାହୀ, ମନୋଜ ବିଶ୍ୱାଳ, ତ୍ରିଲୋଚନ ମହାନ୍ତି, ନିହାରରଞ୍ଜନ ଜେନା, ବିସ୍ମୟ କୁମାର ମଲ୍ଲିକ, ପରେଶ କୁମାର ସେଠୀ, କାର୍ତିକ ପୁଥାଳ, ଆର. କେ ମହାନ୍ତି, କଂଯମଣୀ ସ୍ୱାଇଁ, ହିର୍ତିକ ନାୟକ, ଦମୟନ୍ତୀ ମହାପାତ୍ର, ଧୀରଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବରିଷ୍ଠ ଆଇନଜୀବି ମହେଶ ଚନ୍ଦ୍ର ମହାପାତ୍ର ନିଜର ଗୋଟିଏ ରୁମ୍ ଶାଖା କାର୍ଯ୍ୟାଳୟ ବ୍ୟବହାର ପାଇଁ ପ୍ରଦାନ କରିବା ସହ ଆରମ୍ଭରେ ରାଷ୍ଟ୍ରୀୟ ଅଧକ୍ଷ ପିତବାସ ମିଶ୍ର କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମଂଚାସୀନ ଅତିଥିମାନଙ୍କୁ ଉପଢ଼ୌକନ ଓ ଫୁଲତୋଡ଼ା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମେଧାବୃତିରେ ରାଜ୍ୟରେ ୫ମ ସ୍ଥାନରେ ନୀଳଗିରି ଶିଶୁମନ୍ଦିର ପଂଚମ ଶ୍ରେଣୀ ଛାତ୍ରୀ କ୍ଷୀରାଧି

ନୀଳଗିରି(ନିପ୍ର): ମେଧା ବୃତିରେ ରାଜ୍ୟରେ ୫ମ ସ୍ଥାନରେ ରହି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ନୀଳଗିରି ସାରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଚତୁର୍ଥ ଶ୍ରେଣୀ ର ଛାତ୍ରୀ କ୍ଷୀରାଧି ତନୟା ନାୟକ (୯) । ସୂଚନା ଯୋଗ୍ୟ କଟକ ଜିଲ୍ଲା ମାହାଙ୍ଗା ଥାନା ଅଧିନ କୁହୁଣ୍ଡକ୍ଷ ଗ୍ରାମର ନିତ୍ୟାନନ୍ଦ ନାୟକ ଓ ଜୟନ୍ତୀ ଦାସ ଙ୍କ ସୁପୁତ୍ରୀ ତଥା ନୀଳଗିରି ସାରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଚତୁର୍ଥ ଶ୍ରେଣୀ ର ଅଧ୍ୟୟନରତ ଛାତ୍ରୀ କ୍ଷୀରାଧି ତନୟା ନାୟକ ଚଳିତ ୩ୟ ଶ୍ରେଣୀ ପ୍ରାଦେଶିକ ମେଧା ପରୀକ୍ଷା ୨୦୨୫-୨୬ ରେ ସାରା ଓଡ଼ିଶାରେ ୫ମ ସ୍ଥାନ ଅଧିକାର କରିଛନ୍ତି । ଏଭଳି ସଫଳତା ପାଇଁ ବିଦ୍ୟାଳୟ ତରଫରୁ ତାଙ୍କୁ କୃତଜ୍ଞତା ଜଣାଇବା ସହ ତାଙ୍କର ଉତରୋତର ଉନ୍ନତି କାମନା କରାଯାଇଛି ।

# ପଟ୍ଟଚିତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ

କଟକ(ନିପ୍ର): ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ, ଓରମାସ, କଟକ ଦ୍ୱାରା ନେତାଜୀ ବସ ଟର୍ମିନାଲ, ଠାରେ ପ୍ରଥମ ମହଲାରେ ଅବସ୍ଥିତ "ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର-ଦ ଭିଲେଜ ଷ୍ଟୋର" ରେ ପଟ୍ଟଚିତ୍ର କଳାର ଦୁଇଦିନିଆ ପ୍ରାୟୋଗିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପଟ୍ଟଚିତ୍ର ହେଉଛି ଓଡ଼ିଶାର ଏକ ପ୍ରସିଦ୍ଧ ପାରମ୍ପରିକ ଚିତ୍ରକଳା ଶୈଳୀ । "ପଟ୍ଟ" ମାନେ କପଡ଼ା (କ୍ୟାନଭାସ) ଏବଂ "ଚିତ୍ର" ମାନେ ଚିତ୍ରଣ ଅର୍ଥାତ୍ କପଡ଼ା ଉପରେ ଅଙ୍କିତ ଚିତ୍ରକଳାକୁ ପଟ୍ଟଚିତ୍ର କୁହାଯାଏ । ଏହି କଳାର ମୂଳ କେନ୍ଦ୍ର ପୁରୀ ଜିଲ୍ଲା ଅନ୍ତର୍ଗତ ରଘୁରାଜପୁର ଗ୍ରାମ, ଯେଉଁଠାରେ ଅନେକ ପରମ୍ପରାଗତ ଶିଳ୍ପୀ ପରିବାର ପିଢି ପରେ ପିଢି ଏହି କଳାକୁ ଅନୁସରଣ କରୁଛନ୍ତି । ଏହି କଳାରେ ପ୍ରାକୃତିକ ରଙ୍ଗରେ ସୂକ୍ଷ୍ମ, ନିଖୁଣ, ପୌରାଣିକ ବିଷୟ ଆଦି ସୁନ୍ଦର ଭାବେ ପ୍ରକାଶ ପାଏ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରେଭେନସା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଯୁବକ ଯୁବତୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏହି କର୍ମଶାଳାରେ ପ୍ରସିଦ୍ଧ ପଟ୍ଟଚିତ୍ର ଶିଳ୍ପୀମାନେ ଛାତ୍ରଛାତ୍ରୀଙ୍କୁ ପଟ୍ଟଚିତ୍ରର ଇତିହାସ, ପାରମ୍ପରିକତା, ପ୍ରାକୃତିକ ରଙ୍ଗର ବ୍ୟବହାର, ଚିତ୍ର ଅଙ୍କନର ବିଶେଷ ପ୍ରଣାଳୀ ଏବଂ ଏହାର ସାଂସ୍କୃତିକ ମହତ୍ୱ ସମ୍ପର୍କରେ ବିସ୍ତୃତ ଧାରଣା ପ୍ରଦାନ କରିବା ସହ ଏହି କୌଶଳର ଗୁରୁତ୍ୱ ଓ ଏହା ମାଧ୍ୟମରେ ସ୍ୱୟଂରୋଜଗାର ସୃଷ୍ଟି କରିବାର ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା

# ବାଲେଶ୍ୱର ପୌରାଂଚଳରେ ଶୁଭାରମ୍ଭ ହେଲା ୬ଟି ପୋଖରୀର ଉନ୍ନତିକରଣ ପ୍ରକଳ୍ପ





ବାଲେଶ୍ୱର(ନିପ୍ର): ବାଲେଶ୍ୱର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ପୂର୍ବ ପ୍ରତିଶୃତି ଅନୁଯାୟୀ ନିରନ୍ତର ପଦକ୍ଷେପ ନେଉଛନ୍ତି ବିଧାୟକ ମାନସ କୁମାର ଦତ । ଏହି ପରିପ୍ରେକ୍ଷୀରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ ବାଲେଶ୍ୱର ପୌରାଂଚଳର ବିଭିନ୍ନ ୱାର୍ଡରେ ଥିବା ପୋଖରୀ ଗୁଡିକର ଉନ୍ନତି ସହ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧିନରେ ବାଲେଶ୍ୱର ପୌର ପାଳିକା ପକ୍ଷରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଏ ନେଇ ଆୟୋଜିତ ପୃଥକ ପୃଥକ କାର୍ଯ୍ୟକ୍ରମରେ ସଦର ବିଧାୟକ ଯୋଗଦେଇ ପ୍ରକଳ୍ପ ଗୁଡିକର ଶିଳାନ୍ୟାସ କରିଥିଲେ । ପ୍ରଥମେ ୨୦ନଂ ୱାର୍ଡରେ ଶୋଭାରାମପୁର ସହରୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ପୋଖରୀର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା । ରାଜ୍ୟର ଲୋକପ୍ରିୟ ସରକାର ସହରଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଆରମ୍ଭ ସହ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଅନୁଦାନ ପ୍ରଦାନ କରୁଛନ୍ତି । ଏହି ସୂତ୍ରରେ ବାଲେଶ୍ୱର ସହରର ବିକାଶ ପାଇଁ ନିରନ୍ତର ଉଦ୍ୟମ ଜାରି ରହିଛି । ଏହି ପ୍ରକଳ୍ପରେ ପୋଖରୀର ସମ୍ପୂର୍ଣ୍ଣ ପଙ୍କୋଦ୍ଧାର ସହିତ ଗାର୍ଡୱାଲ ଓ ଷ୍ଟିଲ ବ୍ୟାରେକେଟିଂ କରାଯିବ । ଧାର୍ଯ୍ୟ ସମୟସୀମା ମଧ୍ୟରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବିଧାୟକ ଶ୍ରୀ ଦତ ଏହି ଅବସରରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ଥିଲେ । ପୌରାଧକ୍ଷା ସବିତା ସାହୁ ଏଥିରେ ପୌରହିତ୍ୱ କରିବା ସହିତ ବାଲେଶ୍ୱର ସହରରେ ପୋଖରୀ ପୁନରୁଦ୍ଧାର ଯୋଜନାର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ କିଛି ପୋଖରୀର ଉନ୍ନତିକରଣ କରାଯାଇଥିଲା । ଏବେ ଦ୍ୱିତୀୟ ପର୍ଯ୍ୟାୟରେ ୬ଟି ପୋଖରୀର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ କରାଯାଉଛି । ତେବେ ସମସ୍ତ ପୋଖରୀର ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ଏଥିପାଇଁ ପୌରପାଳିକା ପକ୍ଷରୁ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ରହିଛି ବୋଲି ଶ୍ରୀମତୀ ସାହୁ ସୂଚନା ଦେଇଥିଲେ । ଆଗାମୀ ଦିନରେ ସହର ମଧ୍ୟରେ ଥିବା ଅନ୍ୟ ପୋଖରୀ ଚିହ୍ନଟ ସହ ସେଗୁଡିକର ଉନ୍ନତି କରାଯିବ ବୋଲି ସେ କହିଛନ୍ତି । ଏହା ପରେ ୨୧ନଂ ୱାର୍ଡ଼ର ଗୋଡ଼ିପଦା ମହାବୀର ପୋଖରୀ, ୨୨ନଂ ୱାର୍ଡ଼ର ବାଳାଶ୍ରମ ପୋଖରୀ, ୨୩ ନଂ ୱାର୍ଡ଼ର ଚନ୍ଦନ ପୋଖରୀ ଓ ଗୋଶାଳାପଦା ପୋଖରୀ ଏବଂ ୮ନଂ ୱାର୍ଡ଼ର ବିଶ୍ରାମ ପୋଖରୀ ପ୍ରଭୃତିର ଉନ୍ନତି ପାଇଁ ଶିଳାନ୍ୟାସ କରାଯାଇଥିଲା । ପୌରନିର୍ବାହୀ ଅଧିକାରୀ ସିରିୟଲ ଶୁଭ୍ର ପଟେଲ, ପୌରଯନ୍ତ୍ରୀ ସୀମାଂଚଳ ମିଶ୍ର, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ, ୨୦ନଂ ୱାର୍ଡ଼ କାଉନସିଲର ନିରୂପମା ଦାଶ, ୨୧ନଂ ୱାର୍ଡ଼ କାଉନସିଲର ସୁଚିସ୍ମିତା ପଣ୍ଡା, ୨୨ନଂ ୱାର୍ଡ଼ କାଉନସିଲର ଦେବାଶିଷ ସିଂ, ୨୨ନଂ ୱାର୍ଡ଼ କାଉନସିଲର ଶଶୀରେଖା ମହାନ୍ତି, ୮ନଂ ୱାର୍ଡ଼ କାଉନସିଲର ପ୍ରିତିଲତା ସେଠୀ ପ୍ରମୁଖଙ୍କ ସହ ବରିଷ୍ଠ ନେତା ଗୌରାଙ୍ଗ ଦାସ, ଭାଗବତ ସାହୁ, ଗଙ୍ଗାଧର ରାଉତ, ଚିତରଞ୍ଜନ ପଣ୍ଡା, ରାଜେନ୍ଦ୍ର ଚାଟାର୍ଜୀ, ଉପେନ୍ଦ୍ର ଶତପଥୀ, ସୁଧାଂଶୁ ପଣ୍ଡା, ସୀତାକାନ୍ତ ସ୍ୱାଇଁ, ପ୍ରମୁଖ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମଗୁଡିକରେ ଉପସ୍ଥିତ ଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Khaira, Balasore dated 27.04.2026 I, Satyaprakasha Behera, aged about 18 years, S/o- Surendra Behera of Village- Amaria, Po- Baghua, PS- Simulia, Dist- Balasore declare that I have changed my name from Satyaprakash Behera to Satyaprakasha Behera. Henceforth, I shall be known as Satyaprakasha Behera for all purposes.

Sd/-
Satyaprakasha Behera

# ଉତ୍କଳ ଗୌରବ ମଧୁସୂଦନ ଏ ଜାତିର କର୍ଣ୍ଣଧାର ଥିଲେ : କଳାକେନ୍ଦ୍ର

ବ୍ରହ୍ମପୁର(ନିପ୍ର): ଅଗ୍ରଣୀ ସାଂସ୍କୃତିକ ବହୁମୁଖୀ ପ୍ରତିଷ୍ଠାନ 'ଜାତୀୟ ସଙ୍ଗୀତ କଳାକେନ୍ଦ୍ର' ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୯ତମ ଜୟନ୍ତି ମହାସମାରୋହରେ ପାଳିତ ହୋଇଯାଇଛି । ବରିଷ୍ଠ କଣ୍ଠଶିଳ୍ପୀ ଆଶୁତୋଷ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତି ସଭାରେ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ମହାସଚିବ ତଥା ବରିଷ୍ଠ ସାରସ୍ୱତ ସାଧକ ସୁବାସ ଚନ୍ଦ୍ର ସାହୁ ରୋଶନ୍ କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିବା ସହ ଦୂରଦ୍ରଷ୍ଟା ଉତ୍କଳ ଗୌରବ ମଧୁସୂଦନ ଦାସ ଏ ଜାତିର ଜନୈକ କର୍ଣ୍ଣଧାର ଥିଲେ ବୋଲି



ମନ୍ତବ୍ୟ ଦେବା ସହ ଆମେ ଆମ ଜାତୀୟତାବୋଧକୁ ଯେତିକି ଜାବୁଡ଼ି ଧରିବାରେ ସଫଳକାମୀ ହେବା, ସେତିକିମାତ୍ରାରେ ଆମ ଜାତିର ପ୍ରଗତି ଓ ସମୃଦ୍ଧି ବିକଶିତ ହେବ ବୋଲି ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ଉଦବୋଧନ ଦେଇଥିଲେ । କଳାକେନ୍ଦ୍ର ସମ୍ପାଦକ ସ୍ୱରଗୌରବ କୃଷ୍ଣ ପ୍ରସାଦ ସାବତ ସ୍ୱାଗତ ଭାଷଣ କ୍ରମରେ ଉତ୍କଳ ଗୌରବଙ୍କ କୃତରାଜିର ସିଂହାବଲୋକନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ବନ୍ଦେ ଉତ୍କଳ ଜନନୀ' କଳାକେନ୍ଦ୍ର ଛାତ୍ରୀମାନେ ଗାନ କରିଥିଲେ । ସର୍ବଶ୍ରୀ ଲକ୍ଷ୍ମୀ ନାରାୟଣ ଆଚାରୀ, ନିତ୍ୟାନନ୍ଦ ପାଢ଼ୀ, କିରଣ କୁମାର ମହାନ୍ତି, ଅରୁଣ କୁମାର ସାହୁ, ଅନିଲ ପାଢ଼ୀ, ଅନୁରାଧା ମହାପାତ୍ର, ଉମାମଣି ସାବତ, ଗାୟତ୍ରୀ ନାୟକ ପ୍ରମୁଖ ଏହି ଅବସରରେ ଉତ୍କଳ ଗୌରବଙ୍କ ସ୍ମୃତି ଚାରଣ କରିଥିଲେ । ପରିଶେଷରେ ବରିଷ୍ଠ କଳାକାର ମହେନ୍ଦ୍ର କୁମାର ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଂଚାୟତ ସମିତି ବୈଠକ



ଜଳେଶ୍ୱର(ନିପ୍ର): ଜଳେଶ୍ୱର ପଂଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା । ପଂଚାୟତ ସମିତି ଅଧ୍ୟକ୍ଷ ମାନସ ଜେନାଙ୍କ ଅଧ୍ୟକ୍ଷତା ରେ ମୁଖ୍ୟ ଅତିଥି ବିଧାୟକ ଅଶ୍ୱିନୀ ପାତ୍ର, ସାଂସଦ ଙ୍କ ପ୍ରତିନିଧି ବ୍ରଜମୋହନ ପ୍ରଧାନ, ପଂଚାୟତ ସମିତି ଉପାଧ୍ୟକ୍ଷା ସଂଚିତା ସେନାପତି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ବିଡ଼ିଓ ଗୌରାଙ୍ଗ ଘୋଷ, ଏବିଡ଼ିଓ ସୁଧୀର ସାହୁ , ସହକାରୀ ଯନ୍ତ୍ରୀ ସନ୍ଧ୍ୟା ରାଣୀ ପାତ୍ରପ୍ରମୁଖ ମଂଚାସିନ ରହି ପାନୀୟ ଜଳ, ବିଦ୍ୟୁତ, ଆର ଡି, ଜଳ ସେଚନ, ଉଠା ଜଳସେଚନ, ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ଡ୍ରେନେଜ, ମହିଳା ଶିଶୁ ବିକାଶ, ଉଦ୍ୟାନ, ପୂର୍ତ୍ତ ବିଭାଗ, ସହ ଆଲୋଚନା କରିବା ସହ ସମସ୍ୟା ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା । ଏହି ଆଲୋଚନା ରେ ଡିଜିପିଓ ସବ୍ୟସାଚି ଦାସ, ସିପି ସୁଜିତ କୁମାର ଜେନା ଉପସ୍ଥିତ ଥିଲେ । ସରପଂଚ ଓ ସମିତି ସଦସ୍ୟ, ସଦସ୍ୟା ମାନେ ଉପସ୍ଥିତ ରହି ନିଜ ଅଂଚଳର ସମସ୍ୟା କହିଥିଲେ ।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହଣ କମିଟି ବୈଠକ ଅନୁଷ୍ଠିତ

ଯାଜପୁର(ନିପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଖରିଫ ବର୍ଷ (୨୫-୨୬) ରବି ଋତୁ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ବୈଠକରେ ୨୦୨୪-୨୫ ଖରିଫ ବର୍ଷ (ରବି)ରେ ଧାନ ସଂଗ୍ରହ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରାଯାଇ ଥିଲା । ୨୦୨୪-୨୫ ଖରିଫ ବର୍ଷରେ ଧାନ ସଂଗ୍ରହରେ ୮୭.୫୪ ପ୍ରତିଶତ ଟାର୍ଗେଟ ପୂରଣ ହୋଇପାରିଥିଲା । ୨୦୨୫-୨୬ ଖରିଫ ବର୍ଷ ପାଇଁ ୨୬ ଟି ପ୍ରାଥମିକ କୃଷି ସମବାୟ ସମିତି ଏବଂ ୧୫ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଛନ୍ତି । ଜିଲ୍ଲାରେ ମୋଟ ୧୨,୫୦୦ ହେକ୍ଟର ରବି ଫସଲ ଜମି ଚାଷ ହେଉଛି । ୨୦୨୪-୨୫ ଖରିଫ ବର୍ଷରେ ମୋଟ ୫୬୪୦ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୨୫-୨୬ ଖରିଫ ବର୍ଷରେ ୪୬୦୭ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ଗତ ବର୍ଷ ଅପେକ୍ଷା ଚାଷୀ ପଞ୍ଜୀକରଣ କାହିଁକି କମିଲା ବୋଲି ଜିଲ୍ଲାପାଳ ବୈଠକରେ ପ୍ରଶ୍ନ କରିଥିଲେ । ସାଂସଦ ଡ. ବେହେରା ଧାନ ସଂଗ୍ରହରେ ହେଉଥିବା କଟନି ଛଟନିକୁ ବନ୍ଦ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ପ୍ରତିନିଧି, ଡିଆରସିଏସ୍, ଏସିଏସଓ, ଏମଆଇ, ମିଲର ଏବଂ ପ୍ରାଥମିକ କୃଷି ସମବାୟ ସମିତି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଇପିଏଫ୍ ପେନସନର ଆସୋସିଏସନର ବୈଠକ ଅନୁଷ୍ଠିତ

ରାୟଗଡ଼ା(ନିପ୍ର): ଅଲ ଓଡ଼ିଶା ଇପିଏଫ୍ ପେନସନରସ୍ ଆସୋସିଏସନ ରାୟଗଡ଼ ଜିଲ୍ଲା ଶାଖା କମିଟି ବୈଠକ ବରିଷ୍ଠ ସାଥୀ ପ୍ରଭାକର ଭୁକ୍ତାଙ୍କ ସଭାପତିତ୍ୱରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ସାଥି ପ୍ରଶାନ୍ତ ପଟ୍ଟନାୟକ, କେନ୍ଦ୍ର ଓ ରାଜ୍ୟ କମିଟି ସ୍ତରରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ବୈଠକରେ ସର୍ବନିମ୍ନ ପେନସନ ୯ ହଜାର ଟଙ୍କାକୁ ବୃଦ୍ଧି କରିବା ସହ ମହଙ୍ଗା ଭତା ଓ ନିଶୁଳ୍କ ଚିକିତ୍ସା ସୁବିଧା ପ୍ରଦାନ କରିବା




ଲାଗି ବାରମ୍ବାର ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରାଯାଇ ଥିଲେ ସୁଦ୍ଧା କେନ୍ଦ୍ର ସରକାର ଦାବୀ ପୂରଣ କରିବା କ୍ଷେତ୍ରରେ ପରିଣତ ବୟସରେ ପହଂଚି ଥିବା ଅବସରପ୍ରାପ୍ତ ଇପିଏଫ୍ କର୍ମଚାରୀ ମାନଙ୍କ ପ୍ରତି କୌଣସି ପ୍ରକାର ଆନ୍ତରିକତା ପ୍ରଦର୍ଶନକରୁ ନାହାନ୍ତି, ଏପରିକି ସୁପ୍ରିମ କୋର୍ଟଙ୍କ ରାୟ ଅନୁଯାୟୀ ବର୍ଦ୍ଧିତ ପେନସନ୍ ଦେବାରେ ସଂପୃକ୍ତ ଅଧିକାରୀ ମାନେ କାର୍ଯ୍ୟକାରୀ କରୁ ନଥିବା ହେତୁ ଅନେକ ଯୋଗ୍ୟ ଇପିଏଫ୍ କର୍ମଚାରୀମାନେ ବଂଚିତ ହୋଇଛନ୍ତି ମୁଖ୍ୟତଃ, ମୁନିଗୁଡ଼ାର ପ୍ରାୟ ୬୦ ଜଣ କର୍ମଚାରୀ ଏଥିରେ ଅନ୍ତର୍ଭୁକ୍ତ ରହିଛନ୍ତି । ଯୁକ୍ତିଯୁକ୍ତ ନ୍ୟାୟ ସଙ୍ଗତ ଦାବୀ ଗୁଡ଼ିକ ପୂରଣ ହୋଇ ପାରୁନଥିବାରୁ ଆଜିର ବୈଠକରେ ଘୋର ନିନ୍ଦା କରାଯାଇଥିଲା, ଦାବି ପୁରଣରେ ଖିଲାପ ହେଲେ ଆଗାମୀ ଦିନରେ ବିଭିନ୍ନ ପର୍ଯ୍ୟାୟରେ ତୀବ୍ରତର ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଲାଗି ନିଷ୍ପତି କରାଗଲା । ଏହି ବୈଠକରେ ଜିଲ୍ଲାର ବିଭିନ୍ନ ନିଗମର ଅବସର ପ୍ରାପ୍ତ କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ସ୍ୱର୍ଗତଃ ସୁଦୀପ୍ତା ମହାନ୍ତିଙ୍କୁ ଭବ୍ୟ ଶ୍ରଦ୍ଧାଞ୍ଜଳି ପ୍ରଦାନ

ନୋଏଡା: ସ୍ୱର୍ଗତଃ ସୁଦୀପ୍ତା ମହାନ୍ତିଙ୍କର ବିୟୋଗର ଏକାଦଶ ଦିବସରେ ତାଙ୍କର ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ, ଏଠାରେ ଭବ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିବା ଜଣାଯାଇଛି । ନୋଏଡାର ସେକ୍ଟର ବାଉନସ୍ଥିତ କମ୍ୟୁନିଟି ସେଂଟର ଠାରେ ଏହି ଉପଲକ୍ଷେ ଆୟୋଜିତ ଏକ ପ୍ରାର୍ଥନା ସଭାରେ ସ୍ୱର୍ଗତଃ ସୁଦୀପ୍ତାଙ୍କର ଶତାଧିକ ବନ୍ଧୁବାନ୍ଧବ, ପରିଜନ, ପରିବାର ବର୍ଗ, ପ୍ରଶଂସକ, ଶୁଭେଚ୍ଛୁ ତଥା ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ବୃନ୍ଦ ଯୋଗଦେଇ ତାଙ୍କର ଅମର ଆତ୍ମାର ଚୀରଶାନ୍ତି କାମନା କରିଥିଲେ । ଶ୍ରୀମତୀ ମହାନ୍ତିଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରି ବିଶିଷ୍ଟ ବ୍ୟକ୍ତିମାନେ ଏହି ଅବସରରେ ତାଙ୍କ ଆଦର୍ଶ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସୁଦୀପ୍ତାଙ୍କର ସ୍ୱାମୀ, ସ୍ୱନାମଧନ୍ୟ ଚାଟାର୍ଡ ଏକାଉଂଟାଂଟ, ଏ.ଟି.ଡି. ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ, ସାମୁଦାୟିକ ବିକାଶ ସମିତିର ସଭାପତି, ୱାର୍ଲ୍ଡ



ଓଡ଼ିଶା ସୋସାଇଟି ଉତର ପ୍ରଦେଶ ଶାଖାର ମୁଖ୍ୟ ପୃଷ୍ଠପୋଷକ ଏବଂ ନୋଏଡ଼ା ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ପ୍ରତିଷ୍ଠାତା ଓ ପୁର୍ବତନ ସମ୍ପାଦକ ଡକ୍ଟର ମନୋରଞ୍ଜନ ମହାନ୍ତି ଏବଂ କନ୍ୟା ଆର୍ନି ମହାନ୍ତି, ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପକ୍ଷରୁ ଆଗନ୍ତୁକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱର୍ଗତଃ ସୁଦୀପ୍ତା ମହାନ୍ତି ଜଣେ ଦାୟିତ୍ୱବାନ ଗୃହିଣୀ, ଉତମ ପତ୍ନୀ ତଥା ଯତ୍ନଶୀଳ ମା' ଥିଲେ । ଏକାଧାରରେ ଆଧାତ୍ମିକ ଚିନ୍ତକ, ଧର୍ମପରାୟଣା, ସ୍ନେହୀ, ମିଷ୍ଟଭାସି, ଦରଦୀ ଏବଂ ପରୋପକାରୀ ଆଦି ସୁଗୁଣର ଅଧିକାରୀ ଥିବା, ସୁଦୀପ୍ତାଙ୍କ ବିୟୋଗରେ ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଶୂନ୍ୟତା ସଦା ଅପୂରଣୀୟ ହୋଇ ରହିବ ବୋଲି ତାଙ୍କର ସ୍ୱାମୀ ଡକ୍ଟର ମହାନ୍ତି ପ୍ରକାଶ କରିଥିଲେ । ଏହି ଅବସରରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଶିଳ୍ପୀକା ଜୁନେଜା ସୁମଧୁର ଭଜନ ପରିବେଷଣ କରିଥିଲେ । ସୁଦକ୍ଷ ଉପସ୍ଥାପିକା ପ୍ରତିମା ଶର୍ମା ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଂଚାଳନ କରିଥିଲେ । ନୋଏଡାର ଶ୍ରଦ୍ଧାଞ୍ଜଳି ସମାରୋହରେ ଉପସ୍ଥିତ ଥିବା ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଗୋତମ ବୁଦ୍ଧନଗରର ବିଧାୟକ ପଙ୍କଜ ସିଂହ, ଭାଜପା ନେତା ସଞ୍ଜୟ ବାଲି, ରାମକୃଷ୍ଣ ଯାଦବ, ବିଶ୍ୱ ହିନ୍ଦୁ ପରିଷଦର ନେତା ସୁଧାଂଶୁ ପଟ୍ଟନାୟକ, ପ୍ରସିଦ୍ଧ ଜ୍ୟୋତିଷ ଶାସ୍ତ୍ରୀ ଏବଂ ବାସ୍ତୁବିଦ ଆଚାର୍ଯ୍ୟ ଶୈଳେଶ ତିୱାରୀ, ଅଖିଳ ଭାରତୀୟ ସନାତନ ଗୁରୁକୁଳର ଗୁରୁଜୀ ଗୌତମ ଋଷି, ଉଦ୍ୟୋଗପତି ନବୀନ ଗୁପ୍ତା ଓ ନମିତ ଗୌତମ, ଶ୍ରୀ ନୀଳାଚଳ ସେବା ସଙ୍ଘର ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ, ଉପ-ସଭାପତି ଗଜେନ୍ଦ୍ର ପ୍ରସାଦ ସାମନ୍ତ, ୱାଲର୍ଡ଼ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ୱାଓସୋର ନୂଆଦିଲ୍ଲୀ ଓ ଏନସିଆର ଶାଖାର ସାଧାରଣ ସମ୍ପାଦକ ସରିତା ମହାପାତ୍ର, ଓଡ଼ିଶା ପଜିଟିଭର ପ୍ରତିଷ୍ଠାତା ଆଇନଜିବୀ ସଞ୍ଜୀବ କୁମାର ମହାନ୍ତି, ସମାଜ ସେବୀ ଅଜୟ କୁମାର ବେହେରା, ବିଜୟନୀ ଫାଉଣ୍ଡେସନର ସଭାନେତ୍ରୀ ରୀତା ପାତ୍ର, ଭାଜପାର ନୋଏଡା ମହାନଗରର ଉପ-ସଭାପତି ପ୍ରମୋଦ ଭଲ, ଉଦୟ ଇଣ୍ଡିଆର ଗ୍ରୁପ ସମ୍ପାଦକ ଦୀପକ କୁମାର ରଥ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ନେତା ଦିନେଶ ସିଂହ, କଳିଙ୍ଗ ଭାରତୀ ଫାଉଣ୍ଡେସନର ଜାତୀୟ ସଭାପତି ଅକ୍ଷୟ ସାମଲ, ସଙ୍ଗୀତଜ୍ଞ ଅନିନ୍ଦିତା ଦାସ, ଆଚାର୍ଯ୍ୟ ଅଭିମନ୍ୟୁ ଓ ସନ୍ତୋଷ ରାଉତ, ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାରର ସଭାପତି ମୀନକେତନ ସାମଲ, ଉପ-ସଭାପତି ନିତ୍ୟାନନ୍ଦ ରାଉତ, ସମ୍ପାଦକ ଅନିଲ ଜେନା, ଉତ୍କଳିନୀର ସମ୍ପାଦିକା ଶୁଭ୍ରଲୀନା ମହାନ୍ତି, ଓଡ଼ିଶୀ ନୃତ୍ୟ ଶିଳ୍ପୀ ଡଃ. ଚନ୍ଦନା ରାଉଳ, ମହାକାଂକ୍ଷା ଫାଉଣ୍ଡେସନର ପ୍ରତିଷ୍ଠାତ୍ରୀ ପୁଷ୍ପାଞ୍ଜଳି ବାରିକ ଏବଂ ପ୍ରତିଷ୍ଠାତା ବିମଳ ଭଲ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

# ଜନ ଅଭିଯୋଗ ଶୁଣାଣି ସମସ୍ୟାର ସମାଧାନ ହିଁ ପ୍ରାଥମିକତା : ସୂର୍ଯ୍ୟବଂଶୀ



ଧାମନଗର(ନିପ୍ର): ଧାମନଗର ବିଧାୟକ ତଥା ରାଜ୍ୟ ସରକାର ଙ୍କ ଉଚ୍ଚ ଶିକ୍ଷା କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅସୁରାଳି ଠାରେ ବୁଧବାର ଜନ ଅଭିଯୋଗ ଶୁଣାଣି କରିଛନ୍ତି । ସ୍ଥାନୀୟ ବାଜପେୟୀ ଭବନରେ ଦୀର୍ଘ ସମୟ ଧରି ମନ୍ତ୍ରୀ ସୂରଜ ନିଜର ସହଯୋଗୀଙ୍କ ସହିତ ଉପସ୍ଥିତ ରହି ବ୍ୟକ୍ତିଗତ ଏବଂ ସାମୂହିକ ଭାବେ ଆସିଥିବା ପାଖାପାଖି ୧୫୦ ଜଣଙ୍କ ଅଭିଯୋଗ ପତ୍ର ଗ୍ରହଣ କରିବା ସହ ସେମାନଙ୍କ ସମସ୍ୟା ଶୁଣିଥିଲେ । ଏ କ୍ଷେତ୍ରରେ ସକାରାତ୍ମକ ପଦକ୍ଷେପ ନେବାକୁ ସେ ପ୍ରତିଶ୍ରୁତି ଦେବା ସହ କିପରି ସମସ୍ୟାର ସମାଧାନ ହେବ ସେନେଇ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରତିକ୍ରିୟା ରଖି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ରାଜ୍ୟରେ ଲୋକଙ୍କ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ନିଜେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଯାହା ଏକ ଆଦର୍ଶ ଉଦାହରଣ । ଏହି ଧାରା ଧାମନଗରରେ ଚାଲିଛି, ଯେଉଁଥିରେ ସମସ୍ୟାର ସମାଧାନ ହିଁ କେବଳ ପ୍ରାଥମିକତା ହୋଇଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷା ସ୍ୱାସ୍ଥ୍ୟ ରାସ୍ତାଘାଟ ଡ୍ରେନେଜ ଭତା ରାଜସ୍ୱ ବିଦ୍ୟୁତ ଆଦି ବିଭିନ୍ନ ବିଭାଗର ଅଭିଯୋଗ ହୋଇଥିଲା । ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ବୁଦ୍ଧ ଦ୍ୱେ ଜେନା, ରାଜେନ୍ଦ୍ର ସାହୁ, ବୈକୁଣ୍ଠ ନାଥ ସାହୁ, ଶ୍ରୀକାନ୍ତ ନାୟକ, ମିନତୀ ସାହୁ, ସୂରଜ ସାହୁ, ରମାକାନ୍ତ ସାହୁ, ହୃଷିକେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଗ୍ରାମାଂଚଳରେ ଅନେକ ଦୁର୍ନୀତି ହେଉଚି ଅନେକ ସାଧାରଣ ଲୋକ ନ୍ୟାୟ ପାଇ ପାରୁନାହାନ୍ତି । ତେବେ ମନ୍ତ୍ରୀ ଙ୍କର ଏପରି ପ୍ରୟାସ ରେ ସାଧାରଣ ଲୋକ ନିଶ୍ଚିତ ଉପକୃତ ହୋଇ ପାରିବେ ।

# ଏମ୍.ସି.ଏଲରେ ପାଳିତ ହେଲା କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଦିବସ

ସମ୍ବଲପୁର(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍.ସି.ଏଲ୍) ମୁଖ୍ୟାଳୟରେ ସୋମବାର ଦିନ ଆନ୍ତର୍ଜାତୀୟ ଶ୍ରମ ସଂଗଠନର କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି । ଏହି ଅବସରରେ ନିର୍ଦ୍ଦେଶକ (ଅର୍ଥ) ଅଜିତ କୁମାର ବେହୁରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେ କାର୍ଯ୍ୟାଳୟ ପରିସରରେ ସୁରକ୍ଷା ପତାକା ଉତୋଳନ କରିଥିଲେ ଏବଂ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସୁରକ୍ଷା ଶପଥ ପାଠ କରାଇଥିଲେ । କୋଲ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ବି.ସାଇରାମ ଏବଂ ମହାନଦୀ କୋଲଫିଲ୍ଡସ୍ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେଙ୍କ ବାର୍ତ୍ତାକୁ ଏମ୍.ସି.ଏଲର ମହାପ୍ରବନ୍ଧକ (ସୁରକ୍ଷା ଏବଂ ଉଦ୍ଧାର) ସୁନୀଲ ଶର୍ମା ପାଠ କରିଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ବେହୁରା ସୁରକ୍ଷାକୁ ଦୈନିକ ଜୀବନ ଶୈଳୀରେ ପରିଣତ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ ଏବଂ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାକୁ ସମାନ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ କରିଥିଲେ । ସେ କର୍ମଚାରୀଙ୍କ ସାମଗ୍ରିକ କଲ୍ୟାଣ ଏବଂ ଉତ୍ପାଦକତା ପାଇଁ ଏକ ସୁସ୍ଥ କାର୍ଯ୍ୟ ପରିବେଶ ବଜାୟ ରଖିବା ଉପରେ ମଧ ସେ ଆଲୋକପାତ କରିଥିଲେ ।


**NOTICE (FOR MINOR)**

By virtue of an affidavit sworn before Executive Magistrate, Balasore, dated: 29.04.2026 I, Ranjit Kumar Jena, At./P.O.-Namatara, P.S.-Rajkanika, Dist.-Kendrapara-755106. At present At.-Balgopalpur, P.O.-Rasalpur, P.S.-Remuna, Dist.-Balasore-756019 declare that I have changed the name of my daughter from SMUTIREKHA JENA (old name) to SMRUTIREKHA JENA (new name). Henceforth, he/she shall be known as SMRUTIREKHA JENA (new name) for all purposes.

Sd/-
**Ranjit Kumar Jena**


# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ଦାବି ପତ୍ର ପ୍ରଦାନ

ରାୟଗଡ଼ା(ନିପ୍ର): ରାୟଗଡ଼ା ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ ତରଫରୁ ରାଜ୍ୟ ସଙ୍ଘ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଏକ ୬ ଦଫା ସମ୍ବଳିତ ସମୟରେ ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ଜିଲ୍ଲା ଶାଖା ତରଫରୁ ରାୟଗଡ଼ା ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ୬ ଦଫା ଦାବିପତ୍ର ଦିଆଯାଇଛି । ଏହି ଦାବିପତ୍ର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ଅନୁପସ୍ଥିତି କ୍ରମେ ଅତିରିକ୍ତ




ଜିଲ୍ଲପାଳ ନବୀନ ନାୟକଙ୍କୁ ପ୍ରଦାନ କରଯାଇଥିଲା । ଉକ୍ତ ଦାବି ଗୁଡ଼ିକ ହେଲା ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ପେନସନ୍ ପ୍ରଦାନ, ସ୍ୱାସ୍ଥ୍ୟ ବୀମା ଯୋଜନାର ସମ୍ପ୍ରସାରଣ, ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ପ୍ରେସ୍ ଏକାଡେମୀ ଗଠନ, ଅନୁକମ୍ପା ରାଶି ଦଶ ଲକ୍ଷକୁ ବୃଦ୍ଧି ପ୍ରମୁଖ ଦାବି ଗୁଡିକ ଲାଗୁ କରିବା ନେଇ ଦାବି କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ସୁରେଶ ଦାଶ, ଜିଲ୍ଲା ସଂପାଦକ ବିଜୟ କୁମାର ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ପାଣିଗ୍ରାହୀ, ନିରଞ୍ଜନ ପାଳ, ଧରଣୀ ଧର ପଟ୍ଟନାୟକ, ଦେବୀ ମହାନ୍ତି, ଗୋପୀ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।











କ୍ରୋଧ ଯେତେବେଳେ ଦ୍ୱାର ଦେଶରେ ଉପସ୍ଥିତ ହୋଇଯାଏ, ବିବେକ ଘର ଛାଡ଼ି ପଳାଏ ।

# ଆଜିକାଲି



ଯଦି ମାମ ପ୍ରତିକାରଶସ୍ତ୍ରଂ ଶସ୍ତ୍ରପାଣୟଃ ।
ଧାର୍ତରାଷ୍ଟ୍ରାରଣେ ହନ୍ୟୁସ୍ତନ୍ମେ କ୍ଷେମତରଂ ଭବେତ୍ ।
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ଯଦି ମୋ ପରି ନିଃଶୟ ଓ ସାହସହୀନ ଲୋକକୁ ଦେଖି ଧୃତରାଷ୍ଟ୍ରଙ୍କ ଶସ୍ତ୍ରଧାରୀ ପୁତ୍ରମାନେ ଯୁଦ୍ଧରେ ମାରି ଦିଅନ୍ତି, ତେବେ ବି ମଧ୍ୟ ତାହା ମୋ ପକ୍ଷରେ ଅଧିକ ମଙ୍ଗଳକର ହେବ ।

## ସାଇବର ଠକେଇ ଏକ ଜାତୀୟ ସଂକଟ

ଦେଶରେ ଅନିୟନ୍ତ୍ରିତ ଭାବରେ ବଢିଚାଲିଥିବା ଡିଜିଟାଲ ଠକେଇ ଅପରାଧ ବିରୁଦ୍ଧରେ ମାସକ ମଧ୍ୟରେ ଫଳପ୍ରଦ ପଦକ୍ଷେପ ଗ୍ରହଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ସୁପ୍ରିମକୋର୍ଟ ସ୍ପଷ୍ଟ ଚେତାବନୀ ଦେବା ନିଶ୍ଚିତ ଭାବରେ ଏକ ସମୟୋଚିତ ନିର୍ଦ୍ଦେଶ ବୋଲି କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ୨୦୨୧ ମସିହା ଏପ୍ରିଲ ଏବଂ ୨୦୨୫ ନଭେମ୍ବର ମାସ ମଧ୍ୟରେ ଦେଶରେ ଡିଜିଟାଲ ଜାଲିଆତି ବା ସାଇବର ଠକେଇ ଜରିଆରେ ୫୨ହଜାର କୋଟିରୁ ଅଧିକ ଟଙ୍କା ଅବୈଧ ଭାବରେ ହରଣଚାଲ ହୋଇଛି । ୨୦୨୨ରେ ଦେଶରେ ୩୯ ହଜାରରୁ ଅଧିକ ଡିଜିଟାଲ ଗିରଫ ଏବଂ ସମ୍ପର୍କିତ ସାଇବର ଠକେଇ ଅପରାଧ ଘଟିଥିବା ବେଳେ ୨୦୨୫ରେ ଏଭଳି ଅପରାଧିକ ଘଟଣା ୧ଲକ୍ଷ ୨୩ହଜାରକୁ ଅତିକ୍ରମ କରିଥିଲା । ୨୦୨୧ ତୁଳନାରେ ୨୦୨୪ରେ ଦେଶରେ ଡିଜିଟାଲ ଅପରାଧ ୩ଗୁଣରୁ ଅଧିକ ଘଟିଛି । ଆହୁରି ଠକେଇ ଘଟିଥିବା କୁହାଯାଏ । ତେବେ ଲୋକଲଜ୍ୟା କିମ୍ବା ଭୟ କାରଣରୁ କେତେକ ଠକେଇ ବା ଅପରାଧ ସମ୍ପର୍କରେ ପୋଲିସରେ ଅଭିଯୋଗ ହୋଇନଥିବା ଜଣାଯାଏ । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଡିଜିଟାଲ କାରବାର ବ୍ୟବସ୍ଥା ଏବେ ଦ୍ରୁତଗତିରେ ବଢିଚାଲିଛି । କିନ୍ତୁ ଏହାର ତଦାରଖ ପାଇଁ କୌଣସି ବ୍ୟବସ୍ଥା ନାହିଁ । ୨୦୨୦ରେ ମହାମାରି କୋରୋନା କାଳରେ କିମ୍ବା ଏହା ପୂର୍ବରୁ ଡିଜିଟାଲ କାରବାର ସମ୍ପର୍କରେ ଜନସାଧାରଣ ସମ୍ପୂର୍ଣ୍ଣ ଅଜ୍ଞ ଥିବା ବେଳେ ଏବେ ଭାରତ ଡିଜିଟାଲ କାରବାରରେ ବିଶ୍ୱରେ ଏକ ପ୍ରମୁଖ ରାଷ୍ଟ୍ର ହେବାରେ ସକ୍ଷମ ହୋଇଛି । କିନ୍ତୁ ଡିଜିଟାଲ ବା ସାଇବର ଠକେଇ ଘଟଣା ବୃଦ୍ଧି ଦେଶରେ ଉଦ୍‌ବେଗଜନକ ସ୍ଥିତି ଉତ୍ପନ୍ନ କରିଛି । ଠକମାନେ ନକଲି ପୋଲିସ, ସିବିଆଇ କୋର୍ଟ ଅଫିସର, ପ୍ରଶାସନିକ ଅଧିକାରୀର ପରିଚୟ ଦେଇ ବରିଷ୍ଠ ନାଗରିକମାନଙ୍କୁ ନିଶାଣ କରିଥାନ୍ତି । ସେମାନଙ୍କ ବିରୁଦ୍ଧରେ ବିଭିନ୍ନ ଜାଲ ଅଭିଯୋଗ କରି ଗିରଫ କରିବା ପାଇଁ ଧମକ ଚମକ ଦେଇଥାନ୍ତି । ଏଥିରୁ ମୁକ୍ତି ପାଇଁ ମୋଟା ଅଙ୍କର ଅର୍ଥ ଦାବି କରିଥାନ୍ତି । ଶେଷରେ ଲକ୍ଷ ଲକ୍ଷ ଟଙ୍କା ବ୍ୟାଙ୍କ ଆକାଉଂଟରୁ ଗାଏବ କରି ନେବାରେ ସକ୍ଷମ ହୋଇଥାନ୍ତି । ଅନ୍ୟପକ୍ଷରେ ବ୍ୟାଙ୍କ, ଟେଲିକମ ସେବା ଏବଂ ସ୍ଥାନୀୟ ସାଇବର ମଧ୍ୟରେ ସମନ୍ୱୟ ଅଭାବରୁ ଅପରାଧିମାନେ ଅନାୟସରେ ନିଜର ଲକ୍ଷ୍ୟ ହାସଲ କରିବାରେ ସଫଳ ହୋଇଥାନ୍ତି । ଆହୁରି ମଧ୍ୟ ବିଦେଶୀ ମାଟିରୁ ଅପରାଧି ଠକେଇ ଅପରେସନ ଚଳାଇଥିବାରୁ ପରିସ୍ଥିତି ଆହୁରି ଜଟିଳ ହୋଇପଡିଛି । କିନ୍ତୁ ଏଭଳି ଅପରାଧର ମୁକାବିଲା ପାଇଁ ଆମଦେଶରେ ଆଇନ ରହିଛି । ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଇନ-୨୦୦୦, ଭାରତୀୟ ନ୍ୟାୟା ସଂହିତା, ଟେଲିକମ୍ ଓ ବ୍ୟାଙ୍କିଂ କ୍ଷେତ୍ରରେ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ୨୫ ହଜାର ଟଙ୍କା କ୍ଷୁଦ୍ର ରାଶି ପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବା ବ୍ୟବସ୍ଥା ରହିଛି । ଆଇନରେ କେତେ ତ୍ରୁଟି ରହିଛି । ଉଦାହରଣ ସ୍ୱରୂପ ସୁପ୍ରିମକୋର୍ଟ ଦର୍ଶାଉଛନ୍ତି ଯେ 'ସନ୍ଦିଗ୍ଧ କାରବାର'ର ସଂଜ୍ଞା ଯଥେଷ୍ଟ ନୁହେଁ । ବ୍ୟାଙ୍କଗୁଡିକ ମଧ୍ୟ ୟୁନିଫାଏଡ ଆଡଭାନସ୍ ଆର୍ଟିଫିସିଆଲ ଇଟେଂଲିଜେନସ୍ ପ୍ରଯୁକ୍ତି ବିଦ୍ୟା ମୁତୟନ କରିବାରେ ବିଫଳ ହୋଇଛନ୍ତି । ଇଂଟର-ଏଜେନସି ତଥ୍ୟ ସେୟାରିଂ ଅସମ୍ପୂର୍ଣ୍ଣ ବା ବିଭାଜିତ ଅବସ୍ଥାରେ ରହିଛି । ବହୁତ ପରିମାଣର ରାଶୀ ହରାଇଥିବା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ଆରବିଆଇ ବ୍ୟକ୍ତିଗତ ଆକାଉଂଟ ବ୍ୟବହାରକୁ ଆବଶ୍ୟକତା ଅନୁଯାଇ ଅନୁକୂଳିତ କରିବା ଆବଶ୍ୟକ । ସେହିପରି ବ୍ୟାଙ୍କ, ଟେଲିକମ୍ ଓ ସାଇବର ୟୁନିଟ୍ ମଧ୍ୟରେ ଜାତୀୟ ସ୍ତରରେ ଏକ ସମନ୍ୱୟ ଗ୍ରୀଡ୍ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗଠନ କରିବା ଆବଶ୍ୟକ । ଜନସାଧାରଣଙ୍କୁ ସମାନ ଭାବେ ଶିକ୍ଷାଦେବା ମଧ୍ୟ ଅତ୍ୟନ୍ତ ଜରୁରୀ । ଆହୁରି ମଧ୍ୟ ସାଇବର ଠକେଇ ନେଇ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନ କରାଇବାର ଆବଶ୍ୟକତା ରହିଛି । ଆମ ରାଜ୍ୟରେ ସାଇବର ଠକେଇ ମଧ୍ୟ କିଛି କମ ନୁହେଁ । ୨୦୨୪ରେ ଆମ ରାଜ୍ୟରେ ୨୨୨କୋଟି ଟଙ୍କା ଠକେଇ ହୋଇଥିବା ବେଳେ ୩୪୮୬ ମାମଲା ରୁଜୁ ହୋଇଥିବାବେଳେ ୭୨୭ ଜଣଙ୍କୁ ଗିରଫ କରାଯାଇଥିଲା । ଏହା ନିସନ୍ଦେହ ଯେ, ସାଇବର ଠକେଇ ଏବେ ଏକ ଜାତୀୟ ସଂକଟ ଭାବେ ଉଭା ହୋଇଛି ।

ନୃସିଂହ ଜୟନ୍ତୀ ଅବସରରେ

# ଭଗବାନ ପ୍ରତ୍ୟେକ ରୂପରେ ଭକ୍ତବତ୍ସଳ : ନୃସିଂହ ଅବତାର

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା



ଭଗବାନ ପ୍ରତ୍ୟେକ ରୂପରେ ଭକ୍ତ ବତ୍ସଳ । ସେ ଭକ୍ତର ଡାକ ଶୁଣି ତାକୁ ରକ୍ଷା ଏବଂ ସହାୟତା ନିମନ୍ତେ ଚାଲି ଆସିଥାନ୍ତି । କୌଣସି ମୁହୂର୍ତ୍ତ କୌଣସି ନା କୌଣସି ରୂପରେ ଭଗବାନ ପୃଥିବୀରେ ଅବତରିତ ହୋଇ ଭକ୍ତର ଉଦ୍ଧାର କରିଥାନ୍ତି । ଭକ୍ତ ପ୍ରହ୍ଲାଦର ରକ୍ଷା ନିମନ୍ତେ ଭଗବାନ ନୃସିଂହ ଅବତାର ନେଇଥିଲେ । ସେ ଦିନ ଥିଲା ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ । ତାଙ୍କର ଧରାବତରଣ ଦିବସକୁ ନୃସିଂହ ଜୟନ୍ତୀ ରୂପରେ ପାଳନ କରାଯାଇଥାଏ । ହିନ୍ଦୁ ଧର୍ମରେ ଏହି ଜୟନ୍ତୀର ବିଶେଷ ମହତ୍ୱ ରହିଛି । ଏହି ଦିନ ଭଗବାନ ବିଷ୍ଣୁ ଅଧର୍ମର ବିନାଶ ନିମନ୍ତେ ଏବଂ ଧର୍ମ ରକ୍ଷା ନିମନ୍ତେ ଅବତାର ଧାରଣ କରିଥିଲେ । ଭଗବାନ ନୃସିଂହଙ୍କୁ ଶକ୍ତି ତଥା ପରାକ୍ରମର ଦେବତା ଭାବେ ପୂଜା କରାଯାଇଥାଏ । ନୃସିଂହ ଅବତାର ଭଗବାନ ବିଷ୍ଣୁଙ୍କ ପ୍ରମୁଖ ଅବତାର ମଧ୍ୟରୁ ଗୋଟିଏ । ସେ ପୃଥିବୀକୁ ହିରଣ୍ୟକଶିପୁର ଅତ୍ୟାଚାରରୁ ମୁକ୍ତ କରିବା ଲାଗି ଏହି ରୂପ ଧାରଣ କରିଥିଲେ । ପ୍ରାଚୀନ କାଳରେ ମହର୍ଷି କଶ୍ୟପ ଏବଂ ତାଙ୍କ ପତ୍ନୀ ଦିତିଙ୍କର ଦୁଇ ପୁତ୍ର ଜାତ ହୋଇଥିଲେ । ଜଣକ ନାମ ଥିଲା ହିରଣାକ୍ଷ ଏବଂ ଅନ୍ୟଜଣକ ନାମ ଥିଲେ। ହିରଣ୍ୟକଶିପୁ । ଭଗବାନ ବିଷ୍ଣୁ ପୃଥିବୀର ରକ୍ଷା କରିବା ନିମନ୍ତେ ବରାହ ରୂପ ଧାରଣ କରି ହିରଣାକ୍ଷକୁ ମାରିଥିଲେ । ନିଜ ଭାଇ ମୃତ୍ୟୁ ଦ୍ୱାରା ଦୁଃଖ ଏବଂ କ୍ରୋଧିତ ହିରଣ୍ୟକଶିପୁ ପ୍ରତିଶୋଧ ନେବା ଲାଗି ଅମର ହେବା ଲାଗି ସଂକଳ୍ପ ନେଲା । ସେ କଠୋର ତପସ୍ୟା କରି ବ୍ରହ୍ମାଙ୍କ ଠାରୁ ଅମର ହେବାର ବରଦାନ ମାଗିଲା । ବ୍ରହ୍ମା କିନ୍ତୁ ତାକୁ ସମ୍ପୂର୍ଣ୍ଣ ଭାବେ ଅମର ବର ଦେଇପାରିବେ ନାହିଁ ବୋଲି କହିଲେ । ଶେଷରେ ସେ ଅପରାଜେୟ ହେବା ଲାଗି ବରଦାନ ମାଗିଲା । ବରଦାନ ହାସଲ କରିସାରିବା ପରେ ସେ ସ୍ୱର୍ଗ ଅଧିକାର କରିନେଲା । ସମସ୍ତ ଲୋକରେ ନିଜର ଆଧିପତ୍ୟ ପ୍ରତିଷ୍ଠା କଲା । ଦେବତାମାନେ ତା କବଳରୁ ବର୍ତିବା ଲାଗି ଉପାୟ ପାଇଲେ ନାହିଁ । ହିରଣ୍ୟକଶିପୁ ପ୍ରଜାଙ୍କ ଉପରେ ମଧ୍ୟ ଅତ୍ୟାଚାର କରିବାକୁ ଲାଗିଲା । ହିରଣ୍ୟକଶିପୁ ଯେତେବେଳେ ନିଜ ପୁତ୍ର ପ୍ରହ୍ଲାଦଙ୍କ ଉପରେ ଅତ୍ୟାଚାର କଲା, ସେତେବେଳେ ଭଗବାନ ବିଷ୍ଣୁ ସ୍ତମ୍ଭ ମଧ୍ୟରୁ ନୃସିଂହ ରୂପରେ ପ୍ରକଟ ହେଲେ ଏବଂ ହିରଣ୍ୟକଶିପୁର ବଧ କରିଥିଲେ । ପ୍ରହ୍ଲାଦଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଭଗବାନ ନୃସିଂହ ତାଙ୍କୁ ବରଦାନ ଦେଇଥିଲେ । ଯେଉଁ ବ୍ୟକ୍ତି ଆଜି ଦିନରେ ମୋର ବ୍ରତ ପାଳନ କରିବ ସେ ସମସ୍ତ ପ୍ରକାରର କଷ୍ଟରୁ ମୁକ୍ତି ପାଇଁ ସୁଖ ଭୋଗ କରିବ ଏବଂ ଶେଷରେ ପାପ ମୁକ୍ତ ହୋଇ ପରମଧାମକୁ ଯିବ । ସେବେଠାରୁ ଶ୍ରୀହରିଙ୍କ କୃପା ପାଇବା ନିମନ୍ତେ ନୃସିଂହ ଜୟନ୍ତୀ ଉତ୍ସବ ପାଳନ କରାଯାଇଆସୁଛି । ଧର୍ମ ମାର୍ଗରେ ଚାଲିବା ସମୟରେ ହୁଏତ ଅନେକ ବାଧା ଆସିପାରେ । ଏହା ସତ୍ତ୍ୱେ କେବେହେଲେ ଧର୍ମ ମାର୍ଗ ଛାଡ଼ିବା ଉଚିତ ନୁହେଁ । ଧର୍ମ ମାର୍ଗରେ ଚାଲୁଥିବା ପ୍ରହ୍ଲାଦଙ୍କ ରକ୍ଷା କରିବା ନିମନ୍ତେ ସ୍ୱୟଂ ଭଗବାନ ଉଗ୍ରରୂପରେ ପ୍ରକଟ ହୋଇଥିଲେ । ତେଣୁ ଧର୍ମ ଯେଉଁଠି ବିରାଜମାନ ଥାଏ, ସ୍ୱୟଂ ଭଗବାନ ସେଠାରେ ଥାଆନ୍ତି । ଭଗବାନ ହିଁ ଆମକୁ ଧର୍ମ ମାର୍ଗରେ ଚାଲିବା ଲାଗି ଆତ୍ମ ବିଶ୍ୱାସ ପ୍ରଦାନ କରିଥାନ୍ତି । ନୃସିଂହ ଜୟନ୍ତୀରେ ଶ୍ରଦ୍ଧାପୂର୍ବକ ବ୍ରତ କରିବାର ମହତ୍ୱ ରହିଛି । ଏହି ଦିନ ଭଗବାନ ନୃସିଂହଙ୍କ ପୂଜାର୍ଚ୍ଚନା କରାଯାଇଥାଏ । ଭଗବାନ ନୃସିଂହ ଏବଂ ଦେବୀ ଲକ୍ଷ୍ମୀଙ୍କ ମୂର୍ତି ସ୍ଥାପନ କରିବା ପରେ ଷୋଡ଼ଶ ଉପଚାର ପୂଜା କରିବାର ବିଧି ରହିଛି । ଭଗବାନ ନୃସିଂହଙ୍କୁ ପ୍ରସନ୍ନ କରିବା ନିମନ୍ତେ ଗାୟତ୍ରୀ ମନ୍ତ୍ର ଜପ କରାଯାଇଥାଏ । ଏହି ଦିନ ନିଜ କ୍ଷମତା ଅନୁଯାୟୀ ରାଶି, ସ୍ୱର୍ଣ୍ଣ ତଥା ବସ୍ତ୍ର ଆଦି ଦାନ ଦିଆ ଯାଇଥାଏ । ହିରଣ୍ୟକଶିପୁ ନିଜ ପୁତ୍ର ପ୍ରହ୍ଲାଦକୁ ଶିକ୍ଷା ଗ୍ରହଣ ନିମନ୍ତେ ଗୁରୁକୁଳକୁ ପଠାଇ ଥିଲେ । ପ୍ରହ୍ଲାଦ ଶିକ୍ଷା ଗ୍ରହଣ କରୁଥିବା ସମୟରେ ତାଙ୍କ ମନରେ ହରି ଭକ୍ତି ଜାଗ୍ରତ ହୋଇଥିଲା । ଶିକ୍ଷା ପ୍ରାପ୍ତ କରିବା ପରେ ସେ ଘରକୁ ଫେରିଥିଲେ । ହିରଣ୍ୟକଶିପୁ ପଚାରିଲା, ଏତେଦିନ ଗୁରୁକୁଳରେ ରହିବା ପରେ ତୁମେ କ'ଣ ଶିଖିଲ? ପ୍ରହ୍ଲାଦ କହିଲେ, ପିତାଶ୍ରୀ ମୋର ଗୁରୁଦେବ ମୋତେ ଯାହା ଶିଖାଇଲେ ତାହା କହିବି ନା ମୁଁ ଯାହା ଶିଖିଲି କହିବି ? ହିରଣ୍ୟକଶିପୁ କହିଲା, ପୁତ୍ର ତୁମେ ନିଜେ କ'ଣ ଶିଖିଛ ପ୍ରଥମେ କୁହ ? ପ୍ରହ୍ଲାଦ କହିଲେ, ପିତାଶ୍ରୀ ଏ ଦୁନିଆରେ କୋଟି କୋଟି ଲୋକ ଜନ୍ମ ନେଇଥାନ୍ତି ଏବଂ ମୃତ୍ୟୁବରଣ କରିଥାନ୍ତି । ସମସ୍ତ ନିଜ ନିଜ କର୍ମ ଅନୁଯାୟୀ ଫଳ ପ୍ରାପ୍ତି କରିଥାନ୍ତି । ଭଲ କାମ ପାଇଁ ସ୍ୱର୍ଗ, ଖରାପ କାମ ପାଇଁ ନର୍କ ମିଳିଥାଏ । ଭଲ ଖରାପ କର୍ମର ଫଳ ମିଳିସାରିଲେ ପୁଣିଥରେ ପୃଥିବୀରେ ଜନ୍ମ ନେବାକୁ ହୋଇଥାଏ । ପ୍ରତ୍ୟେକ ପ୍ରାଣୀ ୮୪ ଲକ୍ଷ ଜନ୍ମରେ ବୁଲି ବୁଲିନିଜ କର୍ମ ଫଳ ଭୋଗିଥାଏ । ସଂସାରରେ କେହି କାହାର ଆପଣାର ନୁହନ୍ତି । ମାତାପିତା, ଭାଇବନ୍ଧୁ, ପତ୍ନୀପୁତ୍ର ଏସବୁ କେବଳ ଭ୍ରମ । କେବଳ ନାରାୟଣ ହିଁ ଆପଣାର । କେହି କହିଥାଏ ମୁଁ ସୁଖରେ ଅଛି ତ ଆଉ କେହି କହିଥାଏ ମୁଁ ଦୁଃଖରେ ଅଛି । ବାସ୍ତବରେ ଶ୍ରୀହରିଙ୍କ ନାମ ଜପିବା ଦ୍ୱାରା ହିଁ ସୁଖ ପ୍ରାପ୍ତି ହୋଇଥାଏ । ଶ୍ରୀହରିଙ୍କ ନାମ ଜପିବା ଦ୍ୱାରା ଜୀବର କଲ୍ୟାଣ ହୋଇଥାଏ ।

*ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ*
*୯୪୩୭୧୦୩୧୨୫୩*

# 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ....' ଶ୍ରୀମଦ୍ ଭାଗବତ

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ନୃସିଂହ ଅବତାର

ବୈଶାଖ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭଗବାନ ନୃସିଂହଙ୍କ ଜୟନ୍ତୀ ପାଳନ କରାଯାଇଥାଏ । ମହାନୃସିଂହ ହେଉଛନ୍ତି ଶକ୍ତିର ଦେବତା । ପୌରାଣିକ ମାନ୍ୟତା ଅନୁଯାୟୀ, ଉପରୋକ୍ତ ପବିତ୍ର ତିଥିରେ ଶ୍ରୀହରି ବିଷ୍ଣୁ ନୃସିଂହ ଅବତାରରେ ପ୍ରକଟ ହୋଇ ଥିଲେ । ସେ ଦୈତ୍ୟରାଜ ହିରଣ୍ୟକଶିପୁର ବଧ କରିଥିଲେ । ଭଗବାନ ବିଷ୍ଣୁ ଅଧର୍ମ ନାଶ କରିବା ଲାଗି ଅନେକ ଅବତାର ନେଇଛନ୍ତି । ସେ ଅବତାର ନେବା ପରେ ପୃଥିବୀରେ ଧର୍ମ ପ୍ରତିଷ୍ଠା ହୋଇଛି । ଶ୍ରୀବିଷ୍ଣୁ ସର୍ବଦା ନିଜ ଭକ୍ତମାନଙ୍କୁ ସଂକଟରୁ ରକ୍ଷା କରିଥାନ୍ତି । ଶ୍ରୀମଦ୍ ଭାଗବତରେ ଆରମ୍ଭରୁ ଭଗବାନ ନୃସିଂହଙ୍କୁ ସ୍ତୁତି କରାଯାଇ ଲେଖାଯାଇଛି 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ' । ଅଧର୍ମର ବିନାଶ ପାଇଁ ଅନେକ ସମୟରେ ସମ୍ପୂର୍ଣ୍ଣ ପରୋପକାର ତଥା ଜଗତକଲ୍ୟାଣର ଭାବନା ନେଇ ଅବିରତ ପ୍ରୟାସ କରିବାକୁ ପଡ଼ିଥାଏ । ଫଳରେ ଜଗତରେ ଧର୍ମ ପ୍ରତିଷ୍ଠା ସମ୍ଭବ ହୋଇଥାଏ । ଭଗବାନ ବିଷ୍ଣୁଙ୍କ ପ୍ରତ୍ୟେକ ଅବତାର ସଂସାରର ଏହି ସୂତ୍ରକୁ ପ୍ରତିପାଦିତ କରିଥାଏ । ଏ ସଂସାରରୁ ଦୁଷ୍ଟଙ୍କ ବିନାଶ ପାଇଁ ଭଗବାନ ବିଷ୍ଣୁ ନୃସିଂହ ଅବତାର ନେଇ ଧରାବତରଣ କରିଥିଲେ । ସେହି ଶୁଭ ବେଳ ଥିଲା ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ । ଅର୍ଥାତ୍ ନୃସିଂହ ସ୍ୱରୂପ ନେଇ ଅଧା ନର ଅଧା ସିଂହ ସ୍ୱରୂପ ନେଇ ଜନ୍ମ ନେଇଥବା ଭଗବାନ ବିଷ୍ଣୁଙ୍କ ନୃସିଂହ ଅବତାର ଥିଲା ଅତ୍ୟନ୍ତ ଉଗ୍ର । ହେଲେ ଏହି ଉଗ୍ରତା ମଧ୍ୟରେ ଲୁଚି ରହିଥିଲା ଅଧର୍ମୀର ବିନାଶ କରିବାର ସୂତ୍ର । ଏହି ରୂପରେ ସେ ରାକ୍ଷସରାଜ ହିରଣ୍ୟକଶପର ସଂହାର କରି ଥିଲେ । ହିରଣ୍ୟକଶ୍ୟପ ବ୍ରହ୍ମଦେବଙ୍କ ଠାରୁ ବରଦାନ ପ୍ରାପ୍ତ କରିବା ପରେ ତ୍ରୀଭୂବନରେ ଉତ୍ପାତ ଖେଳାଇ ଦେଇଥିଲା । ଭଗବାନ ବିଷ୍ଣୁ ନୃସିଂହ ଅବତାର ନେଇ ହିରଣ୍ୟକଶ୍ୟପର ବଧ କରିଥିଲେ । ହିରଣ୍ୟକଶ୍ୟପର ଅନ୍ତ କରିବା ସମୟରେ ନା ସେ ଘରେ ଥିଲେ, ନା ଘର ବାହାରେ, ନା ଭୂମିରେ ଥିଲା, ନା ଆକାଶରେ, ନା ସେ ଅସ୍ତ୍ର ଦ୍ୱାରା ମରିଥିଲା ନା ଶସ୍ତ୍ର ଦ୍ୱାରା, ନା ଦିନରେ ମରିଥିଲା ନା ରାତିରେ । ଭଗବାନ ବିଷ୍ଣୁ ହିରଣ୍ୟକଶ୍ୟପର ବଧ କରିବା ଲାଗି ଏକ ବିଶେଷ ସମୟ ବାଛିଥିଲେ । ଏହି ମୁହୂର୍ତ୍ତ ବାର ମାସ ଠାରୁ ଅଲଗା ଥିଲା । ସେହି ମାସ ଥିଲା ଭଗବାନଙ୍କ ପ୍ରିୟ ପୁରୁଷୋତମ ମାସ (ଅଧିବର୍ଷରେ ପଡୁଥିବା ମାସ) । ଭଗବାନ ବିଷ୍ଣୁ ନିଜ ନଖରେ ଫାଡ଼ି ଦେଇଥିଲେ ହିରଣ୍ୟକଶ୍ୟପର ଛାତିକୁ । ଅନ୍ୟପକ୍ଷରେ ଭଗବାନଙ୍କ ବିଷ୍ଣୁଙ୍କ ନୃସିଂହ ଅବତାର ନେବା ପଛରେ ହିରଣ୍ୟକଶ୍ୟପର ପୁତ୍ର ପ୍ରହ୍ଲାଦର ପ୍ରମୁଖ ଭୂମିକା ରହିଥିଲା । ପ୍ରହ୍ଲାଦର ବିଷ୍ଣୁ ଭକ୍ତି ଦେଖି ହିରଣ୍ୟକଶ୍ୟପ ତାକୁ ହତ୍ୟା କରିବାକୁ ଶତ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲା । ନୃସିଂହ ଅବତାର ସାରା ଜଗତକୁ ଏକ ବିଶେଷ ସନ୍ଦେଶ ଦେଇଥାଏ । ଅଧର୍ମର ବିନାଶ ପାଇଁ ଅବିରତ ଚେଷ୍ଟା କରିବା ଆବଶ୍ୟକ । ବିଫଳତା ମିଳିଲେ ମଧ୍ୟ ଧର୍ମର ପ୍ରତିଷ୍ଠା ଦିଗରେ ସର୍ବଦା ଚେଷ୍ଟା କରିବା ପ୍ରତ୍ୟେକ ମନୁଷ୍ୟର କର୍ତବ୍ୟ ହେବା ଉଚିତ । ଧର୍ମ ଏବଂ ସଦାଚାରର ପ୍ରତୀକ ଭକ୍ତ ପ୍ରହ୍ଲାଦଙ୍କ ଭକ୍ତିରେ ସାରା ସଂସାର ପ୍ରତି ଏକ ବାର୍ତା ରହିଥିଲା । ତାହା ଥିଲା, ଭକ୍ତିକୁ କର୍ମ ଭଳି ନୁହେଁ ବରଂ କର୍ମକୁ ଭକ୍ତି ରୂପରେ ଗ୍ରହଣ କରି ସେଥିରେ ଲୀନ ହେଲେ ଦେବୀ ରୂପୀ ସଫଳତା ମିଳିବା ଜରୁରୀ । ଶ୍ରୀମଦ୍ ଭଗବତ୍ ଗୀତାର ଦଶମ ଅଧ୍ୟାୟ ୩୦ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଉପଦେଶ ଛଳରେ ପାଣ୍ଡପୁତ୍ର ଅର୍ଜୁନଙ୍କୁ କହୁଛନ୍ତି 'ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍ । ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷୀଣାମଃ ।' ଅର୍ଥାତ୍ ଦୈତ୍ୟ ମାନଙ୍କ ମଧ୍ୟରୁ ମୁଁ ହେଉଛି ପ୍ରହ୍ଲାଦ ଏବଂ ଗଣନାକାରୀଙ୍କ ମଧ୍ୟରେ କାଳ ତଥା ମୁଁ ପଶୁ ମାନଙ୍କ ମଧ୍ୟରେ ସିଂହ ଓ ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼ । ସହଜ ଅର୍ଥରେ କହିଲେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ପ୍ରହ୍ଲାଦଙ୍କୁ ସର୍ବଶ୍ରେଷ୍ଠ ଦୈତ୍ୟ ରୂପେ ବର୍ଣ୍ଣନା କରିଛନ୍ତି । ପ୍ରହ୍ଲାଦଙ୍କ ପବିତ୍ର ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ । ତାଙ୍କ ଜୀବନରୁ ଆମକୁ ଅନେକ ଶିକ୍ଷା ମିଳିଥାଏ । ଯେପରିକି - ସର୍ବଶକ୍ତିମାନ ଈଶ୍ୱରଙ୍କ ଠାରେ ସର୍ବଦା ବିଶ୍ୱାସ ରଖିବା ଉଚିତ । ନିଷ୍ଚଳ ଭକ୍ତି ପାଇଁ କୌଣସି ବୟସସୀମା ନଥାଏ । ଭଗବାନ ସର୍ବତ୍ର ବିରାଜମାନ କରିଥାନ୍ତି । ଭଗବାନ ସବୁବେଳେ ଉପସ୍ଥିତ ଥାଆନ୍ତି । ଈଶ୍ୱର ନିଜ ଭକ୍ତକୁ ସର୍ବଦା ରକ୍ଷା କରିଥାନ୍ତି । ଦୁଷ୍ଟମାନଙ୍କର ସଂହାର କରିଥାନ୍ତି ।

*ସହପ୍ରତିରକ୍ଷିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ:*
*୯୪୩୭୦୫୧୯୫୭*

# ଶ୍ରୀନୃସିଂହଂ ଭୀଷଣଂ ଭଦ୍ରମ୍

◆ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ

ଭାରତୀୟ ସଂସ୍କୃତିର ପରମ୍ପରାରେ ଶ୍ରୀନୃସିଂହ ଜନ୍ମର ଅନେକ ମହତ୍ୱ ରହିଛି । ମହାପ୍ରଭୁ ହେଉଛନ୍ତି ଭଗବାନ ଶ୍ରୀବିଷ୍ଣୁଙ୍କ ଚତୁର୍ଥ ଅବତାର । ସେ ବୈଶାଖ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଏ ଧରା ପୃଷ୍ଠରେ ଆବିର୍ଭାବ ହୋଇଥିଲେ । ହରି ହେଉଛନ୍ତି ନ୍ୟାୟ, ଧର୍ମ ଏବଂ ନିଷ୍କପଟ ଭକ୍ତିର ପ୍ରତୀକ । ଶ୍ରୀବିଷ୍ଣୁ ହିରଣ୍ୟକଶିପୁ ନାମକ ଅସୁରର ଅତ୍ୟାଚାରରୁ ଭକ୍ତ ପ୍ରହ୍ଲାଦଙ୍କୁ ରକ୍ଷା କରିବା ନିମନ୍ତେ ସତ୍ୟ ଯୁଗରେ ନୃସିଂହ ରୂପକୁ ଧାରଣ କରିଥିଲେ । ଏହି ରୂପ ସୂଚାଏ ଯେ ପ୍ରଭୁ ସ୍ୱ ସ୍ୱରୂପ ଏବଂ ସେ ନିଜ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ରକ୍ଷା କରିବା ପାଇଁ, ଯେ କୌଣସି ରୂପକୁ ମଧ୍ୟ ଧାରଣ କରିପାରନ୍ତି । ଏଣୁ ଶାସ୍ତ୍ରରେ କୁହାଯାଇଛି 'କର୍ତୁମକର୍ତୁମ ଅନ୍ୟଥା କର୍ତୁଂ ଯଃ ସୋବ ଈଶ୍ୱରଃ' । ଅର୍ଥାତ୍ ଈଶ୍ୱର ହେଉଛନ୍ତି 'ସ୍ୱତନ୍ତ୍ର' ଏବଂ 'ସ୍ୱସମର୍ଥ' । ସୃଷ୍ଟିର ସମସ୍ତ କାର୍ଯ୍ୟ କରିବା ପାଇଁ ସେ ସକ୍ଷମ । ଯାହା ଅସମ୍ଭବ ମନେହୁଏ, ତାକୁ ମଧ୍ୟ ସେ ସମ୍ଭବ କରିପାରନ୍ତି । କୌଣସି କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବେ ସମାପ୍ତ କରିଦେବା ବା ଆରମ୍ଭ କରିବା ପାଇଁ ମଧ୍ୟ ତାହାଙ୍କ ସାମର୍ଥ୍ୟ ରହିଛି । ଅର୍ଥାତ୍, ଈଶ୍ୱର କୌଣସି ପ୍ରକୃତି ନିୟମର ବଶବର୍ତୀ ନୁହନ୍ତି । ସେ ଯେ କୌଣସି କାର୍ଯ୍ୟର ଗତିପଥକୁ ମଧ୍ୟ ପୂର୍ଣ୍ଣ ରୂପେ ବଦଳାଇ ପାରନ୍ତି ବା ପରିବର୍ତନ କରି ପାରନ୍ତି ।



ଉଦାହରଣ ସ୍ୱରୂପ, ବିଷକୁ ଅମୃତ କରିବା କିମ୍ବା ଶୁଖିଲା କାଠରେ ଫୁଲ ଫୁଟାଇବା ଭଳି ଚମତ୍କାର ବା ଅସମ୍ଭବ କାର୍ଯ୍ୟ, କେବଳ ଈଶ୍ୱରଙ୍କ ଦ୍ୱାରା ହିଁ ସମ୍ଭବପର ହୋଇଥାଏ । ସଂସାରରେ ଯେତେବେଳେ ପାପ ଓ ଅଧର୍ମର ଭାର ବଢ଼ିଯାଏ, ସେତେବେଳେ ଈଶ୍ୱର ବିବିଧ ରୂପରେ ପାପୀ ଓ ଅଧର୍ମୀକୁ ସଂହାର କରି ମେଦିନୀରେ ଧର୍ମର ପ୍ରତିଷ୍ଠା କରିବା ସହ ଭକ୍ତର ମନୋକାମନା ପୂର୍ଣ୍ଣ କରିଥାନ୍ତି । ଯାହାର ଦୃଷ୍ଟାନ୍ତ ଆମକୁ ପୁରାଣାଦି ଶାସ୍ତ୍ରରେ ଦେଖିବାକୁ ମିଳେ । ସେଥି ମଧ୍ୟରୁ ନୃସିଂହ ପୁରାଣ ଅନ୍ୟତମ । ଉକ୍ତ ପୁରାଣରେ ବର୍ଣ୍ଣିତ ଅଛି ଯେ, କଶ୍ୟପ ଋଷିଙ୍କ ପୁତ୍ର ହିରଣ୍ୟକଶିପୁ ଜଣେ ଅତ୍ୟନ୍ତ ବଳଶାଳୀ ଏବଂ ପ୍ରଭାବଶାଳୀ ଦାନବ ରାଜା ଥିଲେ । ସେ ବ୍ରହ୍ମାଙ୍କୁ ତପସ୍ୟା କରି ଏକ ଅଦ୍ଭୁତ ବର ପାଇଥିଲେ । ସେହି ବରଟି ଥିଲା: ସେ ଦିବା କିମ୍ବା ରାତିରେ, ଆକାଶ କିମ୍ବା ଭୂମିରେ, ଘର ଭିତରେ କିମ୍ବା ଘର ବାହାରେ, ମଣିଷ କିମ୍ବା ପଶୁ ଦ୍ୱାରା ଓ ଅସ୍ତ୍ର କିମ୍ବା ଶସ୍ତ୍ରରେ ମରିବେ ନାହିଁ । ଏଣୁ ହିରଣ୍ୟକଶିପୁ ଧରାକୁ ସରା ମନେକରି ନିଜର ପ୍ରାଧାନ୍ୟ ବିସ୍ତାର କରି ଚାଲିଲେ । ସେ ନିଜ ସାମ୍ରାଜ୍ୟରେ ଘୋଷଣା କଲେ, ଯେ କେହି ବି ଶ୍ରୀବିଷ୍ଣୁଙ୍କୁ ପୂଜା କିମ୍ବା ଆରଧନା କରିବ ନାହିଁ । କାରଣ ଶ୍ରୀବିଷ୍ଣୁ ହେଉଛନ୍ତି ଦାନବ କୁଳର ଶତ୍ରୁ । ପରନ୍ତୁ ହିରଣ୍ୟକଶିପୁର ପୁତ୍ର ପ୍ରହ୍ଲାଦ ବାଲ୍ୟବେଳରୁ ହିଁ ଭଗବାନ ବିଷ୍ଣୁଙ୍କର ପରମ ଭକ୍ତ ଥିଲେ । ଏହା ଜାଣି ହିରଣ୍ୟକଶିପୁ ଅତ୍ୟନ୍ତ କ୍ରୋଧିତ ହୋଇ ପ୍ରହ୍ଲାଦଙ୍କୁ ମାରିବା ପାଇଁ ଅନେକ ଅପଚେଷ୍ଟା କରିଥିଲେ । କିନ୍ତୁ ବିଷ୍ଣୁଙ୍କ କୃପାରୁ ପ୍ରହ୍ଲାଦ ପ୍ରତିଥର ରକ୍ଷା ପାଇ ଯାଉଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ସେ ନିଜ ପୁତ୍ରକୁ କହିଲେ ତୁମର ହରି କେଉଁଠାରେ ଅଛି ? ଏହା ଶୁଣି ପ୍ରହ୍ଲାଦ କହିଥିଲେ ଯେ, ହରି ସବୁଠାରେ (ସେ ସର୍ବ ବ୍ୟାପକ) ଅଛନ୍ତି । ଏହା ଶୁଣିବା ପରେ ହିରଣ୍ୟକଶିପୁ ପ୍ରହ୍ଲାଦକୁ ଏକ ସ୍ତମ୍ଭକୁ ଦେଖାଇ ପଚାରିଲେ, ତୁମର ଭଗବାନ କ'ଣ ଏହି ଖମ୍ବରେ ଅଛି ? ପ୍ରହ୍ଲାଦ 'ହଁ' କହିଥିଲେ । ତାହା ଶୁଣି ହିରଣ୍ୟକଶିପୁ ଖମ୍ବଟିକୁ ଗଦାରେ ଆଘାତ କରିଥିଲେ । ତତକ୍ଷଣାତ୍ ସେହି ଖମ୍ବକୁ ଭାଙ୍ଗି ସେଥିରୁ ପ୍ରଭୁ ନୃସିଂହ ପ୍ରକଟ ହୋଇଥିଲେ । ସେହି ସମୟଟି ସନ୍ଧ୍ୟା ଥିଲା । ଯାହା ଦିନ କି ରାତି ନଥିଲା, ଘର ଭିତର କି ବାହାର ନଥିଲା ଏବଂ ଭୂମି କି ଆକାଶ ମଧ୍ୟ ନଥିଲା । ତାହା ଥିଲା ନୃସିଂହଙ୍କ କୋଳ । ସେ କୌଣସି ଅସ୍ତ୍ର କିମ୍ବା ଶସ୍ତ୍ର ପ୍ରୟୋଗ ନ କରି କେବଳ ନିଜର ତୀକ୍ଷ୍ଣ ନଖ ଦ୍ୱାରା ଦୈତ୍ୟକୁ ବଧ କରିଥିଲେ । ଯା ଫଳରେ ସେ ସତ୍ୟ ଓ ଧର୍ମର ପ୍ରତିଷ୍ଠା କରିବା ସହିତ ଭକ୍ତିର ମୂର୍ତିମନ୍ତ ପ୍ରତୀକ ବାଳ ଭକ୍ତପ୍ରହଲ୍ଲାଦକୁ କୋଳରେ ବସାଇ ଉଗ୍ର ରୂପରୁ ସୌମ୍ୟ ରୂପକୁ ଧାରଣ କରିଥିଲେ । ସାଧାରଣ ମଣିଷ ଯେଉଁ ଦୁଃପରିସ୍ଥିତିରେ ଥିଲେ ମଧ୍ୟ ଭଗବାନ ଶ୍ରୀନୃସିଂହଙ୍କୁ ପ୍ରାର୍ଥନା କଲେ ସେଥିରୁ ମୁକ୍ତି ମିଳିଥାଏ । ତେଣୁ ଶାସ୍ତ୍ରରେ କୁହାଯାଇଛି:

**'ଉଗ୍ରଂ ବୀରଂ ମହାବିଷ୍ଣୁଂ ଜ୍ୱଳନ୍ତଂ ସର୍ବତୋମୁଖମ୍ ।
ନୃସିଂହଂ ଭୀଷଣଂ ଭଦ୍ରଂ ମୃତ୍ୟୁମୃତ୍ୟୁଂ ନମାମ୍ୟହମ୍ ।।'**

ଅର୍ଥାତ୍ ଯିଏ ଉଗ୍ର, ବୀର, ମହାବିଷ୍ଣୁଙ୍କ ସ୍ୱରୂପ, ଯେ ସର୍ବତ୍ର ବିଜୟୀ, ତେଜସ୍ୱୀ ଅଟନ୍ତି, ଯାହାଙ୍କର ମୁଖ ପ୍ରତ୍ୟେକ ଆଡ଼େ ରହିଛି, ସେ ଶତ୍ରୁଙ୍କ ପାଇଁ ଭୀଷଣ କିନ୍ତୁ ଭକ୍ତଙ୍କ ପାଇଁ ପରମ କଲ୍ୟାଣକାରୀ ଏବଂ ମୃତ୍ୟୁର ମୃତ୍ୟୁ ସ୍ୱରୂପ ଅଟନ୍ତି । ସେହି ଭଗବାନ ନୃସିଂହଙ୍କୁ ମୁଁ ନମସ୍କାର କରୁଛି । ଏହି ମନ୍ତ୍ରକୁ, ଯେ କୌଣସି ମଣିଷ ଜପ କଲେ ସେ, ଶତ୍ରୁ କିମ୍ବା ଭୟରୁ ମୁକ୍ତି ପାଇବା ସହିତ ମାନସିକ ଶାନ୍ତି ଲାଭ କରିଥାଏ । ଶ୍ରୀନୃସିଂହ ଅବତାର ପ୍ରମାଣ କରେ ଯେ, ଈଶ୍ୱର ଜଡ଼ ଓ ଚେତନ ଅର୍ଥାତ୍ ସେ ପ୍ରତିଟି ଅଣୁ ଅଣୁରେ ବିଦ୍ୟମାନ । ପ୍ରଭୁ କେବଳ ମନ୍ଦିରରେ ନାହାନ୍ତି; ସେ ପଥର ଖମ୍ବରେ ଓ ସର୍ବତ୍ର ବିରାଜମାନ କରନ୍ତି । ଏହା ସହ ଭକ୍ତକୁ ନିର୍ଭୀକ ହେବାର ଶିକ୍ଷା ଦେଇଥାଏ । ପ୍ରହ୍ଲାଦ ଯେପରି, କୌଣସି ପରିସ୍ଥିତିରେ ବି ଭୟଭୀତ ନ ହୋଇ ଭଗବାନଙ୍କୁ ସ୍ମରଣ କରୁଥିଲେ, ସେ'ପରି ଆମକୁ ମଧ୍ୟ ବିପଦରେ ସାହସ ରଖିବାର ପ୍ରେରଣ ଦିଏ ଏବଂ ଅଧର୍ମ ଓ ଅହଂକାର ଯେତେ ବଳଶାଳୀ ହେଲେ ମଧ୍ୟ ତା'ର ଅନ୍ତ ସୁନିଶ୍ଚିତ । ଏହା ଆମମୁ ସୂଚାଇ ଦିଏ ।

*ଖମ୍ବେଶ୍ୱରୀ ପାଟଣା, ଆସିକା, ଗଞ୍ଜାମ-୯୮୬୧୩୩୪୮୬୮*

# ଶ୍ରୀବିଷ୍ଣୁଙ୍କ ନୃସିଂହ ଏବଂ ଶିବଙ୍କ ଶରଭ ଅବତାର




ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ନୃସିଂହ ଚତୁର୍ଦ୍ଦଶୀ ବା ନୃସିଂହ ଜୟନ୍ତୀ ନାମରେ ପ୍ରସିଦ୍ଧ । ପ୍ରଭୁ ନୃସିଂହ ଶ୍ରୀବିଷ୍ଣୁଙ୍କ ଚତୁର୍ଥ ଅବତାର ଭାବେ ସର୍ବତ୍ର ପୂଜିତ । ପୁରାଣ ଅନୁସାରେ, ହିରଣ୍ୟକଶିପୁର ନିଧନ ପାଇଁ ଶ୍ରୀବିଷ୍ଣୁ ନୃସିଂହ ଅବତାର ନେଇଥିଲେ । ମାନବ ଓ ସିଂହର ମିଶ୍ରଣକୁ ନୃସିଂହ କୁହାଯାଏ । ତେଣୁ ଏହି ଦିନ ଶ୍ରୀବିଷ୍ଣୁ ନୃସିଂହ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ଏକାଦଶୀ ବ୍ରତ ଉପବାସ ବିଧି ଭଳି ନୃସିଂହ ଜୟନ୍ତୀ ପାଳନ କରାଯାଏ । ନୃସିଂହ ଜୟନ୍ତୀର ଦିନକ ପୂର୍ବରୁ ବ୍ରତଧାରୀମାନେ ଦିନରେ ଥରେ ମାତ୍ର ଭୋଜନ କରନ୍ତି । ସମସ୍ତ ପ୍ରକାର ଶସ୍ୟ ସେବନକୁ ଏହି ବ୍ରତରେ ବାରଣ କରାଯାଇଛି । ନୃସିଂହ ଜୟନ୍ତୀରେ ଭକ୍ତମାନେ ମଧ୍ୟାହ୍ନରେ ସଂକଳ୍ପ କରନ୍ତି ଏବଂ ସୂର୍ଯ୍ୟାସ୍ତ ପୂର୍ବରୁ ବିଧିବିଧାନ ଅନୁସାରେ ଶ୍ରୀନୃସିଂହଙ୍କ ଠାରେ ପୂଜାର୍ଚ୍ଚନା କରନ୍ତି । ବିଶ୍ୱାସ ରହିଛି, ପ୍ରଭୁ ଶ୍ରୀନୃସିଂହ ସୂର୍ଯ୍ୟାସ୍ତ ସମୟରେ ଦର୍ଶନ ଦେଇଥିଲେ । ରାତିରେ ଉଜାଗର ରହି ସକାଳ ପର୍ଯ୍ୟନ୍ତ ପୂଜା କରିବାର ବିଧି ରହିଛି । ଜୟନ୍ତୀ ପରଦିନ ଅର୍ଥାତ୍ ଚତୁର୍ଦ୍ଦଶୀ ତିଥି ସମାପ୍ତ ହେବା ପରେ ବିସର୍ଜନ ପୂଜା ପରେ ଉପବାସ ଭଙ୍ଗ କରିବା ସହିତ ବ୍ରାହ୍ମଣଙ୍କୁ ଦାନ ଦିଆଯାଏ । ଭଗବାନ ବିଷ୍ଣୁଙ୍କ ନୃସିଂହ ଅବତାର ଘଟଣାବଳୀ ସହିତ ଭଗବାନ ଶିବଙ୍କ ଶରଭ ଅବତାର ନେବାର ସମ୍ପର୍କରେ ରହିଛି । ମହାଦେବଙ୍କ ଏହି ଅବତାର ସମ୍ବନ୍ଧରେ ଶିବ ପୁରାଣରେ ଉଲ୍ଲେଖ ରହିଛି । ନୃସିଂହ ଭଗବାନଙ୍କ ଉଗ୍ର ସ୍ୱରୂପ ଶାନ୍ତ କରିବା ଲାଗି ମହାଦେବ ଶରଭ ଭଳି ଏକ ଅଦ୍ଭୁତ ରୂପ ଧାରଣ କରିଥିଲେ । ଭଗବାନ ଶଙ୍କର ଏହି ସ୍ୱରୂପରେ ସେ ଅଧା ମୃଗ (ହରିଣ) ଏବଂ ବାକି ଅଧା ଶରୀର ପକ୍ଷୀ ଆକୃତି ଧାରଣ କରିଥିଲେ । ପୁରାଣରେ ଏହି ୮ ପାଦଧାରୀ ଜନ୍ତୁଙ୍କୁ ସିଂହ ଠାରୁ ମଧ୍ୟ ଅନେକ ଗୁଣରେ ବଳୀୟାନ ବୋଲି ଦର୍ଶାଯାଇଛି । ହିରଣ୍ୟକଶ୍ୟପୁର ବଧ ପାଇଁ ନୃସିଂହ ଅବତାର ଧାରଣ କରିଥିବା ଭଗବାନ ବିଷ୍ଣୁଙ୍କ କ୍ରୋଧ ଶାନ୍ତ କରିବା ଲାଗି ମହାଦେବ ଶରଭ ଅବତାର ଧାରଣ କରିଥିଲେ । ଖମ୍ବ ମଧ୍ୟରୁ ନୃସିଂହ ଅବତାରରେ ବାହାରି ଭଗବାନ ବିଷ୍ଣୁ ହିରଣ୍ୟକଶ୍ୟପୁକୁ ବଧ କରିଥିଲେ । ହିରଣ୍ୟକଶ୍ୟପୁ ମୃତ୍ୟୁବରଣ କରିବା ପରେ ମଧ୍ୟ ଭୟଙ୍କର ଅବତାର ଧାରଣ କରିଥିବା ଭଗବାନ ନୃସିଂହଙ୍କ କ୍ରୋଧ ଶାନ୍ତ ହୋଇନଥିଲା । ନୃସିଂହଙ୍କ କ୍ରୋଧ ଶାନ୍ତ କରିବା ଲାଗି ସମସ୍ତ ଦେବଗଣ ମହାଦେବଙ୍କ ନିକଟରେ ପହଂଚି ଗୁହାରି କଲେ । ଦେବତାମାନଙ୍କ ଅନୁରୋଧକ୍ରମେ ଭଗବାନ ଶିବ ଶରଭାବତାର ଧାରଣ କରି ଭଗବାନ ନୃସିଂହଙ୍କ ସମ୍ମୁଖରେ ପହଂଚି ତାଙ୍କର ସ୍ତୁତି କଲେ । ମାତ୍ର ନୃସିଂହଙ୍କ କ୍ରୋଧ ଶାନ୍ତ ହେଲା ନାହିଁ । ଏହାଦେଖି ଶରଭରୂପ ମହାଦେବ ନିଜ ଲାଞ୍ଜରେ ଭଗବାନ ନୃସିଂହଙ୍କୁ ଗୁଡ଼ାଇ ଉଡବାକୁ ଲାଗିଲେ । ଏହାପରେ ଭଗବାନ ନୃସିଂହଙ୍କ କ୍ରୋଧ ଶାନ୍ତ ହେଲା । ଏହାପରେ ଭଗବାନ ବିଷ୍ଣୁ ଶରଭଙ୍କ ସ୍ତୁତି କରିଥିଲେ ।











# ବାବା ସର୍ପେଶ୍ୱର ସେବା ଫାଉଣ୍ଡେସନ ସମାଜସେବାରେ ଉଦାହରଣ ସୃଷ୍ଟି କରୁଛି



କଟକ : (ନି.ପ୍ର)ବାବା ସର୍ପେଶ୍ୱର ସେବା ଫାଉଣ୍ଡେସନ୍ ଏକ ସ୍ୱର୍ଣ୍ଣକାତର ମାନବିକ ଉଦାହରଣ ସୃଷ୍ଟି କରିଛି , ଯାହା ସମାଜରେ ସେବା ଓ ସହଯୋଗର ଦୃଷ୍ଟାନ୍ତ ରୂପେ ପରିଚିତ ହୋଇଛି ନରାଜ ଗ୍ରାମାଂଚଳରେ ଘଟିଯାଇଥିବା ଦୁର୍ଭାଗ୍ୟଜନକ ଘରପୋଡି ସର୍ବସ୍ୱାନ୍ତ ହୋଇ ଯାଇଥିବା ଶ୍ରୀ ଚକ୍ରଧର ବେହେରା ନାମକ ଜଣେ ଦିନମଜୁରିଆ ଗରିବ ପରିବାରକୁ ସଂଗଠନ ତୁରନ୍ତ ସହାୟତାର ହାତ ବଢ଼ାଇ ମାନବତାର ସତ୍ୟ ସ୍ୱରୂପକୁ ପ୍ରକାଶ କରିଛି । ଅନୁଷ୍ଠାନର ସଭାପତି ଶ୍ରୀ ଶ୍ରୀ ଗୋଲଖ ଗୋ ବିହାରୀ ଦାସ , ସମ୍ପାଦକ ଶ୍ରୀ ଉଲ୍ଲାସ କୁମାର ପଣ୍ଡା, କୋଷାଧକ୍ଷ ଶ୍ରୀ ମାନସ ବେହେରା, ବସନ୍ତ କୁମାର ସାହୁ,ମଞ୍ଜୁଳା ପ୍ରଧାନ ପ୍ରଶାନ୍ତ କୁମାର ପଣ୍ଡା, ସୁରଜ କୁମାର ସାହୁ, ଦୀପକ କୁମାର ସାହୁ, ଭାଗ୍ୟଶ୍ରୀ କାଣ୍ଡି, ଗୋପାଳ ଚନ୍ଦ୍ର ବାରିକ,ପୂର୍ଣ୍ଣମା ବେହେରା, ସବିତା ବେହେରା, ରିଙ୍କିନା ସାହୁ, ଚେମ ବେହେରା , କାଁହ୍ନୁ ବେହେରା, ରାଜେନ୍ଦ୍ର ତିୱାରୀ, ସୁନୀଲ ପଣ୍ଡାଙ୍କ ସମେତ ସମସ୍ତ କର୍ମକର୍ତା ଅବିଳମ୍ବେ ଘଟଣା ସ୍ଥଳରେ ପହଂଚି ପରିବାରର ଆବଶ୍ୟକତା ଅନୁସାରେ ଗୋଟିଏ ମାସର ରାସନ, ପନିପରିବା, ଲୁଗାପଟା ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେବା ସହିତ ଆଗାମୀ ଦିନରେ ଅନ୍ୟ ଆବଶ୍ୟକ ସହାୟତା ପ୍ରଦାନ କରିବାପାଇଁ ନିର୍ଭର ପ୍ରତିଶୃତି ଦେଇଛନ୍ତି । ସେହି ପରିବାରକୁ ତୁରନ୍ତ ସରକାରୀ ଯୋଜନା ଅନୁଯାୟୀ ବାସଗୃହ ପ୍ରଦାନ କରିବାପାଇଁ । ଫାଉଣ୍ଡେସନ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଦୀର୍ଘ ବର୍ଷ ଧରି ବାବା ସର୍ପେଶ୍ୱର ସେବା ଫାଉଣ୍ଡେସନ ଏହିଭଳି ଅନେକ ଜନହିତକର, ସମାଜସେବା ଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରି ଲୋକମାନଙ୍କର ସହାୟତା କରିଆସୁଥିବା ଯୋଗୁଁ ସମାଜର ସମସ୍ତ ସ୍ତରରେ ପ୍ରଶଂସା ଅର୍ଜନ କରିଛି ।

# ଆଧାତ୍ମିକ ସମାବେଶରେ ଦୁଲୁକିଲା ଜୟପୁର

ଜୟପୁର : କୋରାପୁଟ ଜିଲା ଜୟପୁର ଦଶହରା ପଡିଆରେ ଆଜି ଆଧାତ୍ମିକ ସମାବେଶ ଅନୁଷ୍ଠିତ ହୋଇଛି । ଆଧାତ୍ମିକ ସମାବେଶରେ ଜୟପୁର ସହର ଦୁଲୁକିଛି । ହରି ନାମରେ ପରିବେଶ ଉତ୍ସବ ମୁଖ୍ର ହୋଇ ପଡିଛି । ପ୍ରଥମେ ଜୟପୁର ଜଗନ୍ନାଥ ମନ୍ଦିର ଠାରୁ ବିଶାଳ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଦଶହରା ପଡିଆ ଠାରେ ପହଂଚି ଥିଲା । ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ସମ୍ମାନିତ ଅତିଥି ଭାବେ କୋରାପୁଟ ବିଧାୟକ ରଘୁ ରାମ ମାଛ ଯୋଗଦେଇ ସଂକିର୍ତନ କରିଥିଲେ । ବିଧାୟକ ବାହିନିପତି ଯୋଗଦେଇ ଏକ ଲୋକ କଳା ଭବନ ଜୟପୁର ରେ ନିର୍ମାଣ କରିବାକୁ ଘୋଷଣା କରିଥିବା ବେଳେ କୋରାପୁଟ ବିଧାୟକ ମାଛ ଲୋକ କଳା ପାଇଁ ବାଦ୍ୟ ଯନ୍ତ୍ର, ପେନସନ, ଭାଗବତି ଟୁଙ୍ଗି ଆଦି ବ୍ୟବସ୍ଥା କରିବାକୁ ଘୋଷଣା କରିଥିଲେ । ଏହି ଶୋଭାଯାତ୍ରା ଓ ସମାବେଶ କୋରାପୁଟ ଜିଲାର ୧୪ଟି ବ୍ଲକ ଏବଂ ୪ଟି ଏନଏସି ଓ ପୌରାଚଂଳର ହଜାର ହଜାର ସଂକିର୍ତନ ମଣ୍ଡଳି ଯୋଗ ଦେଇଥିଲେ । ହଜାର ହଜାର ଲୋକଙ୍କ ସମାବେଶ ହୋଇ ଥିଲା । ଶ୍ରୀଶ୍ରୀ ଜଗନ୍ନାଥ ନାମ ସଂକୀର୍ତନ ଲୋକ କଳା ପରିଷଦ ଓଡିଶା ଦ୍ୱାରା ଏହି ସମାବେଶ ଆୟୋଜନ କରାଯାଇଥିଲା । ଲୋକକଳା ପରିଷଦର ରାଜ୍ୟ ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ସଭାପତି କୃଷ୍ଣ ଚନ୍ଦ୍ର ପାଳ, ଜିଲା ସମ୍ପାଦକ ସୁଜିତ୍ କୁମାର ସାହୁ, ଉପ ସଭାପତି ରତ୍ନାକର ନାରାଜୀ, ବାବୁ ଭାଇ ବଜରଙ୍ଗୀ ପ୍ରମୁଖ ଉପସ୍ଥିତ ଥଲେ ।

# କଟକରେ ସାଂସ୍କୃତିକ କାର୍ଯ୍ୟକ୍ରମ 'କଳାଙ୍ଗନ ୨୦୨୬' ଅନୁଷ୍ଠିତ




କଟକ: (ନି.ପ୍ର)କଟକର ପ୍ରସିଦ୍ଧ ନୃତ୍ୟ ଅନୁଷ୍ଠାନ ସ୍କ୍ୱାର୍ଡ ଅଫ୍ ରେଭଲୁସନ୍ ଡାନ୍ସ ଷ୍ଟୁଡିଓ ପକ୍ଷରୁ ଆୟୋଜିତ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ 'କଳାଙ୍ଗନ ୨୦୨୬' ସହିଦ ଭବନରେ ଭବ୍ୟ ଭାବେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯକ୍ରମରେ ଷ୍ଟୁଡିଓର ଛାତ୍ରଛାତ୍ରୀ ମାନେ ଓଡିଶୀ, ସମ୍ବଲପୁରୀ, ହିପ୍-ହପ୍, କଂଟେମ୍ପୋରାରୀ ଓ ବିଭିନ୍ନ ଥିମ୍ ଆଧାରିତ ନୃତ୍ୟ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ ।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାନବ ଅଧିକାର ଆୟୋଗର ସଦସ୍ୟ ଶ୍ରୀ ଚିତରଞ୍ଜନ ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଗୌରବାନ୍ୱିତ କରିଥିଲେ । ଏହାସହ ଡ଼ା. ମାୟା ଗନ୍ତାୟତଙ୍କ ପକ୍ଷରୁ ଅଶ୍ୱିନୀ ଗ୍ରୁପ ଅଫ ହସ୍ପିଟାଲସର ଡାଇରେକ୍ଟର ଶ୍ରୀମତୀ ସୁମା ଦେବୀ ଦାଶ, ବିଶେଷ ଅତିଥି ଭାବେ ଉପସ୍ଥିତ ଥିଲେ । ଏହାସହ ପ୍ରସିଦ୍ଧ ଓଡିଶୀ ନୃତ୍ୟଙ୍ଗନା ଶ୍ରୀମତୀ ଅରୁପା ଗାୟତ୍ରୀ ପଣ୍ଡା ମଧ ଯୋଗଦେଇ କାର୍ଯ୍ୟକ୍ରମକୁ ଶୋଭାୟମାନ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭ ଦୀପ ପ୍ରଜ୍ୱଳନ ଓ ଅତିଥି ସମ୍ମାନ ସହ କରାଯାଇଥିଲା । ପରେ ବିଭିନ୍ନ ନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜ ପ୍ରତିଭା ପ୍ରକାଶ କରିଥିଲେ । ଷ୍ଟୁଡିଓର ସ୍ଥାପକ ଓ ନିର୍ଦ୍ଦେଶକ ଶ୍ରୀ ଦୀପାଙ୍କର ମହାପାତ୍ର କହିଥିଲେ ଯେ, 'କଳାଙ୍ଗନ' ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ମଂଚ, ଯାହା ତାଙ୍କର କଳାତ୍ମକ ପ୍ରତିଭା ଓ ସାଂସ୍କୃତିକ ମୂଲ୍ୟବୋଧକୁ ଆଗକୁ ଆଣିବାରେ ସହାୟକ ହୋଇଛି । କାର୍ଯକ୍ରମରେ ବହୁ ସଂଖ୍ୟକ ଦର୍ଶକଙ୍କ ଉପସ୍ଥିତି ଦେଖା ଯାଇଥିଲା ଓ ସମସ୍ତେ ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା କରିଥିଲେ

# ଝାରସୁଗୁଡା ଜିଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା

## ✦ ଫୁଡ୍ କୋର୍ଟ ସହିତ ସ୍ଥାନ ପାଇବ ୧୨୦ ଷ୍ଟଲ

## ✦ ଅନ୍ୟ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ୬୦ ଷ୍ଟଲ




ଝାରସୁଗୁଡ଼ା : ଜିଲାସ୍ତରୀୟ ଶୁଭଦ୍ରା ଶକ୍ତି ମେଳା ଆସନ୍ତା ମେ' ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ମେଳାରେ ମୋଟ ୧୨୦ ଟି ଷ୍ଟଲ ରହିଥିବା ବେଳେ ଅନ୍ୟ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୬୦ଟି ଷ୍ଟଲ ରହିଥିବା ବେଳେ ଝାରସୁଗୁଡ଼ା ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୪୮ଟି ଷ୍ଟଲ ରହିଛି । ଏହାସହ ଗଣମାଧ୍ୟମ, ପୋଲିସ, ଅଗ୍ନିଶମ, ଆଶୁ ଚିକିତ୍ସା କେନ୍ଦ୍ର ସହିତ ଆଇଇସିକୁ ମିଶାଇ ୧୨ଟି ଷ୍ଟଲ ରହିବ । ଏହି ଷ୍ଟଲମାନଙ୍କରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ହାତ ତିଆରି ସାମଗ୍ରୀ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଖାଦ୍ୟ ପସରା ସ୍ଥାନ ପାଇବ ବୋଲି ଆଜି ଜିଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ଡିଏମଏଫ୍ ସମ୍ମିଳନୀ କକ୍ଷରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ସୂଚନା ଦେଇଥିଲେ । ଭାସ୍କର ସୂତା କଳ ପଡ଼ିଆରେ ଆସନ୍ତାକାଲି ଠାରୁ ଝାରସୁଗୁଡ଼ା ଜିଲାରେ ଜିଲାସ୍ତରୀୟ ଶୁଭଦ୍ରା ଶକ୍ତି ମେଳା ଅପରାହ୍ନରୁ ଆରମ୍ଭ ହେବ । ଏଥିରେ ରାଜ୍ୟରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଝାରସୁଗୁଡ଼ା ଜିଲାର ଏସଏଚଜି ଗ୍ରୁପ୍, ବିଭିନ୍ନ ସାମଗ୍ରୀର ଉତ୍ପାଦନ ସଂସ୍ଥା ଏବଂ କାରୁକାର୍ଯ୍ୟ କରିଥିବା ବିଭିନ୍ନ କଳାକାରଙ୍କ ସାମଗ୍ରୀକୁ ବିକ୍ରୀ କରିବାର ଏକ ମାଧ୍ୟମ ପାଲଟିବ । ଏହାସହ ପାରମ୍ପରିକ ଖାଦ୍ୟକୁ ନେଇ ଏକ ଫୁଡ୍ କୋଟ୍ ମଧ ଖୋଲିବ । ଏହାସହ ଗରମ ଏବଂ ଗୁଳୁଗୁଳିକୁ ଭିତିକରି ମେଳାରେ ପାନୀୟ ଜଳର ବ୍ୟବସ୍ଥା କରାଯିବା ସହିତ ଶୌଚାଳୟ, ଆଲୋକୀକରଣ, ସୁରକ୍ଷା ପାଇଁ ସୁରକ୍ଷାକର୍ମୀ, ଆମ୍ବୁଲାନ୍ସ ଏବଂ ଆଶୁ ଆରୋଗ୍ୟ କେନ୍ଦ୍ର ମଧ ଖୋଲାଯିବ । ଏହାସହ ମଂଚ ସାମ୍ନାରେ ୧ ହଜାର ଲୋକଙ୍କ ବସିବା ପାଇଁ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ । ପ୍ରତ୍ୟେକ ଦିନ ୫ ହଜାର ଲୋକଙ୍କ ସମାଗମକୁ ଦୃଷ୍ଟି ରେ ରଖି ଏହି ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ କହିଥିଲେ । ଏହି ପ୍ରେସ ମିଟ ରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜ଼ିଲ୍ଲା ପରିଷଦ ବିଶ୍ୱ ରଞ୍ଜନ ନାୟକ, ସୂର୍ଯ୍ୟାଂଶୁ ରତ ଏବଂ ଓରମାସର ଡେପୁଟି ସିଇଓ ଯୁବରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିରଜା ଜ୍ୟୋତିର ରଜତ ଜୟନ୍ତୀ ସମାରୋହ

## ❋ ବିରଜା ସଂସ୍କୃତିର ମୌଳିକ ଗବେଷଣାକୁ ପ୍ରୋତ୍ସାହିତ ପାଇଁ ପରାମର୍ଶ



ଯାଜପୁର: ଯାଜପୁରର ଐତିହ୍ୟ ସଂସ୍କୃତି ଅଧାରୀତ ଗବେଷଣା ଧର୍ମୀ ଆଧ୍ୟାତ୍ମିକ ପତ୍ରିକା ବିରଜା ଜ୍ୟୋତିର ୨୫ବର୍ଷ ପୂର୍ତି ଉତ୍ସବ ଯାଜପୁର ସ୍ଥିତ ଗୌତମ ବୁଦ୍ଧ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମାର୍ଧରେ ବିରଜା ସାହିତ୍ୟ ଚର୍ଚ୍ଚା, ଦ୍ୱିତୀୟ ସୋପନରେ ବିରଜା କବିତା ସମ୍ପର୍କିତ ପାଠୋତ୍ସବ, ତୃତୀୟ ଅଧିବେଶନରେ ସାଂସ୍କୃତିକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ବିରଜା ଚେତନା ଗବେଷଣା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାକୁ ଅନୁଷ୍ଠାନର ସଭାପତି ଡ଼ ଜ୍ଞାନ ରଞ୍ଜନ ପତି ଅଧ୍ୟକ୍ଷତା କରିଥିଲେ । ବିରଜା ଚେତନାର ଜାଗରଣ ଓ ପ୍ରସାରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ଅତିଥି ଭାବେ ଭାଷା ସଂସ୍କୃତି ଗବେଷକ, ସୂର୍ଯ୍ୟପ୍ରଭାର ସମ୍ପାଦକ ପଦ୍ମଶ୍ରୀ ଅନ୍ତର୍ଯାମି ମିଶ୍ର ଯୋଗ ଦେଇ କହିଥିଲେ କି ୩ହଜାର ବର୍ଷର ଐତିହ୍ୟ ସଂସ୍କୃତିର ପିଠ ବିରଜା କ୍ଷେତ୍ର ବୋଲି ମତବ୍ୟକ୍ତ କରିଥିଲେ । ବିରଜାଙ୍କ ସମ୍ପର୍କରେ ମୌଳିକ ଗବେଷଣା ନିମନ୍ତେ ଉଦ୍ୟମ କରାଯିବା ପାଇଁ ପରାମର୍ଶ ଦେଇଥିଲେ । ଯାଜପୁରବାସୀ ଇତିହାସ ଓ ସଂସ୍କୃତି ମନସ୍କ ଗବେଷକ ମାନେ ଉଦ୍ୟମ କରିବା ପାଇଁ ପରାମାଁ ଦେବା ସହିତ ଯାଜପୁରର ଐତିହ୍ୟ ସଂସ୍କୃତି ଉପରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ଓଡ଼ିଆ ବିଶ୍ୱ ବିଦ୍ୟାଳୟର କୂଳପତି ପ୍ରଫେସର ଡ଼ ସତ୍ୟ ନାରାୟଣ ଆଚାର୍ଯ୍ୟ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୂଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଯୋଗ ଦେଇ ବିରଜା ସଂସ୍କୃତି ପ୍ରାଚୀନତା ଉପରେ ଆଲୋକପାତ କରିଥିଲେ । ଦୀଲ୍ଲିର ଭାରତୀୟ ଇତିହାସ ଗବେଷଣା ପରିଷଦର ସଦସ୍ୟ ପ୍ରଫେସର ଡ଼ ହରିହର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ପ୍ରାଚୀନ ତମ ରାଜଧାନୀ ଯାଜପୁରର ରାଜନୈତିକ ଇତିହାସ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଅନ୍ୟତମ ମାନନୀୟ ଅତିଥି ଡ଼ ମଥୁରେନ୍ଦ୍ର ପୃଷ୍ଟି ତାଙ୍କ ଉଦ୍‌ବୋଧନରେ ଯାଜପୁରର ଗାଣପତ୍ୟ, ସୌର ଓ ଶାକ୍ତ ସଂସ୍କୃତିର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଡ଼ଶକ୍ତର ଜୟକୃଷ୍ଣ ଦାସ ବିରଜାଙ୍କ ମୂର୍ତି ତତ୍ୱ ସମ୍ପର୍କରେ ସୂଚନା ଦେଇ ଥିଲେ । ପ୍ରାରମ୍ଭରେ ବିରଜା ମନ୍ଦିର ସେବାୟତ ପରିଷଦ ପକ୍ଷରୁ ମଂଚାସୀନ ସମସ୍ତ ଅତିଥି ମାନଙ୍କୁ ମା ବିରଜାଙ୍କ କୃପାବସ୍ତ୍ର (ମାଙ୍କ ଶାଢ଼ୀ) ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଓ ଅଭିଲିପ୍ସା ମିଶ୍ର ଦେବୀ ବନ୍ଦନା ଗାନ କରିଥିଲେ । ସୁରେନ୍ଦ୍ର କୁମାର ଦୁବାଇ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରିଶେଷ ରେ ସାଂଗଠନିକ ସମ୍ପାଦକ ପ୍ରମୋଦ କୁମାର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଅଭିମନ୍ୟୁ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଏ ଅବସରରେ ଡ଼ ଦୁସ୍ମନ୍ତ କୁମାର ନାୟକ ଓ କବି ରାଚନ୍ଦ୍ର ଦାଶଙ୍କୁ ବିରଜା ଜ୍ୟୋତି ସମ୍ମାନ ପ୍ରଦାନ କରାଯିବା ସହ ୩୨ଜଣଙ୍କୁ ବିରଜା ଜ୍ୟୋତି ପ୍ରତିଭା ସମ୍ମାନ ଓ ବିରଜା ଜ୍ୟୋତି ପତ୍ରିକାର ସମ୍ମାନ ପ୍ରଦାନ କରାଯାଇଥିଲା ।

# ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ



ଭଦ୍ରକ : ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ କାର୍ଯକ୍ରମ ଅନୁସାରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ତଥା ବାସୁଦେବପୁର, ଚାନ୍ଦବାଲି ଏବଂ ଧାମନଗର ତାଲୁକରେ ଥିବା ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ପରିଚାଳନା କରିଥିଲେ । ଜିଲ୍ଲା ନ୍ୟାୟାଳୟର ବିଚାରପତି ବୃନ୍ଦ ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶିକ୍ଷଣ କରାଇ ଥିଲେ । ସମାଜରେ ଜଣେ ସ୍ୱେଚ୍ଛାସେବୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କାର୍ଯ୍ୟକ୍ରମ ଓ ନାଲସାର ବିଭିନ୍ନ ଲୋକହିତକାରୀ ଯୋଜନାମାନ ସବୁକୁ ଗରିବ ତଥା ଅବହେଳିତ ଏବଂ ନିଷ୍ପେସିତ ମାନଙ୍କ ନିକଟରେ ପହ□ାଇବା ଏବଂ ସମ୍ପ୍ରଦାୟ ମଧ୍ୟରେ ଛୋଟମୋଟ ବିବାଦର ମାମଲା ବିନା ସୌହାର୍ଦ୍ଦପୂର୍ଣ୍ଣ ସମାଧାନରେ ସାହାଯ୍ୟ କରିବା, ହିଂସା, ଅପରାଧ କିମ୍ବା ଉତ୍ପୀଡ଼ନର ଶିକାର ମହିଳାମାନଙ୍କୁ ପ୍ରାରମ୍ଭିକ ସହାୟତା ପ୍ରଦାନ କରିବା, ସେମାନଙ୍କୁ ପୋଲିସ ଷ୍ଟେସନ ଏବଂ କୋର୍ଟକୁ ଯିବାରେ ସହାୟତା କରିବା ହେଉଛି ସ୍ୱେଚ୍ଛାସେବୀ ମାନଙ୍କର ମୁଖ୍ୟ ଭୂମିକା । ତେଣୁ ସ୍ୱେଚ୍ଛାସେବୀ ହେଉଛନ୍ତି ଆଇନଗତ ବ୍ୟବସ୍ଥା ଏବଂ ସମ୍ପ୍ରଦାୟ ମଧରେ ମଧସ୍ଥି କହିଲେ ଅତ୍ୟୁକ୍ତି ହେବ ନାହିଁ ।

# ମହିଳା ସ୍ୱଚ୍ଛତା ସଚେତନତା ଶିବିର




କଟକ : ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭଏସ ଫର ଭଏସଲେସ୍ ଓ ଅଭିନବ ୪୨ ମୌଜା ତରଫରୁ ଶ୍ରୀଯୁକ୍ତ ବିଷ୍ଣୁ ଚରଣ ଦାଶଙ୍କ ନେତୃତ୍ୱରେ ବ୍ରହ୍ମପୁର ଗ୍ରାମ ସ୍ଥିତ, ୪୨ମୌଜା କଟକ, ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଏକ ମହିଳା ସ୍ୱଚ୍ଛତା ସଚେତନତା ଶିବିର କାର୍ଯ୍ୟକ୍ରମ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସରପ□ ଶ୍ରଯୁକ୍ତ ରବିନାରାୟଣ ପ୍ରଧାନ ଯୋଗଦେଇ ମହିଳା ମାନଙ୍କୁ ପରିଷ୍କାର ରହି ରୋଗମୁକ୍ତ ସମାଜ ଗଠନ କରିବାକୁ ଅନୁରୋଧ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଡକ୍ଟର ସୁଶାନ୍ତ କୁମାର ଦାସ ସହଯୋଗ କରିଥିଲେ ଓ ଅଭିନବ ୪୨ମୌଜାର କର୍ମକର୍ତା ସତ୍ୟବ୍ରତ ଦିକ୍ଷୀତ, ଜ୍ୟୋତିରଞ୍ଜନ ମହାପାତ୍ର, ସ୍ୱାଗତ ନାୟକ, ସୁଜାତା ସ୍ୱାଇଁ, ଅମିତ୍ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ସମ୍ପାଦକ ଡକ୍ଟର ବିଭୁଦତ□ ଖଣ୍ଡାୟତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦାମୋଦର ସଂସ୍କୃତ ମହାବିଦ୍ୟାଳରେ ଇନୋଭେସନ୍ ଓ ଷ୍ଟାଟ୍ଅପ୍ ପ୍ରୋଗ୍ରାମ ଉଦ୍‌ଯାପିତ



ଭଦ୍ରକ : ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହା ବିଦ୍ୟାଳୟରେ ଇନୋଭେସନ୍ ଓ ଷ୍ଟାଟଅପ୍ ପ୍ରୋଗ୍ରାମ୍‌ର ଉଦ୍‌ଯାପନ ସମାରୋହ ଅଧକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ଫେଲୋସିପ୍‌ର ସଭାପତି ଶ୍ରୀଯୁକ୍ତ ଲଲାଟେନ୍ଦୁ ମହାନ୍ତି, ମୁଖ୍ୟବକ୍ତା ପଣ୍ଡିତ ଦୈତ୍ୟାରି ମହାପାତ୍ର, ବିଶିଷ୍ଟ ଅତିଥି ଶିକ୍ଷାବିତ୍ ଡ଼ଃ ପ୍ରଭାତ କୁମାର ମହାନ୍ତି ଓ ସମ୍ମାନିତ ଅତିଥି ପ୍ରାକ୍ତନ ଅଧକ୍ଷ ଡ଼ଃ କୃପାସିନ୍ଧୁ ନାୟକ ପ୍ରମୁଖ ଯୋଗ ଦେଇ ଇନୋଭେସନ୍ ଓ ଷ୍ଟାଟ୍ ଅପ୍ ପ୍ରୋଗ୍ରାମ୍‌ର ଆଭିମୁଖ୍ୟ ପ୍ରଦାନ କରିବା ସଂଗେ ସଂଗେ କିପରି ଛାତ୍ରସମାଜ ଆତ୍ମନିର୍ଭରଶୀଳ ହୋଇପାରିବ ଉକ୍ତ ବିଷୟରେ ଅତିଥିମାନେ ପୃଥକ ପୃଥକ ବକ୍ତବ୍ୟମାନ ରଖିଥିଲେ । ପ୍ରୋଗ୍ରାମର ସଂଯୋଜକ ଅଧ୍ୟାପକ ଶୁକଦେବ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲା ବେଳେ ପଣ୍ଡିତ ମଧୁସୂଦନ ତ୍ରିପାଠୀ ବେଦପାଠ କରିଥିଲେ । ମୁଖ୍ୟ ଅତିଥି ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସର୍ବଶ୍ରୀ ଅଧାପିକା ସ୍ୱର୍ଣ୍ଣଲତା ପାକଳ, ଗୌରାଙ୍ଗ ଦାସ ଓ ଆଶୁତୋଷ ସିଂ ପ୍ରମୁଖ ମଂଚ□ ପରିଚାଳନା କରିଥିବା ବେଳେ ଶ୍ରୀ ଅକ୍ଷୟ କୁମାର ପାଣିଗ୍ରାହୀ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁଇ ଦିନିଆ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଭୁବନ : ଭୁବନ କଳା ପରିଷଦର ଦୁଇ ଦିନିଆ ବାର୍ଷିକ ଉତ୍ସବ ସ୍ଥାନୀୟ ହିଙ୍ଗୁଳା ମନ୍ଦିର ଯାତ୍ରା ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଦିଲ୍ଲୀପ କୁମାର ଦାସଙ୍କ ଅଧ୍ୟକ୍ଷତା ଓ ନାଟ୍ୟକାର ଗୁରୁ ଚରଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ କୋଣାର୍କ ଗଣନାଟ୍ୟର ପ୍ରଯୋଜକ ଭାରତ ଭୂଷଣ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଦିଲ୍ଲୀପ ପଣ୍ଡା, ସିନେ କଳାକାର ବାବୁ ପ୍ରଧାନ ଯୋଗ ଦେଇଥିଲେ । ଏହି ଅବସରରେ ଯାତ୍ରା ଖଳନାୟକ ସ୍ୱର୍ଗତ ଜ୍ଞାନ ରଞ୍ଜନ ସାହୁ, ସଦାନନ୍ଦ ନାୟକ, ନିର୍ଦ୍ଦେଶକ ସନାତନ ସାହୁ, ପାଲାଗାୟକ ପୂର୍ଣ୍ଣାନନ୍ଦ ମିଶ୍ର ଓ ରାମକୃଷ୍ଣ ମିଶ୍ରଙ୍କୁ 'ହିଙ୍ଗୁଳା ସମ୍ମାନ - ୨୦୨୬' ରେ ସମ୍ମାନିତ କରା ଯାଇଥିଲା । ମା ହିଙ୍ଗୁଳା ଦେବୀ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଶଶୀ ଭୁଷଣ ପୃଷ୍ଟି , ସମ୍ପାଦକ କୁଞ୍ଜ ବିହାରୀ ଚିନରା, ଉପଦେଷ୍ଟା ଶକ୍ତି ପ୍ରସାଦ ସାହୁଙ୍କ ସମେତ ଅମ୍ବୁଜ ସାହୁ, ବିନୋଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ରାତ୍ର ବାର ଘଟିକା ସମୟରେ ସତ୍ୟବାଦୀ ସେନାପତିଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାମାଜିକ ନାଟକ 'ଖରାପ ଝିଅର ଗପ' ଏବଂ ' କାନ୍ଦେନା ଲୁହ ସରିଯିବ' ମଂଚସ୍ଥ ହୋଇଥିଲା । ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ନାଟକ ଉପଭୋଗ କରିଥିଲେ । ଦ୍ୱିତୀୟ ଦିବସ ଉଦଯାପନୀ ଉତ୍ସବରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଓ ନାଟ୍ୟକାର ଦୀପକ ଜେନା, ନିର୍ଦ୍ଦେଶକ ଦିନେଶ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଭୁବନ କଳା ପରିଷଦ ପରିଷଦର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ ।

# 'ମୋ କଥା ମନର ଗାଥା' ପୁସ୍ତକ ଉନ୍ମୋଚିତ



କଟକ: (ନି. ପ୍ର)ନୂଆପଡ଼ାସ୍ଥିତ ସ୍ଥାନୀୟ ମା ବାଟ ମଙ୍ଗଳାଙ୍କ ମନ୍ଦିର ପ୍ରାଙ୍ଗଣରେ 'ମୋ କଥା ମନର ଗାଥା 'ପୁସ୍ତକ ଉନ୍ମୋଚିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମକୁ ନାଟ୍ୟକାର ଶ୍ରୀ ଚନ୍ଦ୍ର କିଶୋର ମହାନ୍ତି ସଂଯୋଜନା କରିଥିବାବେଳେ ପୁସ୍ତକର ପ୍ରକାଶକ, ସଂଗ୍ରାହକ ତଥା କାର୍ଯ୍ୟକ୍ରମର ଆୟୋଜକ ବିଶିଷ୍ଟ କଳାକାର ତଥା ସାହିତ୍ୟିକ ଶ୍ରୀ ପ୍ରକାଶ ଚନ୍ଦ୍ର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଆକାଶବାଣୀ କଟକର ଆର ଜେ ଶ୍ରୀ ନଳିନୀକାନ୍ତ ବିଶ୍ୱାଳ ଅତିଥି ପରିଚୟ ଓ ସଭାକାର୍ଯ୍ୟର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁସାହିତ୍ୟିକ କବି ତଥା ବିଶିଷ୍ଟ ଭେଷଜ ଚିକିତ୍ସକ ପ୍ରଫେସର ଡକ୍ଟର ରବୀନ୍ଦ୍ର ଦଳେଇ, ସମ୍ମାନିତ ଅତିଥି ରୂପେ ଇଂ ସାଉଣ୍ଡ ୱେଭର ପ୍ରତିଷ୍ଠାତା ଶ୍ରୀ ପିଂଟୁ ମିଶ୍ର, ବିଶିଷ୍ଟ ଅତିଥି ଭାବରେ ଚଳଚ୍ଚିତ୍ର ଅଭିନେତା ଆକାଶବାଣୀ ଓ ଦୂରଦର୍ଶନ କଳାକାର ଶ୍ରୀଯୁକ୍ତ ବୀରେନ ମିଶ୍ର ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆକାଶବାଣୀର ନାଟ୍ୟଶିଳ୍ପୀ , ଗୀତିକାର,କବି ଲେଖକମାନେ ଉପସ୍ଥିତ ହୋଇ ପ୍ରକାଶ ରାଉତଙ୍କ ଏଭଳି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ । ସର୍ବଶେଷରେ ବିଶିଷ୍ଟ କଳାକାର ଶ୍ରୀଯୁକ୍ତ ଜିତୁ ସାବତ ଧନ୍ୟବାଦ୍ ଅର୍ପଣ କରିଥିଲେ ।



# ଅରେଞ୍ଜ ଅର୍ଥନୀତିକୁ ରଙ୍ଗ ଦେଉଛି ଜନଜାତିୟ କଳା, ହସ୍ତଶିଳ୍ପ ଓ ଜୀବିକା



ଶ୍ରୀମତୀ ରଞ୍ଜନା ଚୋପ୍ରା

ମଣିପୁରର ଉଖ୍ରୁଲ୍ ଜିଲ୍ଲା ଅନ୍ତର୍ଗତ ଲଙ୍ଗପି ଗ୍ରାମର ଓ୍ୱରସାଙ୍ଗ ଖୈୟାର, ନିଜ ଗାଁରେ ମିଳୁଥିବା ମାଟି ଏବଂ ସାପ କାଟି ରଙ୍ଗର ପଥରରେ ହାତତିଆରି ହାଣ୍ଡି ଓ କଡ଼େଇ ପ୍ରସ୍ତୁତ କରି ନିଜର ତଥା ପରିବାରର ଗୁଜରାଣ ମେଂଟାନ୍ତି । ସ୍ଥାନୀୟ ଟାଙ୍ଗଖୁଲ ନାଗା ଆଦିବାସୀଙ୍କ ବିଶ୍ୱାସ ଅନୁଯାୟୀ, ଏହି ପାରମ୍ପରିକ ଶିଳ୍ପ ଦେବୀ ପାନର୍ଥ୍ରାଇବିଙ୍କ ଆଶୀର୍ବାଦପ୍ରାପ୍ତ, ଯାହାକି ଆଜି ସେମାନଙ୍କ ଆୟର ଏକ ପ୍ରମୁଖ ଉତ୍ସ ପାଲଟିଛି ଏବଂ ଏହି କ୍ଷୁଦ୍ର ଗ୍ରାମକୁ ବିଶ୍ୱ ମାନଚିତ୍ରରେ ସ୍ଥାନ ଦେଇଛି । ସେହିଭଳି, ତାମିଲନାଡୁର ଉଧଗମଣ୍ଡଳମ ଜିଲ୍ଲା ଅନ୍ତର୍ଗତ ପାଗାଲକୋଡ ମାନ୍ଧ ଗ୍ରାମର ନର୍ଥୀ କୁଟ୍ଟନ, ନୀଲଗିରିର ସବୁଜ ବନାନୀରେ ବସବାସ କରୁଥିବା ଟୋଡା ଆଦିବାସୀ ଗୋଷ୍ଠୀର ପାରମ୍ପରିକ ପୋଷାକ କାରୁକାର୍ଯ୍ୟ ମାଧ୍ୟମରେ ନିଜର ଜୀବିକା ନିର୍ବାହ କରୁଛନ୍ତି । ଜି.ଆଇ ଟ୍ୟାଗ୍ ପ୍ରାପ୍ତ ଏହି କଳା ପ୍ରକୃତି ଏବଂ ଗୋଷ୍ଠୀଗତ ଏକତାକୁ ପ୍ରଦର୍ଶିତ କରେ । ବର୍ତ୍ତମାନ ଏହାକୁ ଟେବୁଲ୍ ମ୍ୟାଟ୍, ରନର୍ସ ଏବଂ ଜ୍ୟାକେଟ୍ ଆଦିରେ ଅତି ସୁନ୍ଦର ଭାବେ ବ୍ୟବହାର କରାଯାଇ ଆଧୁନିକ ସମାଜରେ ଲୋକପ୍ରିୟ କରାଯାଇପାରିଛି । ଖୈୟାର ଏବଂ କୁଟ୍ଟନ ଉଭୟ ନିଜର ଏହି ପାରମ୍ପରିକ ଆଦିବାସୀ କଳାର ଉନ୍ନତ ପ୍ରୟୋଗ ମାଧ୍ୟମରେ ବାର୍ଷିକ ପ୍ରାୟ ୬ ରୁ ୮ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଆଦିବାସୀ ଜୀବିକା, ଜ୍ଞାନ-ଭିତିକ ଏବଂ ପାରମ୍ପରିକ ଅଭ୍ୟାସରେ ଦୀର୍ଘ ସମୟ ଧରି ପରସ୍ପରର ପରିପୂରକ ହୋଇ ରହିଆସିଛି, ଯେଉଁଠାରେ ସୃଜନଶୀଳତା ହସ୍ତଶିଳ୍ପ, ପରମ୍ପରା, ବସ୍ତ୍ର, ସଙ୍ଗୀତ, ନୃତ୍ୟ, କାହାଣୀ କହିବା ଏବଂ ଭାଷା ମଧ୍ୟରେ ସନ୍ନିହିତ । ଏଗୁଡ଼ିକ କେବଳ ଉତ୍ପାଦ କିମ୍ବା ସେବା ନୁହେଁ ବରଂ ପିଢ଼ି ପରେ ପିଢ଼ି ଧରି ପ୍ରସାରିତ ଜ୍ଞାନର ଏକ ଜୀବନ୍ତ ଐତିହ୍ୟ । ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ଆୟତ କରାଯାଇଥିବା ସୃଜନଶୀଳ ସମ୍ପତି ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ମୂଲ୍ୟ ବହନ କରେ, ଯାହାକୁ ପରମ୍ପରା ପ୍ରତି ସମ୍ବେଦନଶୀଳ ହୋଇ ସ୍ଥାୟୀ ଉପାୟରେ ବ୍ୟବହାର କଲେ, ନାରଙ୍ଗୀ ଅର୍ଥନୀତିକୁ ଇନ୍ଧନ ଦେଇପାରେ ଏବଂ ସେମାନଙ୍କ ପରିବେଶ ମଧ୍ୟରେ ଆୟ ସୃଷ୍ଟିକାରୀ କାର୍ଯ୍ୟଧାରା ସୃଷ୍ଟି କରିପାରିବ । ୟୁଏନସିଟିଏଡି (ମିଳିତ ଜାତିସଂଘ ବାଣିଜ୍ୟ ଓ ବିକାଶ ସଂଗଠନ)ର ଆକଳନ ଅନୁଯାୟୀ ସୃଜନଶୀଳ ଅର୍ଥନୀତି, ନାରଙ୍ଗୀ ଅର୍ଥନୀତି ସୃଜନ ପାଇଁ ବ୍ୟାପକ ମାତ୍ରାରେ ବ୍ୟବହୃତ ହୁଏ ଯାହା ବିଶ୍ୱ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ର ପ୍ରାୟ ୩.୧ ପ୍ରତିଶତ ଅଟେ । ଏହାର ପରିମାଣ ୨ ଟ୍ରିଲିୟନ ଠାରୁ ୨.୨୫ ଟ୍ରିଲିୟନ ଡଲାର ପର୍ଯ୍ୟନ୍ତ ହେବ ବୋଲି ଆକଳନ କରାଯାଇଛି । ଭାରତରେ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ର ପାଇଁ ଦୃଢ଼ ତଥ୍ୟ ଉପଲବ୍ଧ ଥିବା ବେଳେ, ଆଦିବାସୀ ହସ୍ତଶିଳ୍ପ ଏବଂ ଜୀବିକା ପାଇଁ ଉପଲବ୍ଧ ତଥ୍ୟର ମାତ୍ରା ତୁଳନାତ୍ମକ ଭାବେ ଦୁର୍ବଳ । ତଥାପି ରଣନୈତିକ ପ୍ରଭାବ ସ୍ପଷ୍ଟ ନୁହେଁ: ଆଦିବାସୀ କଳା ଏବଂ ହସ୍ତଶିଳ୍ପ କିଛି ଗ୍ରାମୀଣ ଜୀବିକା ମଧ୍ୟରେ ଅନ୍ତର୍ଭୁକ୍ତ ଯାହା ସତ୍ୟତା, ଲଜିଷ୍ଟିକ୍ସ ଏବଂ ଗୁଣାତ୍ମକ ବ୍ୟବସ୍ଥା ଥିବା ସମୟରେ ସିଧାସଳଖ ବିଶ୍ୱ ସୃଜନଶୀଳ ସାମଗ୍ରୀ ଚାହିଦା ସହିତ ସଂଯୋଗ କରିପାରିବ । ଭାରତର ଅନୁସୂଚିତ ଜନଜାତି ଜନସଂଖ୍ୟା ପ୍ରାୟ ୧୦୪ ନିୟୁତ ବୋଲି ଆକଳନ କରାଯାଇଛି, ଯାହା ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୮.୬% । ପ୍ରାୟ ୭୦୦ଟି ଭିନ୍ନ ଭିନ୍ନ ଜନଜାତି ଗୋଷ୍ଠୀ ବିଭିନ୍ନ ଭୌଗୋଳିକ ଅଂଚଳ ଯଥା: ଜଙ୍ଗଲ, ପାହାଡ଼, ସମତଳ ଭୂମି ଏବଂ ସୀମାନ୍ତ ଅଂଚଳରେ ବିସ୍ତୃତ ହୋଇ ରହିଛନ୍ତି । ଏହି ବିବିଧତାର ସିଧାସଳଖ ଆର୍ଥିକ ସମ୍ପର୍କ ରହିଛି । ଏହା ପରିବେଶ ଅନୁଯାୟୀ ହସ୍ତଶିଳ୍ପର ବିଶେଷତ୍ୱକୁ ସୂଚାଏ; ଯେପରିକି ଜଙ୍ଗଲ ଅଂଚଳରେ ବାଉଁଶ ଓ ବେତ କାମ, ଖଣିଜ ଅଂଚଳରେ ଧାତୁ ଓ ମାଟି କାମ ଏବଂ ବୁଣାକାର ଅଂଚଳରେ ବୟନ ଶିଳ୍ପର ପରମ୍ପରା ଦେଖିବାକୁ ମିଳେ । ଫଳସ୍ୱରୂପ, ଭାରତର ଜନଜାତି ଅଂଚଳଗୁଡ଼ିକରେ କେବଳ ଗୋଟିଏ 'ଜନଜାତି ହସ୍ତଶିଳ୍ପ କ୍ଷେତ୍ର' ବଦଳରେ 'ବହୁମୁଖୀ ଅର୍ଥନୀତି'ର ବାସ୍ତବତା ରହିଛି । ତେଣୁ, ସରକାରୀ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ 'ସବୁ ହସ୍ତଶିଳ୍ପ ପାଇଁ ଗୋଟିଏ ଯୋଜନା' ନହୋଇ ଏହା ଆଂଚଳିକ ଭିତିରେ ପୃଥକ ହେବା ଆବଶ୍ୟକ । ଏଥିସହ କଂଚାମାଲର ସୀମିତତା, ନକ୍ସା, ଗୁଣବତା ଏବଂ ବଜାର ସଂଯୋଗୀକରଣ ଭଳି ଦିଗ ପ୍ରତି ସଚେତନ ରହିବା ଜରୁରୀ । ସମ୍ପ୍ରତି ଜନଜାତି କଳା/ ହସ୍ତଶିଳ୍ପ ଜୀବିକା ଇକୋସିଷ୍ଟମ ମନ୍ତ୍ରଣାଳୟ ଏବଂ ପ୍ରତିଷ୍ଠାନଗୁଡ଼ିକରେ ଓଭରଲାପିଂ ନିର୍ଦ୍ଦେଶନାମା ଦ୍ୱାରା ନିଜର ସ୍ୱରୂପ ଲାଭ କରିଛି । ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ହେଉଛି ଏହାର ମୂଳ ଆଧାର ଏବଂ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଭିତିଭୂମିକୁ ଉନ୍ନତ କରିବା ନିମନ୍ତେ ଏହା କାର୍ଯ୍ୟ କରେ ଏବଂ ଟ୍ରାଇଫେଡ (ଆଦିବାସୀ ସମବାୟ ମାର୍କେଟିଂ ଡେଭଲପମେଂଟ ଫେଡେରେସନ ଅଫ୍ ଇଣ୍ଡିଆ ଲିମିଟେଡ୍) ମାଧ୍ୟମରେ ବଜାର ସଂଯୋଗ ପ୍ରଦାନ କରେ ଯାହା ଏକ ପ୍ରମୁଖ ବଜାର ପରିଚାଳକ ଭାବେ କାର୍ଯ୍ୟ କରେ । ଟ୍ରାଇଫେଡ ବନ ଧନ ବିକାଶ କେନ୍ଦ୍ର (ଭିଡ଼ିଭିକେ)କୁ ସମର୍ଥନ କରେ ଯାହା କ୍ରୟ ଏବଂ ମୂଲ୍ୟ ସଂଯୋଜନ ପାଇଁ ତୃଣମୂଳ ସ୍ତରର ୟୁନିଟ୍ ଅଟେ ଏବଂ ଉତ୍ପାଦକମାନଙ୍କୁ କ୍ରେତା ଏବଂ ସଂସ୍ଥାଗତ ଅଂଶୀଦାରମାନଙ୍କ ସହିତ ସଂଯୋଗ କରିବା ପାଇଁ ଟ୍ରାଇବ୍ସ ଇଣ୍ଡିଆ ଆଉଟଲେଟ୍ ଏବଂ ଆଦି ମହୋତ୍ସବ/ ହାଟ ମାଧ୍ୟମରେ ଖୁଚୁରା ମାର୍କେଟିଂ କରେ । ବୟନ ମନ୍ତ୍ରଣାଳୟ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ (ଏନଏଚଡିପି) ମାଧ୍ୟମରେ ହସ୍ତଶିଳ୍ପ ଏବଂ ବ୍ୟାପକ ହସ୍ତତନ୍ତ/ ହସ୍ତଶିଳ୍ପ କ୍ଲଷ୍ଟର ବିକାଶ ଯୋଜନା (ସିଏଚସିଡିଏସ) ମାଧ୍ୟମରେ କ୍ଲଷ୍ଟର ଭିତିଭୂମିକୁ ପ୍ରୋତ୍ସାହିତ କରେ ଏବଂ କାରିଗରମାନଙ୍କର ଡାଟାବେସ୍ ରକ୍ଷଣାବେକ୍ଷଣ କରେ । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପାରମ୍ପରିକ ଶିଳ୍ପ ପୁନରୁତାନ ପାଇଁ ପାଣ୍ଠି ଯୋଜନା (ଏସଏଫୟୁଆରଟିଆଇ) ମାଧ୍ୟମରେ କ୍ଲଷ୍ଟର ପୁନରୁତାନ ଏବଂ ବଜାରୀକରଣକୁ ସମର୍ଥନ ଯୋଗାଏ, ସ୍ପଷ୍ଟ ଭାବରେ ଯୋଗାଣ-ଚାଳିତରୁ ବଜାର-ଚାଳିତ ମଡେଲକୁ ସ୍ଥାନାନ୍ତରିତ ହୁଏ ଏବଂ ଏକ ଚ୍ୟାନେଲ ଭାବରେ ଇ-କମର୍ସ ଉପରେ ଗୁରୁତ୍ୱ ପ୍ରଦାନ କରେ । ଅଭିଜ୍ଞତାରୁ ଜଣାପଡ଼ିଛି ଯେ ଗ୍ରାମୀଣ ଜୀବିକାର ମୂଲ୍ୟ-ଶୃଙ୍ଖଳା (Value-chain) ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି; କାରଣ ଏହା ଦୁର୍ବଳ, କାରିଗରମାନେ ସିଧାସଳଖ ବଜାର ସହିତ ଜଡ଼ିତ ନୁହନ୍ତି ଏବଂ ସେମାନେ ମଧ୍ୟସ୍ଥିମାନଙ୍କ ଉପରେ ଅଧିକ ନିର୍ଭରଶୀଳ । ଏହି କାରଣଗୁଡ଼ିକ ଯୋଗୁଁ ଲାଭାଂଶ ହ୍ରାସ ପାଇଥାଏ ଏବଂ ଉପଯୁକ୍ତ ଗୋଦାମ ଘର ତଥା ସଂଗ୍ରହ ପ୍ରକ୍ରିୟାର ଅଭାବ ବୃହତ ସ୍ତରୀୟ ଆର୍ଥିକ ଲାଭ (Economies of scale) ପାଇବାରେ ବାଧା ସୃଷ୍ଟି କରିଥାଏ । ଯଦି ଆମେ କାରିଗର ପରିବାର ସ୍ତରରେ ଏହାର ବିଶ୍ଳେଷଣ କରିବା, ତେବେ ଏକ 'ମିଶ୍ରିତ ଅର୍ଥନୀତି'ର ଚିତ୍ର ସ୍ପଷ୍ଟ ଦେଖାଯାଏ । କାରିଗରମାନେ ହସ୍ତଶିଳ୍ପ କାମକୁ ଏକ ସପ୍ଲିମେଂଟାରୀ ବା ଆଂଶିକ ସମୟର ରୋଜଗାର ଭାବେ ଗ୍ରହଣ କରନ୍ତି; ବିଶେଷକରି ଯେଉଁଠାରେ କୃଷି କାର୍ଯ୍ୟ ଋତୁଭିତିକ କିମ୍ୱା ପରିବାରର ଆବଶ୍ୟକତା ପୂରଣ ପାଇଁ ଅପର୍ଯ୍ୟାପ୍ତ ହୋଇଥାଏ । ଏଭଳି ପରିସ୍ଥିତିରେ, ଋଣ ପାଇବାର ଅସୁବିଧା, ଉଦ୍ୟୋଗ ବିକାଶର ଅଭାବ, ବଜାର ସଂଯୋଗୀକରଣର ଅଭାବ ଏବଂ ବ୍ୟବସାୟୀଙ୍କ ଉପରେ ନିର୍ଭରଶୀଳତା କାରଣରୁ ସେମାନଙ୍କର ଆୟ ଅସ୍ଥିର ହୋଇଥାଏ । ଅଭିଜ୍ଞତା ଦର୍ଶାଏ ଯେ, ଗ୍ରାମାଂଚଳରେ ଜୀବିକା ମୂଲ୍ୟ-ଶୃଙ୍ଖଳା ଦୁର୍ବଳ ହୋଇଥିବାରୁ ଏହା ପ୍ରତିକୂଳ ପ୍ରଭାବ ପ୍ରଦର୍ଶନ କରିଥାଏ ଯାହା ଫଳରେ କାରିଗରମାନେ ସିଧାସଳଖ ବଜାର ସହିତ ଜଡିତ ହୋଇପାରି ନଥାଆନ୍ତି ଏବଂ ମଧ୍ୟସ୍ଥିମାନଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହେବାକୁ ପଡ଼ିଥାଏ । ଏହି କାରଣଗୁଡ଼ିକ ଯୋଗୁଁ ମାର୍ଜିନ ହ୍ରାସ ପାଇଥାଏ ଏବଂ ଦୁର୍ବଳ ଗୋଦାମ ଏବଂ ଏକତ୍ରୀକରଣ ପରିମାଣ ଅର୍ଥନୀତି ପ୍ରତି ପ୍ରତିବନ୍ଧକ ସୃଷ୍ଟି କରିଥାଏ । ଯଦି ଆମେ କାରିଗର ପରିବାରର ସ୍ତର ପର୍ଯ୍ୟନ୍ତ ବିଶ୍ଳେଷଣକୁ ଆହୁରି ସୂକ୍ଷ୍ମ ଭାବରେ ବିଶ୍ଳେଷଣ କରିବା, ତେବେ ଦୃଶ୍ୟମାନ ହେଉଥିବା ଢାଂଚା ଏକ ମିଶ୍ରିତ ଅର୍ଥନୀତି ବୋଲି ସହଜରେ ଜାଣିପାରିବା । କାରିଗରମାନେ କାରିଗରୀ ବୃତିକୁ ପରିପୂରକ କିମ୍ବା ଆଂଶିକ ନିଯୁକ୍ତି ଭାବରେ ବିବେଚନା କରନ୍ତି, ବିଶେଷକରି ଯେଉଁଠାରେ କୃଷି ଋତୁକାଳୀନ କିମ୍ୱା ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ହୋଇ ନଥାଏ । ଏପରି ସ୍ଥିତିରେ, ଦୁର୍ବଳ ଋଣ ଯୋଗ୍ୟତା ଏବଂ ଉଦ୍ୟୋଗ ବିକାଶ, ମାର୍କେଟିଂ ସଂଯୋଗର ଅଭାବ ଏବଂ ବ୍ୟବସାୟୀମାନଙ୍କ ଉପରେ ନିର୍ଭରଶୀଳତା ଅନିଶ୍ଚିତ ଆୟ ପ୍ରବାହ ଭଳି ସ୍ଥିତି ସୃଷ୍ଟି କରେ । ତଥାପି, କମ୍ ପୁଞ୍ଜିକୁ ଆଧାର କରି ହସ୍ତଶିଳ୍ପ ଉତ୍ପାଦନ କରାଯାଇପାରିବ ଏବଂ ଏଥିରୁ ଅଧିକ ଲାଭ ମିଳିବାର ମଧ୍ୟ ସମ୍ଭାବନା ରହିଛି । ହସ୍ତଶିଳ୍ପ ହସ୍ତକ୍ଷେପ ପ୍ରାୟତଃ ମହିଳାଙ୍କ ନିଯୁକ୍ତି, ଆୟ ଏବଂ ବିପଣନ କରିବାର ଶକ୍ତି ଉପରେ ନିର୍ଭରଶୀଳ । ସ୍ଥୁଳ ଆକଳନ ଆମକୁ ଦର୍ଶାଏ ଯେ ୭ ନିୟୁତରୁ ଅଧିକ କାରିଗରଙ୍କ ମଧ୍ୟରୁ ୫୬ ପ୍ରତିଶତରୁ ୭୦ ପ୍ରତିଶତ ଏବଂ ହସ୍ତତନ୍ତ କ୍ଷେତ୍ର ଅଧୀନରେ ଥିବା ୭୨.୨୯ ପ୍ରତିଶତ ବୁଣାକାର ମହିଳା ଅଟନ୍ତି । ଦକ୍ଷତା ପ୍ରସାରଣ ଅନୌପଚାରିକ ଭାବରେ ଏବଂ ସାଧାରଣତଃ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ପ୍ରବାହିତ ହୋଇଥାଏ ଏବଂ ଆଦିବାସୀ କଳା ପାଇଁ, ଯେଉଁଠାରେ ସାଂସ୍କୃତିକ ଅର୍ଥ କୌଶଳ ଏବଂ କାହାଣୀରେ ସନ୍ନିହିତ, ପ୍ରସାରଣ ଉଭୟ ଆର୍ଥିକ (କୌଶଳ) ଏବଂ ସାଂସ୍କୃତିକ (ପ୍ରାମାଣିକତା) ବୋଲି ବିବେଚନା କରାଯାଇପାରେ । ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ଥିବା ତିନୋଟି ଦୃଶ୍ୟମାନ ମଡେଲ ଦୃଢ଼ ସଂଯୋଗ ପାଇଁ ପଥ ପ୍ରଦାନ କରେ: ଭିଡିଭିକେ ଭଳି ଉତ୍ପାଦକ ଗୋଷ୍ଠୀ ଯାହା ସହଭାଗୀ ଭିତିଭୂମି ଏବଂ ଏକତ୍ରୀକରଣ ପ୍ରଦାନ କରେ; କ୍ଲଷ୍ଟର ବିକାଶ ଏବଂ ଦକ୍ଷତା ଉନ୍ନତି ପାଇଁ ରାଜ୍ୟସ୍ତରରେ କ୍ରେତା ଏବଂ ସମବାୟ ପ୍ରତିଷ୍ଠାନ ସହିତ ସଂଯୋଗ ପାଇଁ ଟ୍ରାଇବ୍ସ ଇଣ୍ଡିଆ ଭଣ୍ଡାରଣ କରେ । ଉଦାହରଣ ସ୍ୱରୂପ, ଓଡ଼ିଶାରେ ୨,୪୫୯.୯୧ ଲକ୍ଷ ଟଙ୍କାର କ୍ରମାଗତ ବିକ୍ରୟ ସହିତ ୧୫୦ଟି ଭିଡିଭିକେ କାର୍ଯ୍ୟକ୍ଷମ ଏବଂ ପ୍ରାୟ ୪୦,୦୦୦ ଆଦିବାସୀ ଉତ୍ପାଦକଙ୍କୁ ଏହା ଅଧୀନରେ ଏକୀକୃତ କରାଯାଇଛି । ଜନଜାତି ବିକାଶ ସମବାୟ ନିଗମ, ଏକ ଶୀର୍ଷସ୍ତରୀୟ ସମବାୟ ସଂସ୍ଥା, ଜନଜାତି ଉତ୍ପାଦକମାନଙ୍କ ଦ୍ୱାରା ଉତ୍ପାଦିତ ଜଙ୍ଗଲ ଏବଂ ଅଣ-ଜଙ୍ଗଲ ଆଧାରିତ ସାମଗ୍ରୀର ମାର୍କେଟିଂ ଏବଂ ବ୍ରାଣ୍ଡିଂକୁ ଗତି ପ୍ରଦାନ କରିଥାଏ । ଏହା ଭାରତ ପାଇଁ ଏକ ମୁଖ୍ୟ ରଣନୈତିକ ଆଭିମୁଖ୍ୟକୁ ରେଖାଙ୍କିତ କରେ: ନାରଙ୍ଗୀ ଅର୍ଥନୀତି ମଧ୍ୟରେ ଜନଜାତି କଳା/ ହସ୍ତଶିଳ୍ପ ପାଇଁ ଉତମ କ୍ଷେତ୍ର ହିସାବ, ପ୍ରବର୍ତ୍ତନଯୋଗ୍ୟ ପ୍ରାମାଣିକତା/ ନୈତିକ ବାଣିଜ୍ୟ ଭିତିଭୂମି ଏବଂ ମଧ୍ୟସ୍ଥିଙ୍କ ଫାନ୍ଦରେ ପଡ଼ିବା ଭଳି ଆଶଙ୍କାକୁ ହ୍ରାସ କରିବା ପାଇଁ ଦୃଢ଼ ଉତ୍ପାଦକ-ମାଲିକାନା ବଂଟନ ଆବଶ୍ୟକ । ସ୍ୱଳ୍ପକାଳୀନ ଭାବରେ, ଭାରତ ଜନଜାତି ମହୋତ୍ସବ ଭଳି ଉତ୍ସବଗୁଡ଼ିକୁ କ୍ରୟ ପାଇପଲାଇନ, ଉତ୍ପାଦ ତାଲିକାର ମାନକୀକରଣ ଏବଂ ଡିଜିଟାଲାଇଜେସନ ଏବଂ ଜାତୀୟ ଜନଜାତି ଆର୍ଥିକ ବିକାଶ ନିଗମ ଏବଂ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଭଳି ଯୋଜନା ମାଧ୍ୟମରେ କ୍ରେତାଙ୍କ ଅର୍ଡର ସହିତ କ୍ରେଡିଟ୍ ସହାୟତାର ସମନ୍ୱୟକୁ ବିଚାର କରିବାକୁ ପଡିବ । ତଥାପି ଦୀର୍ଘକାଳୀନ ଭାବରେ ସରକାରଙ୍କୁ ଏକ ଆଦିବାସୀ ସୃଜନଶୀଳ ଅର୍ଥନୀତି ସାଟେଲାଇଟ୍ ଆକାଉଂଟ୍ ଗଠନ, ରପ୍ତାନି ଗ୍ରେଡ୍ ଅନୁପାଳନ ଏବଂ ବ୍ରାଣ୍ଡ୍ ଢାଂଚା ନିର୍ମାଣ ଏବଂ ଆଦିବାସୀ କଳା ପାଇଁ ଏକ ଭାରତ-ଉପଯୁକ୍ତ ନୈତିକ ବାଣିଜ୍ୟ କୋଡ୍ ଗଠନ କରିବା ବିଷୟରେ ବିଚାର କରିବାକୁ ପଡିବ । ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ, ଆଦିବାସୀ ନାରଙ୍ଗୀ ଅର୍ଥନୀତି ଉପାନ୍ତ ଅଂଚଳରୁ ଜାଗିବ ଏବଂ ୨୦୪୭ରେ ବିକଶିତ ଭାରତ ଅଭିମୁଖେ ଯାତ୍ରାରେ ସାମିଲ ହୋଇପାରିବ ।

***(ଲେଖିକା କେନ୍ଦ୍ର ସରକାରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ସଚିବ ଭାବରେ କାର୍ଯ୍ୟରତ)***

# ନୂତନ ଦାୟିତ୍ୱବାନ ଅନଲାଇନ୍ ଗେମିଂ ଢାଂଚା ଗଠନ



ଶ୍ରୀ. ଏସ. କୃଷ୍ଣନ୍

ଭାରତରେ ଅନଲାଇନ ଗେମିଂ ପାଇଁ ଏକ ଜାତୀୟ ରୂପରେଖ ପ୍ରସ୍ତୁତ କରିବାର ନିଷ୍ପତି ସୁଯୋଗ ଏବଂ ଆଶଙ୍କାର ଏକ ସନ୍ତୁଳନରୁ ସୃଷ୍ଟି ହୋଇଛି । ବିଗତ ଦଶନ୍ଧି ମଧ୍ୟରେ, ସ୍ମାର୍ଟଫୋନର ବହୁଳ ବ୍ୟବହାର, ଶସ୍ତା ଇଂଟରନେଟ୍ ସେବା ଏବଂ ଯୁବପିଢ଼ିଙ୍କ ବୈଷୟିକ ଜ୍ଞାନ କୌଶଳ ଯୋଗୁଁ ଡିଜିଟାଲ୍ ଗେମିଂ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟିଛି । ଏହି ଅଭିବୃଦ୍ଧି ନୂତନ ଉଦ୍ଭାବନ, ଦକ୍ଷତା ବିକାଶ, ସୃଜନଶୀଳ ଶିଳ୍ପ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ମନୋରଞ୍ଜନମୂଳକ ଗେମିଂ ଏବଂ ସଂଗଠିତ ପ୍ରତିଯୋଗିତାମୂଳକ କ୍ରୀଡ଼ାଗୁଡ଼ିକ ଭାରତର ଡିଜିଟାଲ୍ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାର ସାମର୍ଥ୍ୟ ପ୍ରଦର୍ଶନ କରିଛନ୍ତି । ତେବେ ଏହି ସୁଯୋଗ ଗୁଡ଼ିକ ସହିତ, ଅନଲାଇନ୍ ଅର୍ଥ ଗେମିଂର ଅନିୟନ୍ତ୍ରିତ ପ୍ରସାରଣ, ବିଶେଷକରି ସଟ୍ଟା (ବେଟିଂ) ଏବଂ ବାଜି ବେଟିଂ ପ୍ଲାଟଫର୍ମଗୁଡ଼ିକ, ଗୁରୁତର ସାମାଜିକ ଏବଂ ଅର୍ଥନୈତିକ ଆଶଙ୍କା ସୃଷ୍ଟି କରିଛି । ଏପରି ଅନେକ ସେବା ରାଜ୍ୟ ସୀମା ବହିର୍ଭୂତ କିମ୍ବା ଅଫସୋର କ୍ଷେତ୍ରାଧିକାରରୁ ପରିଚାଳିତ । ତାହା ଘରୋଇ ସୁରକ୍ଷା ବ୍ୟବସ୍ଥାଗୁଡ଼ିକୁ ଏଡାଇ ଏବଂ ପ୍ରବର୍ତ୍ତନକୁ ଜଟିଳ କରିଛି । ଆକ୍ରମଣାତ୍ମକ ବିଜ୍ଞାପନ ଏବଂ ମାନସିକ ଭାବରେ ହେରଫେର ହେଉଥିବା ଭଳି ଡିଜାଇନ୍ ବୈଶିଷ୍ଟ୍ୟଗୁଡ଼ିକ ଦୁର୍ବଳ ବ୍ୟବହାରକାରୀଙ୍କ ମଧ୍ୟରେ ବାଧ୍ୟତାମୂଳକ ଅଂଶଗ୍ରହଣ ଏବଂ ଆର୍ଥିକ କ୍ଷତିକୁ ଉତ୍ସାହିତ କରିଚାଲିଛି । ଆର୍ଥିକ ସଙ୍କଟ, ଡିଜିଟାଲ୍ ପେମେଂଟ ସିଷ୍ଟମର ଅପବ୍ୟବହାର ଏବଂ ଅସ୍ୱଚ୍ଛ ସୀମାପାର ଆର୍ଥିକ ପ୍ରବାହର ରିପୋର୍ଟ ଠକେଇ, ଟଙ୍କା ଲଣ୍ଡରିଂ ଏବଂ ଆର୍ଥିକ ଅସ୍ଥିରତା ସହିତ ଜଡିତ ବିପଦଗୁଡ଼ିକୁ ଅଧିକ ସୁଗମ କରିଛି । ଏଭଳି ନକାରାତ୍ମକ ଧାରାର ବିକାଶ ବ୍ୟକ୍ତିବିଶେଷଙ୍କୁ, ବିଶେଷକରି ଯୁବ ଉପଭୋକ୍ତା ମାନଙ୍କୁ ସୁରକ୍ଷା ଦେବା ପାଇଁ ସକ୍ଷମ ଏକ ଜାତୀୟ ଢାଂଚାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରେ, ଯେତେବେଳେ ଗେମିଂ ଇକୋସିଷ୍ଟମର ଆଇନଗତ ଅଂଶଗୁଡ଼ିକୁ ଦାୟିତ୍ୱ ସମ୍ପନ୍ନ ଭାବେ ବୃଦ୍ଧି କରିବାକୁ ସକ୍ଷମ ଅଟେ । ଅନଲାଇନ୍ ସାମାଜିକ ଖେଳ (ଅନଲାଇନ ସୋସିଆଲ ଗେମ୍ସ) ଏବଂ ଇ-ସ୍ପୋର୍ଟସ୍ ନାମକ ସଂଗଠିତ ପ୍ରତିଯୋଗିତାମୂଳକ ଫର୍ମାଟଗୁଡ଼ିକୁ ସହଯୋଗ କରିବା ନିମନ୍ତେ ଏକ ଏକୀକୃତ ସାଂସ୍ଥାଗତ ଢା*ାର ଅଭାବ ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁଭୂତ ହେଉଥିଲା । ଏଭଳି ଗେମିଂ ବ୍ୟବସ୍ଥାର ଡେଭଲପରମାନଙ୍କ ନିକଟରେ ପୂର୍ବାନୁମାନଯୋଗ୍ୟ ବର୍ଗୀକରଣ ମାର୍ଗ ଉପଲବ୍ଧ ନଥିଲା ଏବଂ ବ୍ୟବହାରକାରୀମାନେ ପ୍ରାୟତଃ ଆଇନଗତ ମନୋରଞ୍ଜନକୁ ଅବୈଧ ବାଜିଠାରୁ ପୃଥକ କରିବାକୁ ଜୁଝି ଚାଲିଥିଲେ । ତେଣୁ ଏହାର ଉଦ୍ଦେଶ୍ୟ କେବଳ କ୍ଷତିକାରକ କାର୍ଯ୍ୟକଳାପକୁ ନିଷେଧ କରିବା ନୁହେଁ ବରଂ ଏକ ସନ୍ତୁଳିତ ଢାଂଚା ପ୍ରତିଷ୍ଠା କରିବା ଯାହା ଦାୟବଦ୍ଧ ଭାବରେ ନବସୃଜନକୁ ସତର୍କ କରିବା ସହିତ ବ୍ୟବହାରକାରୀମାନଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ସକ୍ଷମ ହୋଇପାରିବ । ଅନଲାଇନ୍ ଗେମିଂ ଆଇନ, ୨୦୨୫ (ପ୍ରୋଗା)ର ପ୍ରୋତ୍ସାହନ ଏବଂ ନିୟନ୍ତ୍ରଣ ଏହି ସନ୍ତୁଳିତ ପଦ୍ଧତିକୁ ପ୍ରତିଫଳିତ କରେ, ଯାହାକୁ ଡେଭଲପର, ଇ-କ୍ରୀଡା ସଂଗଠନ, ଆଇନଗତ ବିଶେଷଜ୍ଞ, ପ୍ରଯୁକ୍ତିବିଦ୍ୟା ପେସାଦାର ଏବଂ ନାଗରିକ ସମାଜ ଅଂଶୀଦାରମାନଙ୍କ ସହିତ ବ୍ୟାପକ ପରାମର୍ଶ ପରେ ଚୂଡ଼ାନ୍ତ କାର୍ଯ୍ୟାନୁଷ୍ଠାନ ଭାବରେ ରୂପ ପ୍ରଦାନ କରାଯାଇଛି । ମତାମତ ସ୍ଥାୟୀ ଭାବରେ ସ୍ୱଚ୍ଛ ବର୍ଗୀକରଣ, ପୂର୍ବାନୁମାନଯୋଗ୍ୟ ଅନୁପାଳନ ଦାୟିତ୍ୱ ଏବଂ ବୈଧ ଫର୍ମାଟଗୁଡ଼ିକ ପାଇଁ ସରଂଚିତ ଏବଂ ସରଳ ଚିହ୍ନଟ ମାର୍ଗଗୁଡ଼ିକର ଆବଶ୍ୟକତା ଉପରେ ମଧ୍ୟ ପ୍ରାଧାନ୍ୟ ଆରୋପ କରେ । ହିତାଧିକାରୀମାନେ ଅବୈଧ ବାଜି ପ୍ଲାଟଫର୍ମ ବିରୁଦ୍ଧରେ ସମନ୍ୱିତ ପ୍ରବର୍ତ୍ତନକୁ ସୁଦୃଢ଼ କରିବା ସହିତ ଆଇନଗତ ମନୋରଞ୍ଜନ ଏବଂ ପ୍ରତିଯୋଗିତ ।ମୂଳକ ଗେମିଂକୁ ସକ୍ଷମ କରିବା ନିମନ୍ତେ ସମର୍ଥନ ପ୍ରଦାନ କରନ୍ତି । କାର୍ଯ୍ୟାନ୍ୱୟନ ପର୍ଯ୍ୟାୟରେ ଏହି ଢାଂଚା ତିନୋଟି ପରସ୍ପର ସଂଲଗ୍ନ ପର୍ଯ୍ୟାୟରେ ନିର୍ମିତ ଏକ ସରଂଚିତ ଜୀବନଚକ୍ରକୁ କାର୍ଯ୍ୟକାରୀ କରେ: ନିର୍ଣ୍ଣୟ, ଚିହ୍ନଟକରଣ ଏବଂ ପଞ୍ଜୀକରଣ । ଏହି ପର୍ଯ୍ୟାୟଗୁଡ଼ିକ କ୍ରମାନୁସାରେ କାର୍ଯ୍ୟ କରେ ଏବଂ ପ୍ରୋଗା ଏବଂ ଏହାର ନିୟମାବଳୀରେ ପ୍ରଦାନ କରାଯାଇଥିବା ବୈଧାନିକ ପରିଭାଷା ସହିତ ଏକତ୍ର ବୁଝିବା ଆବଶ୍ୟକ । ନିର୍ଣ୍ଣୟ ଏକ ନିୟାମକ ପ୍ରବେଶ ଦ୍ୱାର ଭାବରେ କାର୍ଯ୍ୟ କରେ ଯାହା ମାଧ୍ୟମରେ ଏକ ଖେଳକୁ ପରୀକ୍ଷା ଏବଂ ବର୍ଗୀକରଣ କରାଯାଏ । ଏହା ପ୍ରତ୍ୟେକ ଅନଲାଇନ୍ ଖେଳ ନିମନ୍ତେ ବାଧ୍ୟତାମୂଳକ ନୁହେଁ, କିନ୍ତୁ କେବଳ ସୀମିତ ଏବଂ ପରିଭାଷିତ ପରିସ୍ଥିତିରେ ବାଧ୍ୟତାମୂଳକ ହୋଇଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଇ-କ୍ରୀଡାକୁ ସ୍ୱୀକୃତି ଦେବା ପୂର୍ବରୁ ନିର୍ଣ୍ଣୟ ବାଧ୍ୟତାମୂଳକ, ଏହା ନିଶ୍ଚିତ କରେ ଯେ ପ୍ରତିଯୋଗିତାମୂଳକ ଫର୍ମାଟଗୁଡ଼ିକ ବୈଧାନିକ ସୁରକ୍ଷା ସହିତ ପାଳନ କରେ ଏବଂ ବାଜି ଉପାଦାନଗୁଡ଼ିକରୁ ମୁକ୍ତ ରହେ । ଏଭଳି ସିଦ୍ଧାନ୍ତ ସାଧାରଣତଃ ଆବଶ୍ୟକ ହୋଇଥାଏ ଯେଉଁଠାରେ ଏକ ଖେଳ ଅନଲାଇନ୍ ମନି ଗେମିଂର ପରିଭାଷା ମଧ୍ୟରେ ଆସୁଥିବାର ସନ୍ଦେହ କରାଯାଏ, ଯେଉଁ ଠାରେ ଅନଲାଇନ୍ ସୋସିଆଲ ଗେମିଂର ଅଧିସୂଚିତ ବର୍ଗଗୁଡ଼ିକ ବର୍ଗୀକରଣ ଆବଶ୍ୟକ କରେ, ଯେଉଁଠାରେ ଅଭିଯୋଗ କିମ୍ବା ଗୁଇନ୍ଦା ଇନପୁଟ୍ ନିଷିଦ୍ଧ କାର୍ଯ୍ୟକଳାପକୁ ସହଜ କରୁଥିବା ସମ୍ଭାବ୍ୟ ଆର୍ଥିକ ଉପାଦାନଗୁଡ଼ିକୁ ସୂଚିତ କରେ, କିମ୍ବା ଯେଉଁଠାରେ ଭାରତୀୟ ଅନଲାଇନ୍ ଗେମିଂ ପ୍ରାଧିକରଣ (ଓଜିଏଆଇ) ଜନସ୍ୱାର୍ଥରେ ପରୀକ୍ଷା ନିମନ୍ତେ ନିର୍ଦ୍ଦେଶ ଦିଏ । ପ୍ରାରମ୍ଭିକ ବର୍ଗୀକରଣକୁ ସକ୍ଷମ କରି, ନିର୍ଣ୍ଣୟ ବେଆଇନ ଆର୍ଥିକ ମଡେଲଗୁଡ଼ିକୁ ଇକୋସିଷ୍ଟମରେ ପ୍ରବେଶ କରିବାରୁ ରୋକିଥାଏ ଯେତେବେଳେ ବୈଧ ଫର୍ମାଟ ଗୁଡ଼ିକୁ ନିୟାମକ ନିଶ୍ଚିତତା ସହିତ ଅଗ୍ରଗତି କରିବାକୁ ଅନୁମତି ଦିଏ । ଏଭଳି ପ୍ରତିବଦ୍ଧତା ପରେ, ଯୋଗ୍ୟ ଫର୍ମାଟଗୁଡ଼ିକ ସ୍ୱୀକୃତି ପାଇଁ ଆଗକୁ ବଢ଼ିପାରେ । ଇ-କ୍ରୀଡାର ସ୍ୱୀକୃତି ଜାତୀୟ କ୍ରୀଡା ପ୍ରଶାସନ ଆଇନ, ୨୦୨୫ ଅନୁଯାୟୀ ପରିଚାଳିତ ହୁଏ, ଯାହା ପାଇଁ ସଂଗଠିତ ମଲ୍ଟିପ୍ଲେୟାର ଗେମ୍ ପ୍ଲେ, ପୂର୍ବନିର୍ଦ୍ଧାରିତ ପ୍ରତିଯୋଗିତାମୂଳକ ନିୟମ ଏବଂ ମାନସିକ ଚପଳତା, ଶାରୀରିକ ଦକ୍ଷତା କିମ୍ବା ରଣନୈତିକ ନିଷ୍ପତି ଗ୍ରହଣ ଭଳି କାରଣ ଦ୍ୱାରା ନିର୍ଣ୍ଣୟ କରାଯାଇ ଥିବା ଫଳାଫଳ ଆବଶ୍ୟକ । ଅଂଶଗ୍ରହଣ ଫି କେବଳ ପ୍ରତିଯୋଗିତା-ସମ୍ବନ୍ଧୀୟ ପ୍ରଶାସନିକ ବ୍ୟୟ ଏବଂ ପ୍ରଦର୍ଶନ-ଆଧାରିତ ପୁରସ୍କାର ଗଠନକୁ ସମର୍ଥନ କରିବା ପାଇଁ ଅନୁମତି ଦିଆଯାଇପାରେ । ତଥାପି, ଯେକୌଣସି ପ୍ରକାର ବେଟିଂ କିମ୍ବା ବାଜି କଡ଼ାକଡ଼ି ଭାବରେ ନିଷିଦ୍ଧ କରାଯାଇଛି । ମାନ୍ୟତା ପୂର୍ବରୁ ବାଧ୍ୟତାମୂଳକ ନିର୍ଣ୍ଣୟ ନିଶ୍ଚିତ କରେ ଯେ ସ୍ୱୀକୃତିପ୍ରାପ୍ତ ଇ-କ୍ରୀଡା ଫର୍ମାଟଗୁଡ଼ିକ ବୈଧାନିକ ସୁରକ୍ଷା ପୂରଣ କରେ । ଏହାର ସମାନ୍ତରାଳ ଭାବରେ, ଢାଂଚା ଆର୍ଥିକ ଆକଳନ ବଦଳରେ ମନୋରଞ୍ଜନ ଏବଂ ସାମାଜିକ ପାରସ୍ପରିକ କ୍ରିୟା ପାଇଁ ଡିଜାଇନ୍ କରାଯାଇଥିବା ମନୋରଞ୍ଜନ ଫର୍ମାଟଗୁଡ଼ିକୁ ପ୍ରତିନିଧିତ୍ୱ କରୁଥିବା ଅନଲାଇନ୍ ସୋସିଆଲ ଗେମିଂର ପଞ୍ଜୀକରଣ ପାଇଁ ଏକ ମାର୍ଗ ସ୍ଥାପନ କରେ । କେବଳ ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଭାବରେ ସୂଚିତ ଅନଲାଇନ୍ ସାମାଜିକ ଖେଳର ସେହି ବର୍ଗଗୁଡ଼ିକୁ ପଞ୍ଜୀକୃତ କରିବାକୁ ପଡିବ । ଯେଉଁଠାରେ ବର୍ଗୀକରଣ ନିଶ୍ଚିତତା ଦରକାର ପଡ଼ିଥାଏ, ସେଠାରେ ବେଟିଂ ଉପାଦାନ ଗୁଡ଼ିକର ଅନୁପସ୍ଥିତି ନିଶ୍ଚିତ କରିବା ପାଇଁ ନିର୍ଣ୍ଣୟ ପଞ୍ଜୀକରଣ ପୂର୍ବରୁ ହୋଇପାରେ । ଜୀବନ ଚକ୍ରର ଅନ୍ତିମ ପର୍ଯ୍ୟାୟ ହେଉଛି ପଞ୍ଜୀକରଣ, ଯାହା ନିୟାମକ ଦୃଶ୍ୟମାନତା ପ୍ରଦାନ କରେ ଏବଂ ଆନୁପାତିକ ତଦାରଖ ଏବଂ ପ୍ରବର୍ତ୍ତନଯୋଗ୍ୟ ଉତରଦାୟିତ୍ୱକୁ ସକ୍ଷମ କରେ । ପଞ୍ଜୀକରଣ ସାଧାରଣତଃ ଇ-କ୍ରୀଡାର ସ୍ୱୀକୃତି ପରେ ହୋଇଥାଏ କିମ୍ବା ଅନଲାଇନ୍ ସାମାଜିକ ଖେଳର ଅଧିସୂଚିତ ବର୍ଗଗୁଡ଼ିକରେ ପ୍ରଯୁଜ୍ୟ ହୁଏ । ଏହା ମଧ୍ୟ ନିର୍ଦ୍ଦେଶିତ ହୋଇପାରେ ଯେଉଁଠାରେ ନିର୍ଣ୍ଣୟ ଫଳାଫଳ ଆନୁଷ୍ଠାନିକ ତଦାରଖର ଆବଶ୍ୟକତାକୁ ସୂଚିତ କରେ କିମ୍ବା ଯେଉଁଠାରେ ଓଜିଏଆଇ ସାଧାରଣ ସ୍ୱାର୍ଥ ପାଇଁ ଏପରି ତଦାରଖକୁ ଆବଶ୍ୟକ ବୋଲି ବିବେଚନା କରେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ହେଉଛି, ପଞ୍ଜୀକରଣ ସମ୍ପୂର୍ଣ୍ଣ ପ୍ଲାଟଫର୍ମ ବଦଳରେ ପ୍ରତ୍ୟେକ ଅନଲାଇନ୍ ଖେଳ ସେବା ପ୍ରଦାନକାରୀଙ୍କ ବ୍ୟକ୍ତିଗତ ଖେଳ ପାଇଁ ପ୍ରଯୁଜ୍ୟ, ଅନୁପାତିକ ଅନୁପାଳନ ସୁନିଶ୍ଚିତ କରିବା ସହିତ କର୍ତୃପକ୍ଷଙ୍କୁ ଅଧିକୃତ ପ୍ରସ୍ତାବଗୁଡ଼ିକର ଏକ ନିର୍ଭରଯୋଗ୍ୟ ରେକର୍ଡ ବଜାୟ ରଖିବାକୁ ସକ୍ଷମ କରିଥାଏ । ବର୍ତ୍ତମାନର ଢାଂଚା ପ୍ରତିକ୍ରିୟାଶୀଳ ପ୍ରବର୍ତ୍ତନରୁ ସକ୍ରିୟ ଏବଂ ପ୍ରତିରୋଧକ ଶାସନକୁ ପରିବର୍ତ୍ତିତ ହୋଇଥାଏ । ସର୍ବୋତମ ନିଷ୍ପତି ଏକ ପ୍ରାରମ୍ଭିକ ଫିଲ୍ଟର ଭାବରେ କାର୍ଯ୍ୟ କରେ, ସ୍ୱୀକୃତି ଆଇନଗତ ବୈଷମ୍ୟ ସ୍ଥାପନ କରେ ଏବଂ ପଞ୍ଜୀକରଣ ଆନୁପାତିକ ତଦାରଖ ଏବଂ ପ୍ରବର୍ତ୍ତନଯୋଗ୍ୟ ଉତରଦାୟିତ୍ୱକୁ ସକ୍ଷମ କରିବା ସହିତ ନିୟାମକଙ୍କୁ ଦୃଶ୍ୟମାନତା ପ୍ରଦାନ କରିଥାଏ । ସେହି ସମୟରେ, ସମନ୍ୱିତ ଅବରୋଧ, ତଦନ୍ତକାରୀ ଓଜିଏଆଇ ଏବଂ ଆର୍ଥିକ ପ୍ରତିବନ୍ଧକ ପଦକ୍ଷେପ ମାଧ୍ୟମରେ ଅବୈଧ ଅନଲାଇନ୍ ଟଙ୍କା ଗେମିଂ ବିରୁଦ୍ଧରେ ପ୍ରବର୍ତ୍ତନକୁ ସୁଦୃଢ଼ କରାଯାଏ, ବିଶେଷ କରି ଦ ର ଅ । ପ । ର ଅପରେଟରମାନଙ୍କୁ ଟାର୍ଗେଟ କରି ଏହା କରାଯାଇଥାଏ । ଏହି ଦ୍ୱୈତ-ଟ୍ରାକ୍ ପଦ୍ଧତି ଢାଂଚାର ମୂଳ ଦର୍ଶନକୁ ପ୍ରତିଫଳିତ କରେ: ଆଇନଗତ ସଂସ୍ଥା ପାଇଁ କୋମଳ ସ୍ୱର୍ଶକୁ ନିୟନ୍ତ୍ରଣ କରିବା ଏବଂ ବେଆଇନ ଅପରେଟରମାନଙ୍କ ବିରୁଦ୍ଧରେ ଦୃଢ଼ ପ୍ରବର୍ତ୍ତନ ବ୍ୟବସ୍ଥା ଗ୍ରହଣ । ପ୍ରବର୍ତ୍ତନ ବ୍ୟତୀତ, ଏହି ଢାଂଚା ଏକ ଦାୟିତ୍ୱସମ୍ପନ୍ନ ଇକୋସିଷ୍ଟମ ଅଭିବୃଦ୍ଧି ପାଇଁ ମଧ୍ୟ ପରିସ୍ଥିତି ସୃଷ୍ଟି କରିଥାଏ । ସ୍ୱଷ୍ଟ ନିୟାମକ ମାର୍ଗରେ ଆଇନଗତ ଗେମିଂର ବିକାଶ, ପ୍ରତିଯୋଗିତା ମୂଳକ ଭିତିଭୂମି ଏବଂ ସମର୍ଥନକାରୀ ଡିଜିଟାଲ୍ ସେବାଗୁଡ଼ିକରେ ନିବେଶକୁ ଏହା ଉତ୍ସାହିତ କରେ । ଇ-କ୍ରୀଡାର ଚିହ୍ନଟ କରଣ ସରଂଚିତ ପ୍ରତିଯୋଗିତା ଏବଂ ବୃତିଗତ ଅଂଶ ଗ୍ରହଣକୁ ସକ୍ଷମ କରେ, ଯେତେ ବେଳେ ନିୟନ୍ତ୍ରିତ ବର୍ଗଗୁଡ଼ିକ ବିକାଶ, ଅନୁପାଳନ, ସାଇବର ସୁରକ୍ଷା ଏବଂ ଇଭେଂଟ ପରିଚାଳନାରେ ନୂତନ ଭୂମିକାକୁ ସମର୍ଥନ କରେ । 'ପ୍ରୋଗା' ମାଧ୍ୟମରେ ପ୍ରଚଳିତ ପରିବର୍ତ୍ତନ ଖଣ୍ଡିତ ପ୍ରତିକ୍ରିୟାରୁ ପୂର୍ବାନୁମାନ ଯୋଗ୍ୟ ଶାସନକୁ ଏକ ପରିବର୍ତ୍ତନ ନିମନ୍ତେ ଚିହ୍ନିତ କରେ । ପ୍ରତିରୋଧକ ବର୍ଗୀକରଣ, ଆଇନଗତ ମାନ୍ୟତା ଏବଂ ଦାୟିତ୍ୱପୂର୍ଣ୍ଣ ପଞ୍ଜୀକରଣକୁ ସନ୍ତୁଳିତ ମାତ୍ରାରେ ମିଶ୍ରଣ ଘଟାଇ, ନୂତନ ଢାଂଚା ଏକ ସ୍ଥିର ପରିବେଶ ସୃଷ୍ଟି କରେ ଯେଉଁଠାରେ ଜନସ୍ୱାର୍ଥକୁ ସୁରକ୍ଷା ଦେବା ସହିତ ନବସୃଜନ ଦାୟିତ୍ୱପୂର୍ଣ୍ଣ ଭାବରେ ବୃଦ୍ଧି ପାଇପାରିବ ।

***(ଲେଖକ କେନ୍ଦ୍ର ସରକାରରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସଚିବ ଭାବରେ କାର୍ଯ୍ୟରତ)***

# ଗୋରକ୍ଷକଙ୍କ ଉପରକୁ ଗୁଳି ମାଡ଼

ବୈଶିଙ୍ଗା(ନିପ୍ର) : ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଅଂଚଳରେ ଦିନକୁଦିନ ଗୋରୁ ଚୋରା ଚାଲାଣ ବୃଦ୍ଧି ପାଉଥିବା ବେଳେ ଏହି ଗ୍ୟାଙ୍ଗ ସହ ଜଡ଼ିତ ଅସାମାଜିକ ବ୍ୟକ୍ତିମାନଙ୍କର ଉତ୍ପାତ ମଧ୍ୟ ବଢ଼ି ଚାଲିଛି । ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ କିଛି ଗୋମାଫିଆ ଯୁଗପୁରା, ଯାମୁନଣ୍ଡା, କଦଳିଆ ରାସ୍ତାରେ ଶୋଇଥିବା ଗୋରୁମାନଙ୍କୁ ଚୋରି କରି ଏକ ଭ୍ୟାନ ଭିତରେ ଭର୍ତି କରୁଥିବା ବେଳେ ଗ୍ରାମବାସୀମାନେ ପହଂଚି ଯାଇଥିଲେ । ଫଳରେ ଗୋରୁ ଗୁଡ଼ିକୁ ଛାଡ଼ିଦେଇ ଫେରାର ହୋଇଯାଇଥିଲେ । ସେମାନେ ମୁଖ୍ୟ ରାସ୍ତାରେ ନଯାଇ ଯୁଗପୁରାରୁ ଜାମୁନଣ୍ଡା ଓ କଦଳିଆ ରାସ୍ତାରେ ପଳାଇ ଯାଇଥିଲେ । ଗ୍ରାମବାସୀମାନେ ସେମାନଙ୍କୁ ବାଇକ ଯୋଗେ ପିଛା କରିଥିଲେ । ତେବେ କଦଳିଆ ଛକ ନିକଟରେ ଗୋରକ୍ଷକ ଯୁବକ ରମେଶ ବିଶ୍ୱାଳ ଓରଫ ଦିପୁ ଓ ତାଙ୍କ ସହଯୋଗୀମାନେ ଗୋରୁ ଚୋରି ଉଦ୍ଦେଶ୍ୟରେ ଆଣିଥିବା ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିବା ବେଳେ ସେମାନଙ୍କୁ ସୁରକ୍ଷା ଯୋଗାଇ ପଛରୁ ଆସୁଥିବା ଦୁଇଟି ବାଇକରେ ଥିବା ଯୁବକମାନେ ଗୋରକ୍ଷକଙ୍କ ଉପରକୁ ୨ ରାଉଣ୍ଡ ଗୁଳିଚାଳନା କରିଥିଲେ ଏବଂ ସେଠାରେ ଭ୍ୟାନ ଛାଡ଼ିଦେଇ ଡ୍ରାଇଭରକୁ ସାଙ୍ଗରେ ନେଇ ଚମ୍ପଟ ମାରିଥିଲେ । ପରେ ପରିବାର ଲୋକ ପହଂଚି ଆହତ ଦିପୁଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ନେଇ ଚିକିତ୍ସା କରାଇଥିଲେ । ତେବେ ଆଜି ସକାଳେ ଗ୍ରାମବାସୀମାନେ ଭ୍ୟାନଟିକୁ ଜଳୁଥିବାର ଦେଖି ପୋଲିସକୁ ଖବର ଦେଇଥିଲେ । ବୈଶିଙ୍ଗା ପୋଲିସ ଘଟଣା ସ୍ଥଳରେ ପହଂଚି ଘଟଣାର ଛାନଭିନ ଆରମ୍ଭ କରିଛି । ଅନ୍ୟପଟେ ଗୋମାଫିଆଙ୍କ ଆତଙ୍କରେ ଭୟଭୀତ ହୋଇପଡିଛନ୍ତି ଅଂଚଳବାସୀ ।



# ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ମଧୁବାବୁଙ୍କ ୧୭୯ ତମ ଜୟନ୍ତୀ ପାଳିତ



ଜଳେଶ୍ୱର:(ନି ପ୍ର ) ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ମଧୁବାବୁଙ୍କ ୧୭୯ ତମ ଜୟନ୍ତୀ ପିଏମଶ୍ରୀ ଜଳେଶ୍ୱର ହାଇସ୍କୁଲ ପରିସରରେ ପୂର୍ବାହ୍ନରେ ପାଳିତ ହୋଇ ଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ସଭାପତି ତଥା ବରିଷ୍ଠ ସମାଜସେବୀ କମଳ କୁମାର ଚକ୍ରବର୍ତୀଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀର ସମ୍ପାଦକ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁନିଲ କୁମାର ନାୟକ, ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଲଳିତ ରଞ୍ଜନ ସେନାପତି, ପ୍ରାକ୍ତନ ଅଧ୍ୟକ୍ଷ ଜିତାରାମ ଦେ, ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ରମାକାନ୍ତ ଭଞ୍ଜ ଓ ପ୍ରାକ୍ତନ ଅଧ୍ୟକ୍ଷ ସୁଧିର କୁମାର କର, ପିଏମଶ୍ରୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡକ୍ଟର ଅଜିତ କୁମାର ମହାନ୍ତି, କଟକ ଉଚ୍ଚ ନ୍ୟାୟଳୟର ବରିଷ୍ଠ ଆଇନଜୀବି ରାମଚନ୍ଦ୍ର ଜେନା, ବରିଷ୍ଠ ସମାଜସେବୀ ଦିଲ୍ଲୀପ କୁମାର ଗିରି, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, କୋଷାଧ୍ୟକ୍ଷ ରବିନ୍ଦ୍ର ନାଥ ବାରିକ ପ୍ରମୁଖ ଅତିଥି ମାନେ ଉପସ୍ଥିତ ରହି ମଧୁବାବୁଙ୍କ ଜୀବନି ବାବଦରେ ବକ୍ତବ୍ୟ ରଖିଥିଲେ ।ସଭା ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ସହକାରୀ ଶିକ୍ଷୟତ୍ରୀ ସୁଶ୍ରୀ ସବିତା ପାଠୀଙ୍କ ସହିତ ପିଲାମାନେ ଗାନ କରିଥିବା ବେଳେ ସହକାରୀ ଶିକ୍ଷକ ରାଧାଗୋବିନ୍ଦ ଜେନା ଓ ସହକାରୀ ଶିକ୍ଷୟତ୍ରୀ ସୁଶ୍ରୀ ସବିତା ପାଠୀ ମିଳିତ ଭାବେ ମଂଚ ଆହ୍ୱାନ କରିଥିଲେ । ଶେଷରେ ଆଇନଜୀବି ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ୨୦ ଜଣ ପିଲାଙ୍କ ମଧ୍ୟରେ ମଧୁବାବୁଙ୍କ ଜୀବନି ବାବଦରେ ବକ୍ତୃତା ପ୍ରତିଯୋଗିତା ହୋଇ ସେମାନଙ୍କ ମଧ୍ୟରୁ ନବମ ଶ୍ରେଣୀ ଛାତ୍ରୀ ନମିତା ଦାସ ପ୍ରଥମ, ସପ୍ତମ ଶ୍ରେଣୀ ଛାତ୍ରୀ ଅଭିଲିପ୍ସା ସାହୁ ଦ୍ୱିତୀୟ, ଷଷ୍ଠ ଶ୍ରେଣୀ ଛାତ୍ରୀ ଦିବ୍ୟାଶା ପାଠୀ ତୃତୀୟ ସ୍ଥାନ ଗ୍ରହଣ କରି ସେମାନଙ୍କୁ ପୁରସ୍କାର ସହିତ ମଧୁବାବୁ ଜୀବନୀ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ବେଳେ ଅନ୍ୟ ୧୭ ଜଣ ପ୍ରତିଯୋଗୀଙ୍କୁ ମଧୁବାବୁ ଜୀବନୀ ପୁସ୍ତକ ପ୍ରଦାନ କରା ଯାଇଥିଲା ।ଉକ୍ତ ପ୍ରତିଯୋଗିତାରେ ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେଶ୍ୱର ମହାନ୍ତି, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ବନମାଳୀ ଧଳ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଗିରି ପ୍ରମୁଖ ବିଚାରକ ଭାବେ ଉପସ୍ଥିତ ରହି ଚୟନ କରିଥିଲେ ।ପ୍ରଥମେ ସକାଳ ୮ ଘଟିକା ସମୟରେ ଜଳେଶ୍ୱର ପୁରୁଣା କୋର୍ଟ ପାଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତିରେ ସମୂହ ମାଲ୍ୟାର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ ।

# ରବି ଧାନ କ୍ରୟ ପାଇଁ ଭଦ୍ରକ ଜିଲ୍ଲାରେ ପ୍ରସ୍ତୁତି ଜୋରଦାର

ଭଦ୍ରକ : ଆସନ୍ତା ରବି ଧାନ କ୍ରୟ ଋତୁ-୨୦୨୬କୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସିତାଂଶୁ ଶେଖର ମହାପାତ୍ର, ଯୋଗ ଦେଇ ଧାନ ସଂଗ୍ରହ ପ୍ରକ୍ୟୁରମେଣ୍ଟ ଉପରେ ଆଲୋକପାତ କରି ଭଦ୍ରକରେ ମଲ୍ଟି ପର୍ପୋଜ୍ ପ୍ୟାକ୍ସ, ପ୍ରତ୍ୟେକ ବ୍ଲକରେ ମଡେଲ ମଣ୍ଡି ପ୍ରତିଷ୍ଠା କରିବା, ଖାଦ୍ୟ ଶସ୍ୟ ର ଶୀତଳ ଭଣ୍ଡାର ନିର୍ମାଣ କରାଯିବା, ଚଳିତ ବର୍ଷ ରବିଫସଲ ରେ ଚାଷୀମାନେ କିପରି ଉପକୃତ ହେବେ ଏବଂ ଉଭୟ ଧାନ ଚାଉଳ ପାଇଁ ଗୋଦାମ ଗୃହ ସୁବିଧା କରିବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସମବାୟ ସମିତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୨୦୨୬ ରବି ଧାନ ସଂଗ୍ରହ ପାଇଁ ଭଦ୍ରକ ଜିଲ୍ଲାରେ ୨ ହଜାର ୯୦୬ ଜଣ ଚାଷୀ ଙ୍କ ଠାରୁ ୧ ଲକ୍ଷ ୮୫ ହଜାର କ୍ୱିଂଟାଲ ଧାନ ସଂଗ୍ରହ କରିବା ଧାର୍ଯ୍ୟ ଲକ୍ଷ୍ୟ ଥିବା ବୈଠକ ରୁ ଜଣାପଡିଛି । ବୈଠକରେ ବାସୁଦେବପୁର ବିଧାୟକ ଅଶୋକ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଉପଜିଲ୍ଲାପାଳ ସୌରଭଚକ୍ରବର୍ତୀ ଓ ଭଦ୍ରକ ମିଲର ସଂଘର ସମ୍ପାଦକ ଶେଖର ମହାପାତ୍ର, ପ୍ରମୁଖ ଉପସ୍ଥିତ ରହି ପ୍ୟାଡି ପ୍ରଣ୍ୟରମେଣ୍ଟ ଉପରେ ବିଭିନ୍ନ ତଥ୍ୟ ରଖୁ ଥିବା ବେଳେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମିଲର, ଚାଷୀ, ଯୋଗାଣ ବିଭାଗ, କୃଷି ଅଧିକାରୀ, ପ୍ରମୁଖ ଯୋଗ ଦେଇଥିଲେ । ପ୍ରକାଶଯୋଗ୍ୟ ଯେ ଜିଲ୍ଲାର ସାତୋଟି ବ୍ଲକରେ ମୋଟ ୬୫୯୮.୨ ହେକ୍ଟର ଜମିରେ ଧାନ ଚାଷ ହୋଇଥିବାବେଳେ ୩୨୬୩୯.୧ ମେଟ୍ରିକ ଟନ ଧାନ ଉତ୍ପାଦନ ହେବାର ଆନୁମାନ କରାଯାଇଛି । ସେଥିରୁ ୧୮୫୦୧.୦୯ ମେଟ୍ରିକ ଟନ ବଜାରଯୋଗ୍ୟ ଧାନ ସରକାରୀ କ୍ରୟ ପାଇଁ ଉପଲବ୍ଧ ହେବ ବୋଲି ଅନୁମାନ ହୋଇଛି । ବ୍ଲକ ଭିତିକ ଆକଳନ ଅନୁଯାୟୀ ବନ୍ଧ, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି ବ୍ଲକରେ ଅଧିକ ପରିମାଣର ବଜାରଯୋଗ୍ୟ ଧାନ ଉପଲବ୍ଧ ହେବାର ସମ୍ଭାବନା ରହିଛି । ଚାଷୀ ନିବନ୍ଧନ କାର୍ଯ୍ୟକ୍ରମରେ ଜମି ଯାଂଚ ପ୍ରାୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ବ୍ୟାଙ୍କ ଖାତା ଯାଂଚ ପ୍ରକ୍ରିୟା ଚାଲିଛି । ସନ୍ଦିଗ୍ଧ ଜମି ତାଲିକା (Odisha Paddy Land Survey) ମାଧ୍ୟମରେ ଅତିରିକ୍ତ ଯାଂଚ କରାଯିବ ବୋଲି ଜଣାପଡ଼ିଛି । ସରକାର ଘୋଷିତ ନ୍ୟୁନତମ ସହାୟକ ମୂଲ୍ୟ (MSP) ଅନୁଯାୟୀ ସାଧାରଣ ଏଫଏକ୍ୟୁ ଧାନ ପାଇଁ କ୍ୱିଂଟାଲ ପିଛା ୨୩୬୯ ଟଙ୍କା ଏବଂ 'ଏ' ଗ୍ରେଡ ଧାନ ପାଇଁ ୨୩୮୯ ଟଙ୍କା ଧାର୍ଯ୍ୟ କରାଯାଇଛି । ଏହାସହ ଇନପୁଟ ସହାୟତା ଯୋଗ ହେବାରୁ ସାଧାରଣ ଧାନ ପାଇଁ ଚାଷୀମାନେ କ୍ୱିଂଟାଲ ପିଛା ୩୧୦୦ ଟଙ୍କା ପାଇବେ । ରବି ଧାନ ସଂଗ୍ରହ ବର୍ଷ ୨୦୨୫-୨୬ ପାଇଁ ଭଦ୍ରକ ଜିଲ୍ଲାରେ ମୋଟ ୨୯୦୬ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ସୂଚନା ମିଳିଛି । ଏହି ସଂଗ୍ରହ କାର୍ଯ୍ୟରେ ଜିଲ୍ଲାର ୩୨ଟି ପିପିସି (ଚଚଉ) ଅଂଶଗ୍ରହଣ କରିଥିବାବେଳେ ସେଥିରୁ ୨୬ଟି ପାକ୍ସ (PACS) ଓ ୬ଟି ଡବ୍ଲ୍ୟୁଏସଏଚଜି (WSHG) ସମ୍ମିଳିତ ଅଛନ୍ତି । ବ୍ଲକ ଭିତିକ ଭାବେ ଧାମନଗର ବ୍ଲକରେ ସର୍ବାଧିକ ୯୫୨ ଜଣ ଚାଷୀ, ବାସୁଦେବପୁରରେ ୪୮୨, ବନ୍ଧରେ ୪୨୮, ବି. ପୋଖରୀରେ ୮୮୯, ଭଦ୍ରକରେ ୯୨, ଚାନ୍ଦବାଲିରେ ୬ ଏବଂ ତିହିଡିରେ ୫୭ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି ।

# ମହାତ୍ମାଗାନ୍ଧୀ ରାସ୍ତା ସଂପ୍ରସାରଣ ଉଚ୍ଛେଦ ପରେ ଲାଗିଲା ଷ୍ଟ୍ରିଟ ଲାଇଟ

ଜୟପୁର : ଜୟପୁର ଏମଜିରୋଡ ସଂପ୍ରସାରଣ ସହ ଜବରଦଖଲ ଉଚ୍ଛେଦ ହେବାର ଦୀର୍ଘ ଦେଢ ବର୍ଷ ପରେ ଆଜି ରାସ୍ତାର ଉଭୟ ପଟେ ଷ୍ଟ୍ରିଟ ଲାଇଟ ଗୁଡିକ ଲଗାଯାଇଛି । ରାସ୍ତା ସଂପ୍ରସାରଣ କରିବା ନିମନ୍ତେ ଗତ ୧୪ ନଭେମ୍ବର ୨୦୨୪ ରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା । ପରେ ପୂର୍ତବିଭାଗ ପକ୍ଷରୁ ଟେଣ୍ଡର ଡକାଯାଇ ଡ୍ରେନ ଓ ରାସ୍ତା କାମ ଆରମ୍ଭ କରାଯାଇଥିଲା । ଡ୍ରେନ କାମ ଶେଷ ହେବା ପରେ ରାସ୍ତା ଉପରେ ଥିବା ପୁରୁଣା ବିଦ୍ୟୁତ ଖୁଂଟ ଗୁଡିକୁ କଢାଯାଇ ନୂତନ ବିଦ୍ୟୁତ ଖୁଂଟ ସ୍ଥାପନ କରାଗଲା । ଜୟପୁର ଚାମ୍ବର ଅଫ କମର୍ସର ହସ୍ତକ୍ଷେପ ପରେ ଆଜି ଏମଜି ରୋଡର ଦୁଇ କଡରେ ଷ୍ଟ୍ରିଟଲାଇଟ ଗୁଡିକୁ ବିଦ୍ୟୁତ ସଂଯୋଗ କରାଯାଇଛି । ଏମଜିରୋଡରେ ବିଦ୍ୟୁତ ସମ୍ବଯୋଗ ହୋଇନଥିବା ଯୋଗୁଁ ଲୋକେ ଯାତାୟତ କରିବାକୁ ଇଚ୍ଛା ଥିଲେ ମଧ ମନ ଭାଙ୍ଗି ଦେଉଥିଲେ । ୱେଲକମ ଛକ ଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ୧.୩୦୭ କିଲୋମିଟର ରାସ୍ତା ସଂପ୍ରସାରଣ ହୋଇଛି । ରାସ୍ତାର ଓସାର ୪୦ ଫୁଟ ରହିଛି । ସମ୍ପୂର୍ଣ୍ଣ ରାସ୍ତାରେ ପିଚୁ ପକାଯାଇ ରାସ୍ତାର ଉଭୟ ପଟେ ଫେବରବ୍ଲକ ପକାଗଲେ ରାସ୍ତାଟି ଅଧିକ ସୁନ୍ଦର ଦେଖାଯିବ ବୋଲି ଚାମ୍ବର ଅଫ କମର୍ସର ସଭାପତି ସଞ୍ଜୟ କୁମାର ଜୈନ ପ୍ରକାଶ କରିଛନ୍ତି ।

# ପରିକ୍ଷିତ ଟାଇଗର କଲେଜର ୧୩ ତମ ବାର୍ଷିକ ଉତ୍ସବ ପାଳିତ




ନୂଆପଡ଼ା : (ନି.ପ୍ର) ନୂଆପଡ଼ା ଜିଲ୍ଲା ଖଡିଆଳ ପରିକ୍ଷିତ ଟାଇଗର କଲେଜ ର ୧୩ ତମ ବାର୍ଷିକ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଖଡିଆଳ ବିଧାୟକ ଅଧିରାଜ୍ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ମଂଚାଶିନ ଥିବାବେଳେ ଖଡିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ସମ୍ମାନିତ ଅତିଥି ଭବରେ , ଅନ୍ୟତମ ଅତିଥି ଭାବରେ ଖଡିଆଳ ନଗର ପାଳ ଉଜ୍ୱଳ ଗୁପ୍ତା, ବିଶିଷ୍ଟ ଅତିଥି ଭାବରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ସମ୍ମାନୀତ ଅତିଥି ଭାବରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ନଗର ଅଧକ୍ଷ ଉଜ୍ଜଳ ଗୁପ୍ତା, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ବିଦ୍ୟାଳୟ ଉପଦେଷ୍ଟା ଲଳିତ ବାଗ, ବିଦ୍ୟାଳୟ ନିର୍ଦ୍ଦେଶକ ତେଜରାଜ୍ ବାଗ , ମୁଖ୍ୟ ବକ୍ତା ଭାବରେ ବିଦ୍ୟାଳୟ ଅଧ୍ୟାପକ ଗୋପୀନାଥ ପୁରୀ ପ୍ରମୁଖ ମଂଚାଶିନ ଥିଲେ । ପ୍ରିନ୍ସିପାଲ ଯୋଗେନ୍ଦ୍ର ମହାନନ୍ଦ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ଖଡିଆଳ ସହରରେ ୨୦୧୩ ବେଳକୁ କୌଣସି ଘରୋଇ କଲେଜ ନ ଥିବାବେଳେ ପରିକ୍ଷିତ ଟାଇଗର କଲେଜ ଆରମ୍ଭ କରି ଖଡିଆଳ ଅଂଚଳ ର ଶିକ୍ଷା କ୍ଷେତ୍ରର ମାନ ବୃଦ୍ଧି କରିଛନ୍ତି ବୋଲି ଶ୍ରୀ ପାଣିଗ୍ରାହୀ ନିଜ ଅଭିଭାଷଣରେ କହିଥିଲେ । ଝିଅମାନେ ପାଠୋଇ ହେଲେ ଦେଶ ଆଗକୁ ଯିବା ବୋଲି ଶ୍ରୀମତୀ ନନ୍ଦ ମହାଶୟ କହିଥିଲେ । ଆଦିବାସୀ ମହିଳା ଦ୍ରୋପଡ଼ି ମୁର୍ମୁ ନିଜକୁ ତିଆର କରି ଭାରତର ରାଷ୍ଟ୍ରପତି ହୋଇପାରିଛନ୍ତି ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ମଧ ନିଶ୍ଚୟ ମହାନ୍ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବେ ବୋଲି ଅକ୍ଷୟ ନନ୍ଦ କହିଥିଲେ । ସ୍କୁଲ ଜୀବନ ହେଉଛି ମୂଲ୍ୟବାନ ସମୟ ସେହି ସମୟରେ ସଠିକ୍ ଭରେ ବିନିଯୋଗ କରିପାରିଲେ ମହାନ୍ ବ୍ୟତି ହୋଇ ପାରିବେ ବୋଲି ବିଦ୍ୟାଳୟର ଛାତ୍ର ଛାତ୍ରୀଂକୁ ଶ୍ରୀ ଗୁପ୍ତା ନିଜ ଅଭିଭାଷଣରେ କହିଥିଲେ ସେହିପରି ମୁଖ୍ୟ ବକ୍ତାଙ୍କ ଅଭିଭାଷଣ ପରେ ଧନ୍ୟବଡ ଦେଇ କୃତି ଛାତ୍ର ଛାତ୍ରୀଂକୁ ମନ ପତ୍ର ସହିତ ପୁରସ୍କାର ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ରାତ୍ରି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।

# ଉଦ୍‌ଯାପିତ ହେଲା ଯାଜପୁର ପ୍ରିମିୟର ଲିଗ୍ ନାଇଟ କ୍ରିକେଟ୍ ଟୁର୍ଣ୍ଣାମେଂଟ

ଯାଜପୁର: ଯାଜପୁର ବ୍ଲକ ପଡିଆରେ ରକ ଫ୍ୟାମିଲି ପକ୍ଷରୁ ଆୟୋଜିତ ହୋଇଥିବା ତୃତୀୟ ଯାଜପୁର ପ୍ରିମିୟର ଲିଗ ନାଇଟ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ଟୁର୍ଣ୍ଣାମେଂଟର ଫାଇନାଲ୍ ମ୍ୟାଚ କେବିସିସି ଯାଜପୁର ଏବଂ ଏସଏନ ବଉଲାଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଏସଏନ ବଉଲାଙ୍ଗ ଟସ ଜିତି ବୋଲିଂ କରିବାକୁ ନିଷ୍ପତି ନେଇଥିଲା । କେବିସିସି ଯାଜପୁର ଏବଂ ଏସଏନ ବଉଲାଙ୍ଗ ମଧ୍ୟରେ ଫାଇନାଲ ମ୍ୟାଚ ଦମଦାର ହୋଇଥିବା ବେଳେ ଏସଏନ ବଉଲାଙ୍ଗ ବିଜୟ ହାସଲ କରିଥିଲା । ଚିତରଞ୍ଜନ ବେହୁରିଆଙ୍କ ନେତୃତ୍ୱରେ ଆୟୋଜିତ ଉଦ୍‌ଯାପନୀ ଫାଇନାଲ୍ ମ୍ୟାଚ୍‌ର ପୁରସ୍କାର ବିତରଣ ଉତ୍ସବରେ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସିନେ ବିଚିତ୍ରପୁର ସରପଂଚ ଦେବାଶିଷ ପଣ୍ଡା, ଯୁବ ଉଦ୍ୟୋଗପତି ସତ୍ୟଜିତ ପତି ପ୍ରମୁଖ ଯୋଗ ଦେଇ ବିଜେତା ଦଳକୁ ଟ୍ରଫି ଓ ନଗଦ ୫୦ ହଜାର ଅର୍ଥ ରାଶି ଏବଂ ଉପ ବିଜେତା ଦଳକୁ ଟ୍ରଫି ସହ ୩୦ ହଜାର ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ । ସେହିଭଳି ମ୍ୟାନ ଅଫ ମ୍ୟାଚ ଭିକି ଦିଗଲ ଓ ମ୍ୟାନ ଅଫ ଦି ଟୁର୍ଣ୍ଣାମେଂଟ ରୋଶନ ମହାରଣାଙ୍କୁ ପୁରସ୍କୃତ କରାଯାଇଥିଲା ।

# ଆଂଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ସଡକ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଅଭିଯାନ



କଟକ(ନି.ପ୍ର) :ଜିଲ୍ଲାରେ ସଡକ ସୁରକ୍ଷାକୁ ଦୃଢ କରିବା ଓ ଯାତାୟାତ ନିୟମ ଉଲ୍ଲଙ୍ଘନକୁ ରୋକିବା ପାଇଁ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ବିଶ୍ୱଜିତ ଦାଶଙ୍କ ନିର୍ଦ୍ଦେଶ ରେ ଆଜି ଏକ ବିଶେଷ ଅଭିଯାନ ଆରମ୍ଭ କରାଯାଇଛି । ଆଜି ଜୁଡିସିଆଲ ଛକ ନିକଟରେ ସମସ୍ତ ଯାନବାହାନ ଗୁଡିକୁ କଡାକଡି ଭାବେ ଯାଂଚ କରାଯାଇ ନିୟମ ଉଲ୍ଲଂଘନ କରୁଥିବା ଅନେକ ଚାଳକଙ୍କ ବିରୁଦ୍ଧରେ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ଏବଂ ଜରିମାନା ଆଦାୟ କରାଯାଇଥିଲା । ଏହି ଅଭିଯାନରେ ମାଲବାହୀ ଯାନ ରେ ଯାତ୍ରୀ ପରିବହନ, ହେଲମେଟ୍ ନ ପିନ୍ଧିବା, ମଦ୍ୟପାନ କରି ଗାଡି ଚଳାଇବା ଆଦି ମାମଲା ଚିହ୍ନଟ ହୋଇଛି । ଆଜିର ଏହି ଅଭିଯାନରେ ଅତିରିକ୍ତ କମିଶନର ପରିବହନ ବିଭାଗ ଶ୍ରୀ ଦୀପ୍ତି ରଞ୍ଜନ ପାତ୍ର , ଅତିରିକ୍ତ କମିଶନର ପରିବହନ ବିଭାଗ ଶ୍ରୀ ସମରେନ୍ଦ୍ର ପଟ୍ଟନାୟକ , ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ବିଶ୍ୱଜିତ ଦାଶ, ଡିଏସପି ରୋଡ୍ ସେଫ୍ଟି ଶ୍ରୀ ଦେବୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ମଧ ଏହିପରି ଅଭିଯାନକୁ ଆହୁରି କଡାକଡି କରାଯିବ ବୋଲି ଶ୍ରୀ ଦାଶ ସୂଚନା ଦେଇଛନ୍ତି ।

# ଉତମ ମାଲିକ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ମାଗଣା ମେଗା ଚିକିତ୍ସା ଶିବିର

ମାଲକାନଗିରି : ମାଲକାନଗିରି ଜିଲ୍ଲା ବାଲିମେଳା ଠାରେ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ମାଲକାନଗିରି ସ୍ଥିତ ଉତମ ମାଲିକ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟେସନ ଅଧ୍ୟକ୍ଷ ଡଃ. ଶିବ ନାରାୟଣ ପାତ୍ରଙ୍କ ତରଫରୁ ଶ୍ରୀକାକୁଲମ ସ୍ଥିତ ଗ୍ରେଟ୍ ଇଷ୍ଟର୍ନ ମେଡିକାଲ୍ ସ୍କୁଲ ଓ ହସ୍ପିଟାଲ୍ ସହ ସହବନ୍ଧିତ ହୋଇ ବାଲିମେଳା ସ୍ଥିତ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ମାଗଣା ମେଗା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଯେଉଁଠି ଆଖି, ହୃଦୟ, ସଧାରଣ ରୋଗ, ହାଡ, ଶିରା ପ୍ରଶିରା ସହ ଅନ୍ୟ ସବୁ ରୋଗର ଚିକିତ୍ସା ହୋଇଥିଲା । ମାଗଣା ଔଷଧ ସହ ରକ୍ତଚାପ, ସୁଗର ସ୍କ୍ରିନିଂ, ୨ଡି ଇକୋ ଓ ଇ ସି ଜି ମଧ ମାଗଣାରେ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ବାଲିମେଳା ଥାନା ଉପ ଅଧିକାରୀ ଅଜିତ୍ ସିଂ ବରିହା ଓ ଗ୍ରେଟ୍ ଇଷ୍ଟର୍ନ ମେଡିକାଲ୍ ସ୍କୁଲ ଓ ହସ୍ପିଟାଲର ଡିଜିଏମ୍ ଏସ କେ ମୋହନଙ୍କ କରକମଳରେ ପ୍ରଥମେ ଭଗବାନ୍ ଶ୍ରୀ ଜଗନ୍ନାଥଙ୍କ ଠାରେ ପୁଷ୍ପ ଅର୍ପଣ କରିବା ପରେ ଯାଇ କାର୍ଯ୍ୟକ୍ରମ ଆରମ୍ଭ ହେଇଥିଲା । ବାଲିମେଳା ଭଳି ଜାଗାରେ ମେଡିକାଲ୍ ଥାଇ ମଧ ନଥିବା ସହ ସମାନ । ଏହା ବିଜ୍ଞାପିତ ଅଂଚଳ ପରିଷଦ ହୋଇଥଲେ ମଧ ଏହାର ଜନସଂଖ୍ୟା ହିସାବରେ ମେଡିକାଲରେ ଡାକ୍ତରଙ୍କ ଅଭାବ । ଜଣେ ହିଁ ଡାକ୍ତର ସେ ସବୁ କିଛି । ନା ଭଲ ଡାକ୍ତର ଅଛନ୍ତି ନା ଭଲ ଚିକିତ୍ସା ମିଳୁଛି । କିଛି ଅସୁବିଧା ହେଲେ ମାଲକାନଗିରି ବା ଆନ୍ଧ୍ର ମେଡିକାଲ୍ ହିଁ ସାହା ଭରସା । ଏହିପରି ପରିସ୍ଥିତିରେ ଉତମ ମାଲିକ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟେସନର ଏହି ପଦକ୍ଷେପ ବାଲିମେଳା ବାସୀଙ୍କ ପାଇଁ ଏକ ବରଦାନ ସଦୃଶ୍ୟ । ଯାହାର ଝଲକ୍ ଆଜି ଦେଖିବାକୁ ମିଳିଛି । ପ୍ରାୟ ୩୫୦ରୁ ଅଧିକ ରୋଗୀଙ୍କ ଚିକିତ୍ସା କରାଯାଇଥିବା ବେଳେ ବୟସ୍କାଧିକ ରୋଗୀଙ୍କ ସଂଖ୍ୟା ଅଧିକ ଥିବା ଦେଖିବାକୁ ମିଳିଥିଲା । ସାଧାରଣ ରୋଗଟିଏ ହୋଇଥିଲେ ମଧ ସଠିକ୍ ଚିକିତ୍ସା ପାଇବା ଯେଉଁଠି କଷ୍ଟସାଧ ସେହିଭଳି ଜାଗାରେ ଶ୍ରୀକାକୁଲମ ସ୍ଥିତ ଗ୍ରେଟ୍ ଇଷ୍ଟର୍ନ ମେଡିକାଲ୍ ସ୍କୁଲ ଓ ହସ୍ପିଟାଲର ଛଅ ଜଣିଆ ଡକ୍ଟର ଟିମ୍ ଆସି ମାଗଣା ଚିକିତ୍ସା ସେବା ସହ ମାଗଣାରେ ଔଷଧ ମଧ ଦିଆଯାଇଥିଲା । ସୂଚନାନୁଯାୟୀ, ଗତ ଡିସେମ୍ବର ମାସରେ ମାଲକାନଗିରି ଜିଲ୍ଲାରେ ପ୍ରଥମ ଥର ପାଇଁ ଉତମ ମାଲିକ୍ କଲେଜରେ କ୍ୟାନ୍ସର ସ୍କ୍ରିନିଙ୍ଗ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା । ସେହିପରି ଜାନୁୟାରୀ ମାସରେ ମଧ ବିଜୟୱାଡା ଅନୁ ଓମେଗା ମେଡ଼ିକାଲ୍ ସହ ସହଭାଗିତାରେ ମଲ୍ଟି ରୋଗ ଚିକିତ୍ସା ଶିବିର କରାଯାଇଥିଲା । ଏବେ ଏହା ତୃତୀୟ ଥର ଗ୍ରେଟ୍ ଇଷ୍ଟର୍ନ ମେଡିକାଲ୍ ସ୍କୁଲ ଓ ହସ୍ପିଟାଲ୍ ର ସହଯୋଗରେ ବାଲିମେଳା ଠାରେ ଅନୁଷ୍ଠିତ ହୋଇଯାଇଅଛି । ଆମ କଲେଜ୍ ତରଫରୁ ଆଗକୁ ଏହିପରି କାର୍ଯ୍ୟ ପାଇଁ ଆମର ପ୍ରୟାସ ଜାରୀ ରହିବ ବୋଲି ଚେୟାରମ୍ୟାନ ଡଃ. ଉତମ ମାଲିକ୍ ଜଣାଇଛନ୍ତି । ଏହିଭଳି ଏକ ମହତ୍ କାର୍ଯ୍ୟପାଇଁ ବାଲିମେଳା ବାସୀ ଧନ୍ୟବାଦ ଜଣାଇଛନ୍ତି । ଉତମ ମାଲିକ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟେସନର ଚେୟାରମ୍ୟାନ ଡଃ. ଉତମ ମାଲିକ୍ ଓ ଅଧ୍ୟକ୍ଷ ଡଃ. ଶିବ ନାରାୟଣ ପାତ୍ରଙ୍କ ତରଫରୁ ସମସ୍ତ ବାଲିମେଳା ବାସି, ଓର୍କେଲ ଥାନା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁରୁଜି, ଗୁରୁମା ଓ ସହଯୋଗ କରିଥିବା ଟିଟୁ ପାତ୍ର, ପ୍ରଶାନ୍ତ କୁମାର ଚର୍ଚ୍ଚି, ଆଲୋକ ଚନ୍ଦ୍ର ସ୍ୱାଇଁ, ଅନିଲ କୁମାର ପଟ୍ଟନାୟକ, ମୁରଲୀ କ୍ରିଷ୍ଣା ପଟ୍ଟନାୟକ ଓ ବି ଅରୁଣ ପାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଶ୍ରୀରାମ ମନ୍ଦିର ବାନ୍ଧନଘୋରରେ ପବିତ୍ର ସୀତା ନବମୀ ଉତ୍ସବ ଅନୁଷ୍ଠିତ

ବଲାଙ୍ଗୀର : ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ସ୍ଥିତ ଶ୍ରୀରାମ ମନ୍ଦିରରେ ପବିତ୍ର ସୀତା ନବମୀ ଅବସରରେ ମାତା ସୀତାଙ୍କର ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଶ୍ରୀରାମ ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟ ଦ୍ୱାରା ଅନୁଷ୍ଠିତ ଏହି ଉତ୍ସବରେ ରାମାୟଣ ପଠନ ଓ ବୈଠକୀ କୀର୍ତନ ଅନୁଷ୍ଠିତ ହୋଇଥିଲା । ସୀତା ନବମୀ, ଯାହାକୁ ଜାନକୀ ନବମୀ ବୋଲି ମଧ କୁହାଯାଏ । ମାତା ସୀତାଙ୍କର ଜନ୍ମ ଦିବସ ଭାବେ ପାଳନ କରାଯାଏ । ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ଶ୍ରୀରାମଙ୍କ ସହଧର୍ମିଣୀ ମାତା ସୀତା ଏହି ଦିନ ଆବିର୍ଭାବ ହୋଇଥିଲେ । ଏହା ବୈଶାଖ ମାସର ଶୁକ୍ଳ ପକ୍ଷର ନବମୀ ତିଥିରେ ପାଳନ କରାଯାଏ । ମିଥିଳା ସହିତ ଭାରତ ଓ ନେପାଳର ବିଭିନ୍ନ ସ୍ଥାନରେ ଏହାର ବିଶେଷ ମହତ୍ୱ ରହିଛି । ଏହି ଦିନଟିର ଆଧ୍ୟାତ୍ମିକ ଗୁରୁତ୍ୱ ବହୁତ, କାରଣ ସୀତା ଶୁଦ୍ଧତା, ଭକ୍ତି, ସହନଶୀଳତା ଓ ଧୈର୍ଯ୍ୟର ପ୍ରତୀକ । ଭକ୍ତମାନେ ବିଶେଷକରି ନାରୀମାନେ, ଉପବାସ କରି ପୂଜା କରନ୍ତି ଏବଂ ରାମାୟଣ ପାଠ କରି ପରିବାରର ସୁଖ-ଶାନ୍ତି, ଦାମ୍ପତ୍ୟ ଜୀବନ ଓ ଆତ୍ମିକ ଶକ୍ତି ପାଇଁ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ସୀତା ନବମୀ ଆମକୁ ଧର୍ମ, ତ୍ୟାଗ ଓ ଅତୁଟ ବିଶ୍ୱାସର ମୂଲ୍ୟ ବୁଝାଇଥାଏ । ଆଜିର ଉତ୍ସବରେ ଅଚ୍ୟୁତାନନ୍ଦ ମିଶ୍ର ଓ ତାଙ୍କର ଧର୍ମ ପତ୍ନୀ ରଶ୍ମି ରାଣୀ ମାତା ସୀତାଙ୍କର ପିତା ମାତା ଭୂମିକା ନିର୍ବାହ କରିଥିଲେ । ମନ୍ଦିରର ପୂଜକ ହିମାଂଶୁ ତ୍ରିପାଠୀଙ୍କ ଦ୍ୱାରା ପୂଜା ଓ ହୋମ ସମାପ୍ତ ହେବା ପରେ ପ୍ରସାଦ ସେବନ କରାଯାଇଥିଲା । ୨୦୧୯ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ମନ୍ଦିରରେ ପ୍ରତ୍ୟେକ ବର୍ଷ ସୀତା ନବମୀ ଉତ୍ସବ ମହାଆଡ଼ମ୍ବରରେ ପାଳନ କରାଯାଉଅଛି । ପ୍ରତ୍ୟେକ ବର୍ଷ ପରି ବାନ୍ଧନଘୋର ତଥା ଆଖପାଖ ଗ୍ରାମର ଭକ୍ତମାନେ ଏହି ଉତ୍ସବରେ ଉପସ୍ଥିତ ରହିଥିଲେ । ସମସ୍ତ କାର୍ଯ୍ୟକ୍ରମ ଟ୍ରଷ୍ଟର ମୁଖ୍ୟ ପରିଚାଳନା ଟ୍ରଷ୍ଟି ମନ୍ମୟ ଆନନ୍ଦ କୁମାର ତ୍ରିପାଠୀଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ହରେକୃଷ୍ଣ ବୁଡେକ, ଗଣ୍ଡରାମ ଗହୀର, ସୁରେଶ ବୁଡ଼େକ, ସତ୍ୟ ଗହୀର, ଚିଙ୍କୁ ପ୍ରଧାନ, ଶ୍ରୀମୟ ତ୍ରିପାଠୀ, ସର୍ବଜିତ ତ୍ରିପାଠୀ, ମୁଖୀ ମାଝୀ, ସବିତା ସାହୁ,ସବିତା ବୁଡେକ ଓ ଭୂମିସୁତା ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଅଦରକାରୀ ନଡ଼ିଆ କାଂଚିରେ ନିର୍ମାଣ ହୋଇଛି ଜଳପାତ୍ର ପକ୍ଷୀଙ୍କ ପାଇଁ ଜଳଦାନ, ଅଭିନବ ପ୍ରୟାସରେ ୧୦୦ ଗୋଟି ଗଛରେ ଲଗାଇଲେ

ବଲାଙ୍ଗୀର : ବଲାଙ୍ଗୀର ଜିଲ୍ଲା ଉତପ୍ତ ଜିଲ୍ଲା ଭାବେ ଓଡ଼ିଶାରେ ବେଶ ପରିଚିତ । ୪୪ ଡିଗ୍ରୀରୁ ଊର୍ଦ୍ଧ୍ୱ ହୋଇ ଥିବାରୁ ସହରରେ ଗୁଳୁଗୁଳି ସହ ତାତିର ଏବଂ ବିଜୁଳି କାଟକୁ ନେଇ ବଲାଙ୍ଗୀର ସହରରେ ଦିନକୁ ଦିନ ଜଙ୍ଗଲରେ ମହୁଲ ଫୁଲ ରପ୍ତାନିକୁ ପେଟ ପାଟଣା ପାଇଁ କିଛି ଲୋକ ଗଛ ଚାରିପଟେ ନିଆଁ ଲଗାଇ ଦେଇଥିବାରୁ ତାହା ସାରା ଜଙ୍ଗଲକୁ ବ୍ୟାପି ଯାଉଛି । ରାସ୍ତାଘାଟ, ଜିବଜନ୍ତୁ ଏଥିରେ ବାଦ ପଡ଼ିନାହିଁ । ଦୀର୍ଘ ଦୁଇ ତିନି ଦିନ ହେବ ମଠଖାଇ ଜଙ୍ଗଲରେ ଲାଗିଛି ନିଆଁ । ଗତ ଦୁଇଦିନ ତଳେ କଦଳିମୁଣ୍ଡା ପାର୍ଶ୍ୱ ମଣ୍ଡା ଜଙ୍ଗଲ ନିଆଁ ଲାଗିଥିବାରୁ ପକ୍ଷୀ ଓ ଜିବଜନ୍ତୁ ପାଣି ପାଇ ଆଉଟୁ ପାଉଟୁ ହେଉଥିବା ଜଣାଯାଇଛି । ଏ ନେଇ ବଲାଙ୍ଗୀର ସହରର କିଛି ଯୁବକ ସଚେତନ ଓ ଅଭିନୟ ପ୍ରୟାସ କରିଛନ୍ତି । ଅଦରକାରୀ ନଡ଼ିଆ କାଂଚିରୁ ନିର୍ମାଣ କରିଥିଲେ ଜଳପତ୍ର । ବିଜାଖମନ ପାର୍ଶ୍ୱ ଜଙ୍ଗଲ ଓ ବଣ୍ଡା ଜଙ୍ଗଲରେ ୧୦୦ ଗୋଟି ମାଟିପାତ୍ର ସମେତ ନଡିଆ କାଂଚିରେ ନିର୍ମାଣ ହୋଇଥିବା ପାତ୍ର ପକ୍ଷୀଙ୍କ ପାଇଁ ଜଳଦାନ କରିଛନ୍ତି । ଆଗକୁ ପାଟଣାଗଡ଼ ଜଙ୍ଗଲ ରାସ୍ତା, ସମ୍ବଲପୁର ରାସ୍ତ ଏବଂ ସୋନପୁର ରାସ୍ତାର ବିଭିନ୍ନ ଗଛର ଲଗାଇବେ ବୋଲି ସଂକଳ୍ପ ନେଇଛନ୍ତି । ଏହି ଅଭିନବ ପ୍ରୟାସ ଆଗକୁ ସଚେତନ କରିବା ପାଇଁ ବିଭିନ୍ନ ଘରମାନଙ୍କ ଛାତ ରେ ବିଭିନ୍ନ ସାମଗ୍ରୀ ପାତ୍ରରେ ଜଳଦାନ କରିବା ପାଇଁ ନିବେଦନ କରିଛନ୍ତି । କାରଣ ପକ୍ଷୀ ହେଉଛନ୍ତି ଆମ ହିନ୍ଦୁ ଧର୍ମର ପୂଜା ପାଉଛନ୍ତି ଯାହାକି ରାମାୟଣ ଏବଂ ଗରୁଡ଼ ପୁରାଣରେ ପକ୍ଷୀମାନଙ୍କ ସ୍ୱତନ୍ତ୍ରତା ରହିଛି । ପରିବେଶ ପାଇଁ ମଧ ଏମାନଙ୍କର ଅବଦାନ ରହିଛି । ଏହି ଅବସରରେ ପ୍ରଶାନ୍ତ ମହାକୁରଙ୍କ ନେତୃତ୍ୱରେ ଶମ୍ଭୁ ପ୍ରସାଦ ଶତପଥି, ରିଂଟୁ ସାହୁ, ସଂଜିବ ସାମଲ ସାମିଲ ଥାଇ ବିଭିନ୍ନ ଗଛମାନଙ୍କରେ ନଡ଼ିଆ କାଂଚିର ପାତ୍ର ଏବଂ ମାଟିପାତ୍ର ବାନ୍ଧି ପକ୍ଷୀଙ୍କ ପାଇଁ ଜଳ ପ୍ରଦାନ କରିଥିଲେ ଏବଂ ଅଭିନବ ପ୍ରୟାସ କରିଥିଲେ ।

# ଆଜି ବିଧାନସଭାର ସ୍ୱତନ୍ତ୍ର ଦିନିକିଆ ଅଧିବେଶନ




ଭୁବନେଶ୍ୱର : ଗୁରୁବାର ଓଡ଼ିଶା ବିଧାନସଭାର ବିଶେଷ ଦିନିକିଆ ଅଧିବେଶନ ଅନୁଷ୍ଠିତ ହେବ । ଏହା ପୂର୍ବରୁ ବୁଧବାର ସୁରକ୍ଷା ବ୍ୟବସ୍ଥାକୁ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି । ବିଧାନସଭା ପରିସରକୁ ତ୍ରିସ୍ତରୀୟ ସୁରକ୍ଷା ଘେରାରେ ରଖାଯିବ, ଯାହାଦ୍ୱାରା କୌଣସି ପ୍ରକାରର ଅପ୍ରୀତିକର ଘଟଣାକୁ ରୋକାଯାଇପାରିବ । ପୋଲିସ କମିଶନର ସୁରେଶ ଦେବଦତ ସିଂହ ବୁଧବାର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରି କହିଛନ୍ତି ଯେ ସମ୍ପୂର୍ଣ୍ଣ ଅଂଚଳରେ ୨୪ ଘଂଟିଆ କଂଟ୍ରୋଲ ରୁମ୍ ମାଧ୍ୟମରେ ନଜର ରଖାଯିବ । ଏହା ସହିତ ସିସିଟିଭି ନଜରଦାରିକୁ ମଧ୍ୟ ଆହୁରି ସୁଦୃଢ଼ କରାଯାଇଛି । ଅଧିବେଶନ ସମୟରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିବ । ଏଥିପାଇଁ ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ ,୧୦୦ ଅଫିସର ମୁତୟନ କରାଯିବା ସହ ଷ୍ଟ୍ରାଇକିଂ ଫୋର୍ସ, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ, ଅଗ୍ନିଶମ ବିଭାଗ ମଧ୍ୟ ଦାୟିତ୍ୱରେ ରହିବେ । ଅଧିବେଶନ ଆରମ୍ଭ ପୂର୍ବରୁ ବିଧାନସଭା ଓ ଆଖପାଖ ଅଂଚଳକୁ ପୋଲିସ ଛାଉଣି କରାଯିବା ସହ ବ୍ୟାରିକେଡିଂ କରାଯାଇଛି । ଲୋୟର ପିଏମଜି ରେ ୧୪୪ ଧାରା ଜାରି କରାଯିବ । ବିଧାନସଭା ଓ ତାକୁ ଲାଗି ରହିଥିବା ସଂଲଗ୍ନ ସ୍ଥାନଗୁଡିକୁ ସିସିଟିଭି ସର୍ଭେଲାନସ ରଖାଯିବ । ଏହା ସହିତ ସମ୍ପୂର୍ଣ୍ଣ ପୋଲିସ୍ ପ୍ରଶାସନର କଡ଼ା ନଜରରେ ରହିବ ବିଧାନସଭା ।

## ଅନ୍ତର୍ଜାତୀୟ ନୃତ୍ୟ ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଅନ୍ତର୍ଜାତୀୟ ନୃତ୍ୟ ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନ୍ତର୍ଜାତୀୟ ନୃତ୍ୟ ଦିବସ ଅବସରରେ ସମସ୍ତ ନୃତ୍ୟଶିଳ୍ପୀ ଓ କଳାପ୍ରେମୀଙ୍କୁ ମୋର ଆନ୍ତରିକ ଶୁଭକାମନା । ଆମ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ନିଜର ସାଧନା ମାଧ୍ୟମରେ ବିଶ୍ୱସ୍ତରରେ ପରିଚିତ କରାଇଥିବା ସମସ୍ତ କଳାକାରଙ୍କୁ ମୋର ଅଭିନନ୍ଦନ । ଏହି ଅବସରରେ ଆମର ମହାନ କଳାକୃତିକୁ ସଂରକ୍ଷିତ ରଖିବା ସହିତ ଏହାକୁ ନୂତନ ପିଢ଼ି ନିକଟରେ ପହଂଚାଇବା ପାଇଁ ଆସନ୍ତୁ ସଂକଳ୍ପବଦ୍ଧ ହେବା ।








## ବାରାଣସୀରେ କାଶୀ ବିଶ୍ୱନାଥ ମନ୍ଦିର ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ଦୁଇ ଦିନିଆ ବାରାଣସୀ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ବୁଧବାର ସକାଳେ ପ୍ରଧାନମନ୍ତ୍ରୀ କାଶୀ ବିଶ୍ୱନାଥ ମନ୍ଦିର ପରିଦର୍ଶନ କରିଛନ୍ତି । ବାବା ବିଶ୍ୱନାଥଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି । ବରେକାରୁ କାଶୀ ବିଶ୍ୱନାଥ ଯାଏଁ ରୋଡ୍ ଶୋ କରି ମୋଦି ମନ୍ଦିରରେ ପହଂଚିଥିଲେ । ଏହି ସମୟରେ ବିଜେପି ନେତା ଏବଂ କାର୍ଯ୍ୟକର୍ତାମାନେ ମୋଦିଙ୍କୁ ପୁଷ୍ପବର୍ଷା କରି ସ୍ୱାଗତ କରିଥିଲେ । ଢୋଲ-ନଗାଡା ଶବ୍ଦରେ ସାରା ସହର ପ୍ରକମ୍ପିତ ହୋଇ ଉଠିଥିଲା । କାଶୀ ବିଶ୍ୱନାଥ ମନ୍ଦିର ପରିସରରେ ମୋଦି ସେଠାରେ ଉପସ୍ଥିତ ଥିବା କୁନି କୁନି ପିଲାମାନଙ୍କ ସହ କଥା ହୋଇଥିଲେ । ହାତରେ ତ୍ରିଶୂଳ ଏବଂ ଡମ୍ବରୁ ଧରି ମୋଦି ମନ୍ଦିରରେ ଥିବା ଶ୍ରଦ୍ଧାଳୁଙ୍କୁ ଅଭିବାଦନ ଜଣାଇଥିଲେ । ପଣ୍ଡିତ ଓମ୍ ପ୍ରକାଶ ମିଶ୍ରଙ୍କ ସହ ୫ ଜଣ ବ୍ରାହ୍ମଣ ମୋଦିଙ୍କ ଷୋଡ଼ଶ ଉପଚାର ପୂଜା କରାଇଥିଲେ । ମୋଦିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ମନ୍ଦିରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ମୋଦି ମନ୍ଦିରରେ ପ୍ରବେଶ କରିବା ବେଳେ ୫୧ ଜଣ ବ୍ରାହ୍ମଣ ଶଙ୍ଖ ଫୁଙ୍କି ସ୍ୱାଗତ କରିଥିଲେ । ହର ହର ମହାଦେବ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇ ଉଠିଥିଲା ।

## ଖୋର୍ଦ୍ଧାର ରେଡିମେଡ୍ ଗାର୍ମେଂଟ୍ ମାନୁଫାକଚରିଂ ୟୁନିଟର ଉଦ୍‌ଘାଟନ କଲେ ଶିଳ୍ପ ମନ୍ତ୍ରୀ



ଭୁବନେଶ୍ୱର : ଖୋର୍ଦ୍ଧା ଜିଲ୍ଲାର କାଳିବେଟି ଠାରେ ରେଡିମେଡ୍ ଗାର୍ମେଂଟ୍ ମାନୁଫାକଚରିଂ ୟୁନିଟର ଉଦଘାଟନ କରିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ । ଏକ୍ସରେ ପୋଷ୍ଟ କରି ଶିଳ୍ପ ମନ୍ତ୍ରୀ ଲେଖିଛନ୍ତି ଆଜି ଖୋର୍ଦ୍ଧା ଜିଲ୍ଲାର କାଳିବେଟି ଠାରେ ଟ୍ରିମେଟ୍ରୋ ଗାର୍ମେଂଟସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍(ଏପିକ୍ ଗ୍ରୁପ୍)ର ରେଡିମେଡ୍ ଗାର୍ମେଂଟ୍ ମାନୁଫାକଚରିଂ ୟୁନିଟର ଶୁଭ ଉଦ୍‌ଘାଟନ କଲି । ପ୍ରାୟ ୩୭୬.୮୫ କୋଟି ଟଙ୍କାର ପୁଞ୍ଜିନିବେଶରେ ହୋଇଥିବା ଏହି ପ୍ରକଳ୍ପ ଦ୍ୱାରା ୭,୦୦୦ ରୁ ଅଧିକ ଓଡ଼ିଆ ଯୁବକଯୁବତୀ ରୋଜଗାର ସୁଯୋଗ ପାଇପାରିଛନ୍ତି । ସେଥିମଧ୍ୟରୁ ୯୦ ପ୍ରତିଶତ ହେଉଛନ୍ତି ମହିଳା, ଯାହା ରାଜ୍ୟରେ ମହିଳାମାନଙ୍କୁ ଆର୍ଥିକ ସଶକ୍ତ ତଥା ସ୍ୱାବଲମ୍ବୀ କରିବା ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ । ଏହି ଶିଳ୍ପକୁ ଆଧାର କରି ଆଗାମୀ ଦିନରେ ଖୋର୍ଦ୍ଧା ଓ ଏହାର ଆଖପାଖ ଅଂଚଳରେ ଅନେକ ଡାଉନଷ୍ଟ୍ରିମ୍, ଆନ୍‌ସିଲାରୀ ଓ ଏମ୍‌ଏସ୍‌ଏମ୍‌ଇ ଇଣ୍ଡଷ୍ଟ୍ରି ଗଢି ଉଠିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି ।ଏହା ଜିଲ୍ଲାର ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ସହ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ମଧ୍ୟ ସହାୟକ ହୋଇପାରିବ । ଆମ ସରକାର ପାରମ୍ପରିକ ଶିଳ୍ପ ସହିତ ନ୍ୟୁ-ଏଜ୍, ପରିବେଶ ଅନୁକୂଳ ଓ ଲେବର୍ ଇଂଟେନସିଭ୍ ଶିଳ୍ପ ପ୍ରତିଷ୍ଠାକୁ ଗୁରୁତ୍ୱ ଦେଉଛନ୍ତି । ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ଆଶା-ଆକାଂକ୍ଷା ଏବଂ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ 'ପୂର୍ବୋଦୟ' ପରିକଳ୍ପନାକୁ ବାସ୍ତବ ରୂପ ଦେବା ସହ ଓଡିଶାକୁ ସମଗ୍ର ଦେଶର ଅନ୍ୟତମ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଆମର ଲକ୍ଷ୍ୟ । ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ଯୋଜନା କମିଟିର ଅଧକ୍ଷ ତଥା ଖୋର୍ଦ୍ଧାର ବିଧାୟକ ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ ଉପସ୍ଥିତ ଥିଲେ ।

## କଳିଙ୍ଗନଗର ଶିଳ୍ପାଂଚଳ ଓ ସହରାଂଚଳ ବିକାଶ ପ୍ରକଳ୍ପର ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ




ଭୁବନେଶ୍ୱର : ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଇଡ୍‌କୋ ଅଧକ୍ଷା ଶ୍ରୀମତୀ ଉଷା ପାଢ଼ୀ ବୁଧବାର ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଂଚଳରେ ଏକ ବ୍ୟାପକ କ୍ଷେତ୍ରସ୍ତରୀୟ ପରିଦର୍ଶନ କରି ଭୂମି ବିକାଶ, ରଣନୈତିକ ଭିତିଭୂମି ପଦକ୍ଷେପ ଓ ଜିଲ୍ଲାର ସହରାଂଚଳ ବିକାଶ ପ୍ରକଳ୍ପମାନଙ୍କର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ପରିଦର୍ଶନର ମୂଳ ଉଦ୍ଦେଶ୍ୟ ଥିଲା ଶିଳ୍ପ ଅଭିବୃଦ୍ଧି ଓ ସହରାଂଚଳ ଭିତିଭୂମି ମଧ୍ୟରେ ସମନ୍ୱୟ ସୃଷ୍ଟି କରି ଏକ ସୁସଂଘଟିତ ଓ ନିବେଶ-ଅନୁକୂଳ ପରିବେଶ ଗଢ଼ି ତୋଳିବା । ପରିଦର୍ଶନ କାର୍ଯ୍ୟକ୍ରମ ଅଳିଜଙ୍ଗା ଅଂଚଳର ପ୍ରାୟ ୬୦୦ ଏକର ଜମିର ଅନୁଧାନରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ଭୂମି ବିକାଶର ଅବସ୍ଥା, ଲେଆଉଟ୍ ପ୍ଲାନିଂ ଏବଂ ଭବିଷ୍ୟତ ଶିଳ୍ପ ନିବେଶ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା । ପରେ ସେ ସୁକୁଟିଝରା ଅଂଚଳ ପରିଦର୍ଶନ କରି ଶିଳ୍ପ ସମ୍ପ୍ରସାରଣ ପାଇଁ ଏହି ଅଂଚଳଗୁଡ଼ିକର ସମ୍ଭାବନା, ଭିତିଭୂମି ସୁବିଧା ଓ ସଂଯୋଗ ସୃଷ୍ଟିର ପରିସ୍ଥିତି ଉପରେ ମୂଲ୍ୟାଙ୍କନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଅମ୍ବର କର, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ମିଶ୍ର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଶ୍ରୀମତୀ ପାଢ଼ୀ ଟାଟା ଷ୍ଟିଲ୍ ର ଡି.ବି. ପ୍ଲଟ୍ ନଂ–୨ ପରିଦର୍ଶନ କରିଥିଲେ । ସେଠାରେ ଶିଳ୍ପ ସଂସ୍ଥାପନାର ପ୍ରଗତି, ଭିତିଭୂମି ସୁବିଧା ଓ ଲଜିଷ୍ଟିକ୍ସ ସମ୍ବନ୍ଧୀୟ ବିଷୟରେ ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ୍ ପକ୍ଷରୁ ତାଙ୍କୁ ବିସ୍ତୃତ ବ୍ରିଫିଂ ଦିଆଯାଇଥିଲା ।

## ଇଗ୍ନୋ ଭୁବନେଶ୍ୱରରେ ପ୍ରଥମ କ୍ୟାମ୍ପସ୍ ପ୍ଲେସମେଂଟ ଡ୍ରାଇଭ୍, ଛାତ୍ରଛାତ୍ରୀଙ୍କ ପାଇଁ ନିଯୁକ୍ତିର ନୂଆ ଅବସର

ଭୁବନେଶ୍ୱର : ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଆଂଚଳିକ କେନ୍ଦ୍ର ଭୁବନେଶ୍ୱର, ଇଗ୍ନୋ ଆଂଚଳିକ କେନ୍ଦ୍ର ରାଇରଙ୍ଗପୁର ସହ ମିଳିତ ଭାବେ, ଇଗ୍ନୋ ଶିକ୍ଷାର୍ଥୀମାନଙ୍କ ପାଇଁ ୩୦ ଏପ୍ରିଲ ୨୦୨୬ରେ ପ୍ରଥମ ସ୍ୱତନ୍ତ୍ର କ୍ୟାମ୍ପସ୍ ପ୍ଲେସମେଂଟ ଡ୍ରାଇଭ୍ ଆୟୋଜନ କରୁଛି । "କ୍ୟାମ୍ପସ୍ ଟୁ କର୍ପୋରେଟ୍ " କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଶିକ୍ଷାଗତ ଶିକ୍ଷା ଓ ଶିଳ୍ପ ଆବଶ୍ୟକତା ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବା । ଏହି ପ୍ଲେସମେଂଟ ଡ୍ରାଇଭ୍ରେ ନିଯୁକ୍ତିଦାତା ସଂସ୍ଥା ଭାବେ ମୋଡାଇନ୍ ଥର୍ମାଲ୍ ପ୍ରାଇଭେଟ୍ ଲିମିଟେଡ୍ ଅଂଶଗ୍ରହଣ କରୁଛି । ଥର୍ମାଲ୍ ପରିଚାଳନା ସମାଧାନ କ୍ଷେତ୍ରରେ ବିଶ୍ୱସ୍ତରରେ ପରିଚିତ ଏହି କମ୍ପାନୀ ଅଟୋମୋଟିଭ୍, ଶିଳ୍ପ ଏବଂ ବାଣିଜ୍ୟିକ ପ୍ରୟୋଗ ପାଇଁ ଅଭିନବ ଗରମ ଓ କୁଲିଂ ପ୍ରଯୁକ୍ତିରେ ବିଶେଷଜ୍ଞତା ରଖେ । ଏହି ଡ୍ରାଇଭ୍ ପୂର୍ବରୁ ଶିଳ୍ପ ବିଶେଷଜ୍ଞମାନଙ୍କ ନେତୃତ୍ୱରେ ୧୦ଟି ସରଂଚିତ ପ୍ରଶିକ୍ଷଣ ଅଧିବେଶନ ଆୟୋଜିତ ହୋଇଥିଲା । ଏଥିରେ ଶିକ୍ଷାର୍ଥୀମାନଙ୍କୁ ଯୋଗାଯୋଗ କୌଶଳ, ବୃତିଗତ ଦକ୍ଷତା ଓ କର୍ମକ୍ଷେତ୍ର ପ୍ରସ୍ତୁତି ସମ୍ପର୍କିତ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାର୍ଥୀମାନେ ସିଧାସଳଖ ଶିଳ୍ପ ସଂଯୋଗ, କର୍ପୋରେଟ୍ ସଂସ୍କୃତି ଓ ଦୀର୍ଘକାଳୀନ କ୍ୟାରିଅର୍ ବିକାଶ ସମ୍ପର୍କରେ ଅନୁଭବ ଲାଭ କରୁଛନ୍ତି । ଏହା ସହିତ, ଇଗ୍ନୋ ଆଂଚଳିକ କେନ୍ଦ୍ର ଭୁବନେଶ୍ୱର ଫେବୃଆରୀ ୨୦୨୬ରେ ଉଇନିଆରସ ଫୋରମ୍ ସହଯୋଗରେ ଏବଂ ଜଗଦମ୍ବା ପଲିମର୍ସ ଲିମିଟେଡ୍ର ସମର୍ଥନରେ "I2O – Ideation to Organization Entrepreneurship Development Programme" ସଫଳତାର ସହିତ ଆୟୋଜନ କରିଥିଲା । ସାତଜଣ ବିଶେଷଜ୍ଞଙ୍କ ଦ୍ୱାରା ଆଠଟି ଅଧିବେଶନରେ ଧାରଣା ବିକାଶ, ପ୍ରଯୁକ୍ତି ଗ୍ରହଣ, ବୌଦ୍ଧିକ ସମ୍ପତି, ବଜାର ବୈଧତା ଓ ନିବେଶକ ପିଚିଂ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ୪୦୮ରୁ ଅଧିକ ଅଂଶଗ୍ରହଣକାରୀ ଏଥିରେ ସକ୍ରିୟ ଭାଗ ନେଇଥିଲେ । କାର୍ଯ୍ୟକ୍ରମର ଅଂଶ ଭାବେ ଅଂଶଗ୍ରହଣକାରୀମାନେ କିଟ୍ ଟେକ୍ନୋଲୋଜି ବିଜନେସ୍ ଇନକ୍ୟୁବେଟର ମଧ୍ୟ ପରିଦର୍ଶନ କରିଥିଲେ । ଶେଷ ପର୍ଯ୍ୟାୟରେ ଆୟୋଜିତ ଡେମୋ ଡେରେ "ଓଡ୍ରା ବୋଲ୍ସ" ଏବଂ "ଇନୋ ମାଇଣ୍ଡ ବାୟୋ-ଫିଜିକ୍ସ ସଲ୍ୟୁସନ୍ସ"କୁ ଉଚ୍ଚ ସମ୍ଭାବନାମୟ ଷ୍ଟାର୍ଟଅପ୍ ଭାବେ ଚିହ୍ନଟ କରାଯାଇଥିଲା । ଏହି ପଦକ୍ଷେପଗୁଡ଼ିକ ନିଯୁକ୍ତି ଏବଂ ଉଦ୍ୟୋଗ ଉଭୟ ପାଇଁ ଦକ୍ଷତା ସହ ଶିକ୍ଷାର୍ଥୀମାନଙ୍କୁ ସଶକ୍ତ କରିବା ପାଇଁ ଇଗ୍ନୋର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ଇଗ୍ନୋ ଆଂଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଂଚଳିକ ନିର୍ଦ୍ଦେଶକ ଡ. ଏମ୍ କେ ଦାଶ ମତ ଦେଇଛନ୍ତି ।

# ଆଇପିଏଲ-୨୦୨୬ : ହାଇଦ୍ରାବାଦ୍ ଆଗରେ ୨୪୪ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ମୁମ୍ବାଇ



ମୁମ୍ବାଇ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୧ ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍‌ସ ଏବଂ ସନରାଇଜର୍ସ ହାଇଦ୍ରାବାଦ୍ ମୁହାଁମୁହିଁ ହୋଇଛନ୍ତି । ୱାଙ୍ଖେଡେ ଷ୍ଟାଡିୟମରେ ଟସ୍ ଜିଣି ଆୟୋଜକ ମୁମ୍ବାଇ ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲା । ଦଳ ନିଜର ରଣନୀତି ଅନୁସାରେ ବ୍ୟାଟିଂ କରିଛି । ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ ହରାଇ ୨୪୩ ରନ୍ ସଂଗ୍ରହ କରଛି । ଫଳରେ ହାଇଦ୍ରାବାଦକୁ ୨୪୫ ରନ୍‌ର ବିଜୟ ଲକ୍ଷ୍ୟ ମିଳିଛି । ମୁମ୍ବାଇର ସ୍କୋରରେ ପ୍ରାରମ୍ଭିକ ବ୍ୟାଟର ରେୟାନ ରିକେଲ୍ଟନଙ୍କ ଶତକ ସାମିଲ ଅଛି । ମୁମ୍ବାଇ ପାଇଁ ୱିଲ୍ ଜାକ୍ସ ଏବଂ ରେୟାନ ରିକେଲ୍ଟନ ବ୍ୟାଟିଂ ଆରମ୍ଭ କରିଥିଲେ । ଉଭୟ ଖେଳାଳି ଏକ ଭଲ ଆରମ୍ଭ କରିଥିଲେ । ଦଳୀୟ ସ୍କୋରକୁ ପ୍ରଥମ ୱିକେଟରେ ୯୩ ରନ୍‌ରେ ପହଂଚାଇଥିଲେ । ଏଥିରୁ ଜ୍ୟାକ୍‌ଙ୍କ ବ୍ୟକ୍ତିଗତ ସ୍କୋର ୪୬ ରନ୍ ଥିଲା, ଯିଏକି ୨୨ଟି ବଲ୍ ଖେଳି ୫ଟି ଚୌକା ଏବଂ ୩ଟି ଛକା ମାରିଥିଲେ । ମୁମ୍ବାଇର ବଡ଼ ସ୍କୋରରେ ରେୟାନ ରିକେଲ୍ଟନଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ସାମିଲ ଥିଲା । ସେ ଅପରାଜିତ ରହି ୫୫ଟି ବଲ୍ ଖେଳି ୧୨୩ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୧୦ଟି ଚୌକା ଏବଂ ୮ଟି ଛକା ସାମିଲ ରହିଛି । ହାଇଦ୍ରାବାଦର ଦ୍ୱିତୀୟ ଶିକାର ହୋଇଥିଲେ ସୂର୍ଯ୍ୟକୁମାର ଯାଦବ । ଦଳର ସ୍କୋର ୧୧୦ ରନ୍ ଥିଲା ବେଳେ ସେ ୫ରନ୍ କରି ଆଉଟ୍ ହୋଇ ପାଭିଲିଅନ ଫେରିଥିଲେ । ମୁମ୍ବାଇ ତୃତୀୟ ୱିକେଟ୍ ଭାବେ ନମନ ଧୀରଙ୍କୁ ହରାଇ ଥିଲା । ନମନ ୧୭ଟି ବଲ୍ ସାମ୍ନା କରିଥିଲେ ଏବଂ ୩ଟି ଚୌକା ବଳରେ ୨୨ ରନ୍ ସଂଗ୍ରହ କରିଥିଲେ । ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୫ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ବଳରେ ୩୧ ରନ୍ ସଂଗ୍ରହ କରିଥିଲେ ।


10001/89/2627

## ଅଂଶୁଘାତ ସତର୍କତା

### ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



### ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

### ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/10003/2/26-27/0008


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**